


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-53 ◆SUNDAY ◆17 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୩ ◆ରବିବାର ◆୧୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)



ବର୍ଷା ବିପ୍ତି

## ପ୍ରଳୟଙ୍କରୀ ବନ୍ୟା
# ଉତ୍ତର ପାକିସ୍ତାନରେ ୩୪୪ ମୃତ

■ **ଇସଲାମାବାଦ୍, ୧୬।୮ (ଏଜେନ୍ସି):** ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାକିସ୍ତାନର ଉତ୍ତରାଞ୍ଚଳ ଧ୍ୱସ୍ତ ହୋଇଯାଇଛି। ଶତାଧିକ ଗାଁ ଭାସିଯାଇଥିବା ବେଳେ ରାସ୍ତାଗୁଡ଼ିକ ଭୁଶୁଡ଼ି ପଡ଼ିଛି। ଏହି ବିପର୍ଯ୍ୟୟରେ ଗତ ୪୮ ଘଣ୍ଟା ମଧ୍ୟରେ ୩୪୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାରରୁ ଅଧିକ ଆହତ ହୋଇଛନ୍ତି। ଖାଇବର ପଖତୁନଖୱାରେ ସର୍ବାଧିକ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ବିଭିନ୍ନ ନଦୀରେ ଆସିଥିବା ବନ୍ୟା କାରଣରୁ କେବଳ ଏହି ଅଞ୍ଚଳରେ ୩୦୭ ଜଣ ମୃତ୍ୟୁବରଣ କରିଛନ୍ତି। ଏହି ଅଞ୍ଚଳରେ ଅନେକ ଗାଁ ପାଣିରେ ବୁଡ଼ି ନିଶ୍ଚିହ୍ନ ହୋଇଯାଇଛି। ଏବେ ବି ପ୍ରବଳ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି। ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଏକ ହେଲିକପଟର ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନେକ ଅଞ୍ଚଳ ▶ପୃଷ୍ଠା-୭



## କିସ୍ତୱାର ବିପର୍ଯ୍ୟୟ
# ୬୫ ମୃତ, ଏବେ ବି ୨୦୦ ନିଖୋଜ



■ **ଶ୍ରୀନଗର, ୧୬।୮ (ଏଜେନ୍ସି):** ଜମ୍ମୁ- କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷା ଯୋଗୁଁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୬୫ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଗଲାଣି। ମାଟିତଳେ ଏବେ ବି ଶତାଧିକ ଲୋକ ଦବି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ନିଖୋଜ ରହିଥିବା ଅତିକମରେ ୨୦୦ ଲୋକଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି ଏବଂ ଏଥିରେ ସେନାକୁ ନିୟୋଜିତ କରାଯାଇଛି।

ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୪ ତାରିଖରେ ବାଦଲଫଟା ବର୍ଷା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ବଡ଼ ଧରଣର ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ମିଳିଥିଲା। ପାଣିରେ ଶତାଧିକ ଘର ଭାସି ଯାଇଥିବା ବେଳେ ଭୂସ୍ଖଳନରେ ଅନେକ ଘର ଓ ଲୋକେ ମାଟି ତଳେ ଚାପି ହୋଇରହିଛନ୍ତି। କିସ୍ତୱାର ଜିଲ୍ଲାର ଚୋସିତି ଗ୍ରାମ ଧ୍ୱଂସ ହୋଇଯାଇଛି। ▶ପୃଷ୍ଠା-୭

# ଆଶା ବଢ଼ାଇଲା ଆଲାସ୍କା

## ଆମେରିକା-ରୁଷ୍-ୟୁକ୍ରେନ୍ ତ୍ରିପାକ୍ଷିକ ବୈଠକ ହେବ

■ **ୱାଶିଂଟନ, ୧୬।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ବହୁଚର୍ଚ୍ଚିତ ଆଲାସ୍କା ଶିଖର ବୈଠକ ଶେଷ ହୋଇଛି। ଉଭୟ ନେତା ପ୍ରାୟ ତିନି ଘଣ୍ଟା ଧରି ଆଲୋଚନା କରିଛନ୍ତି। ସାରା ବିଶ୍ୱର ନଜର ଥିବା ଏହି ବୈଠକରେ ଦୁଇ ନେତା ବିଶେଷ କରି ୟୁକ୍ରେନ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି। ୟୁକ୍ରେନ ଯୁଦ୍ଧରେ ଅସ୍ତ୍ରବିରତି ଅପେକ୍ଷା ସ୍ଥାୟୀ ଶାନ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କଥାବାର୍ତ୍ତା ନେଇ ଦୁଇ ନେତା ସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାୟୀ ଶନ୍ତି ପାଇଁ ଟ୍ରମ୍ପ, ପୁତିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହେବ। ସେହି ବୈଠକ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ତେବେ ଆଲାସ୍କା ବୈଠକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହେଲା ଯେ ଭାରତ ଉପରେ ଟ୍ରମ୍ପ ଆଉ ଅଧିକ ୨୫ ଭାଗ ଶୁଳ୍କ ଧାର୍ଯ୍ୟ କରିନପାରନ୍ତି ବୋଲି ସୂଚନା ଦେଇଛନ୍ତି।

**ତିନି ଘଣ୍ଟା ଚାଲିଲା ଟ୍ରମ୍ପ-ପୁତିନ ବୈଠକ**

**ସୋମବାର ଆମେରିକା ଯିବେ ଜେଲେଁସ୍କି**



ଗତକାଲି ଆମେରିକାର ଆଲାସ୍କାରେ ଟ୍ରମ୍ପ ଓ ପୁତିନ ଏକାଠି ହୋଇଥିଲେ। ଏହାପରେ ଦୁଇ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ବୈଠକ ସକାରାତ୍ମକ ଥିଲା ବୋଲି ଟ୍ରମ୍ପ କହିଛନ୍ତି। କେତୋଟି ବିଷୟରେ ଦୁହେଁ ସହମତି ଜଣାଇଥିଲେ। କିନ୍ତୁ ଏହି ହାଇପ୍ରୋଫାଇଲ ବୈଠକରେ କୌଣସି ଚୁକ୍ତି ବା ଡିଲ୍ ହୋଇନାହିଁ। ବୈଠକ ସକାରାତ୍ମକ ହୋଇଥିଲେ ମଧ୍ୟ ଅନ୍ତିମ ବୁଝାମଣା ହୋଇନାହିଁ ବୋଲି ଟ୍ରମ୍ପ କହିଛନ୍ତି। ସେହିପରି ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ହେଲେ ତାହାର ଅସଲ କାରଣକୁ ଶେଷ କରିବାକୁ ହେବ ବୋଲି ପୁତିନ କହିଛନ୍ତି। ଯଦି ୨୦୨୨ରେ ଟ୍ରମ୍ପ ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ଯୁଦ୍ଧ ▶ପୃଷ୍ଠା-୭

## ରୁଷଠାରୁ ତୈଳ କ୍ରୟ ଉପରେ କଟକଣା ଲାଗିବନି: ଟ୍ରମ୍ପ

■ **ଆଲାସ୍କା, ୧୬।୮ (ଏଜେନ୍ସି):** ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ସେ କହିଛନ୍ତି ଯେ ରୁଷ୍‌ଠାରୁ ତୈଳ କିଣୁଥିବା ଦେଶ ଉପରେ ଏବେ କୌଣସି କଟକଣା ଲଗାଇବାକୁ ବିଚାର କରୁନାହୁଁ। ଦୁଇ ତିନି ସପ୍ତାହ ପରେ ଏହା ଉପରେ ବିଚାର କରିବାକୁ ପଡ଼ିପାରେ। ସେହିପରି ରୁଷ୍ ସହ ତୈଳ ବ୍ୟବସାୟ କରିବାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏକ ବଡ଼ ତୈଳ ଗ୍ରାହକ ହରାଇଛି। ଚୀନ୍ ଉପରେ ଏଭଳି ଶୁଳ୍କ ଲଗାଇଲେ ରୁଷ୍ ପାଇଁ ବିଧ୍ୱଂସକ ସାବ୍ୟସ୍ତ ହେବ। ଆବଶ୍ୟକ ପଡ଼ିଲେ ଏହି ଶୁଳ୍କ ଲଗାଇବି, କିନ୍ତୁ ଲାଗୁଚି ଏପରି କରିବାକୁ ପଡ଼ିବ ନାହିଁ। ସୂଚନାଯୋଗ୍ୟ ଯେ ରୁଷ ତୈଳ ଏବଂ ଅସ୍ତ୍ରଶସ୍ତ୍ର କିଣିବାକୁ ନେଇ ଗତ ୬ ତାରିଖରେ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ଥିଲେ। ଏହା ୨୭ ତାରିଖରୁ କାର୍ଯ୍ୟକାରୀ ହେବ। ଏହାକୁ ମିଶାଇ ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଲେଣି। ତେବେ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ରୁଷ୍‌ରୁ ତୈଳ କ୍ରୟ ଉପରେ କୌଣସି କଟକଣା ଲଗା ଯାଇନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ତେବେ ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଭାରତ ଆଶ୍ୱସ୍ତ ହୋଇଛି। ଆଉ ଅଧିକ ଶୁଳ୍କ ଲାଗିନପାରେ।

# ୨୮ରେ ନୂଆଁଖାଇ

■ **ସମ୍ବଲପୁର, ୧୬।୮ (ସମିସ):** ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୮ ତାରିଖ, ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀତିଥି (ଗୁରୁବାର) ପୂର୍ବାହ୍ଣ ୧୦ଟା ୩୩ମିନିଟ୍‌ରୁ ୧୦ଟା ୫୫ମିନିଟ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ। ଏହି କ୍ରମରେ ଶନିବାର ଅପରାହ୍ଣରେ ନନ୍ଦୋତ୍ସବ ଅବସରରେ ଝାଡୁଆପଡ଼ାସ୍ଥିତ ଶ୍ରୀଶ୍ରୀବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ ପଣ୍ଡିତମାନଙ୍କ ବୈଠକରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ପାଇଁ ଶୁଭଲଗ୍ନ ନିର୍ଣ୍ଣୟ ହୋଇଛି। ପଣ୍ଡିତସଭାରେ ନିରୂପଣ କରାଯାଇଥିବା ଲଗ୍ନ ପତ୍ରକୁ ପଣ୍ଡିତ ଓ ଟ୍ରଷ୍ଟବୋର୍ଡ ସଭ୍ୟମାନେ ସମଲେଶ୍ୱରୀ ମନ୍ଦିରରେ ନେଇ ପହଞ୍ଚାଇଥିଲେ।



**୧୦:୩୩ ରୁ ୧୦:୫୫ ଲାଗିହେବ ନବାନ୍ନ**

ବ୍ରହ୍ମପୁରା ମନ୍ଦିରର ଟ୍ରଷ୍ଟି ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ, ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତମାନେ ଯୋଗ ଦେଇଥିଲେ।

ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଦସ୍ୟ ସରୋଜ ଦଲପତ, ସୁଶାନ୍ତ ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥୀ ମିଶ୍ର, ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ମନୋଜ ମିଶ୍ର, ସ୍ୱଭେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହୀ ଓ ଅଭିଷେକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡା ଯୋଗ ଦେଇଥିଲେ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଆସନ୍ତା ଅଗଷ୍ଟ ୨୮ ତାରିଖ ପଶ୍ଚିମ ଓଡ଼ିଶା ତଥା ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରାଯିବ। ଇଷ୍ଟଦେବୀମାନଙ୍କ ଲଗ୍ନ ଅନୁଯାୟୀ ନୂଆଁ ଚାଉଳ ଅର୍ପଣ ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ।

## ଆସୁଛି ଆଉ ଏକ ଲଘୁଚାପ
# ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୬।୮ (ସମିସ):** ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ରପ୍ରଦେଶ ଉପକୂଳରେ ଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ହୋଇଛି। ଉପର ବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଆଡ଼କୁ ବିସ୍ତାରିତ ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୯ ତାରିଖ ଯାଏଁ ପ୍ରବଳ ବର୍ଷା ସହ ଝଡ଼ି ପବନ ଓ ବିଜୁଳି ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ୱାର୍ଣ୍ଣିଂ ଜାରି କରିଛି। ଆଗକୁ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ଆସନ୍ତାକାଲିଠାରୁ ବର୍ଷା ଆହୁରି ବଢ଼ିବ।



**ଆସନ୍ତାକାଲି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

ପ୍ରବଳ ବର୍ଷା ସାଙ୍ଗକୁ ଝଟ୍‌କା ପବନ ଓ ବିଜୁଳି ଘଡ଼ଘଡ଼ି ପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ଝଟ୍‌କା ପବନ ହେବା ନେଇ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଅସଦାଚରଣ ଓ ନିର୍ଯାତନା
# ୨ ଭିସୁଟ୍ ପ୍ରଫେସର ନିଲମ୍ବିତ

■ **ସମ୍ବଲପୁର, ୧୬।୮ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରିପୋର୍ଟ ଦାଖଲ କରିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ପ୍ରଫେସରଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ଜଣେ ପିଏଚ୍‌ଡି ଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ବେଳେ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବନ ଆଦେଶନାମାକୁ ସାର୍ବଜନୀନ କରି ନଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ ଏହି ବିଷୟରେ କୌଣସି ମତମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

ପ୍ରାୟ ତିନିମାସ ତଳେ ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ନିର୍ଯାତନା ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ବିରୋଧରେ କୌଣସି ▶ପୃଷ୍ଠା-୭

# ଗଠନ ହେବ ୧୨ ନୂତନ ଏନ୍‌ଏସି

■ **ଭୁବନେଶ୍ୱର, ୧୬।୮ (ସମିସ):** ରାଜ୍ୟର ୭ ଜିଲ୍ଲାରେ ଆଉ ୧୨ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ହେବ। ଏନେଇ ଶନିବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩ଟି ଏନ୍‌ଏସି ଗଠନ ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ ଏବଂ ସମ୍ବଲପୁର ଜିଲ୍ଲାରେ ୨ଟି ଲେଖାଏଁ ଏନ୍‌ଏସି ଗଠନ ହେବ। ସେହିପରି ଅନୁଗୋଳ, ସୁବର୍ଣ୍ଣପୁର ଏବଂ ରାୟଗଡ଼ାରେ ଗୋଟିଏ ଲେଖାଏଁ ଏନ୍‌ଏସି ଗଠନ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଅନୁଗୋଳର ପାଲଲହଡ଼ା, ସୋନପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ଚିତ୍ରଡ଼ା ଓ ବାଙ୍ଗିରିପୋଷି, ରାୟଗଡ଼ାର ବିଷମ କଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି ଏବଂ ଭଦ୍ରକ ଜିଲ୍ଲାର ତିହିଡି ଓ ଧୁଷୁରୀ ନୂଆ ଏନ୍‌ଏସି ତାଲିକାରେ ସ୍ଥାନ ପାଇଛି।

ଗତକାଲି ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୨୧ ନୂଆ ଏନ୍‌ଏସି ଗଠନ ନେଇ ଘୋଷଣା କରିଥିଲେ। ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହିତ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଆଜି ପ୍ରକାଶିତ ଚିଠା ବିଜ୍ଞପ୍ତିରେ ୧୨ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୪ ଏନ୍‌ଏସି ଗଠନ ହେବ ବୋଲି ୨୪ ଫେବୃଆରୀ ୨୦୨୪ ମସିହାରେ ଘୋଷଣା କରିଥିଲେ।


**ନବୀନ ଘୋଷଣା କରିଥିଲେ ୫୬**

**ନୂଆ ସରକାର କମାଇଦେଲେ ୪୪**

ଏହା ସହ ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିରେ ପରିବର୍ତ୍ତନ କରାଯାଇଥାନ୍ତା। ସେହିପରି ୧୩ଟି ଜିଲ୍ଲା ପାଇଁ ୨୨ଟି ଏନ୍‌ଏସି ଗଠନ ହେବ ବୋଲି ମାର୍ଚ୍ଚ ୨୦୨୪ ମସିହାରେ ଘୋଷଣା କରାଯାଇଥିଲା। ସାମାଜିକ ଏବଂ ଅର୍ଥନୈତିକ ଉନ୍ନତି ଏବଂ ଲୋକଙ୍କ ଦାବିକୁ ▶ପୃଷ୍ଠା-୭

## ପ୍ରେମ ପାଇଁ ସାଙ୍ଗ ସାଜିଲେ ବଇରୀ
# ଘରୁ ଡାକିନେଇ ହାଣିଦେଲେ

■ **ଜଟଣୀ, ୧୬।୮ (ସମିସ):** ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଜଟଣୀ ଅଞ୍ଚଳରେ ଗତକାଲି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଯାଇଛି। ପ୍ରେମ ପାଇଁ ସାଙ୍ଗ ବଇରୀ ସାଜି ଘରୁ ଡାକିନେଇ ଆଉ ଜଣେ ସାଙ୍ଗକୁ ଖଣ୍ଡାରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ବାଛରା ତଳସାହିର ଶୁଭରଞ୍ଜନ ବାରିକ ଓରଫ୍ ପେଣ୍ଟୁଙ୍କ ସମେତ ଅନ୍ୟ ଦୁଇ ଜଣ ନାବାଳକଙ୍କୁ ଗିରଫ କରିଛି।




ପୁଲିସ ସୂଚନା ଅନୁଯାୟୀ, ଗୋଡ଼ାଧର୍ମସାଗରର ସ୍ମୃତି ରଞ୍ଜନ ନାୟକ(୧୯) ଏବଂ ତା'ର ଅନ୍ୟ ଜଣେ ନାବାଳକ ସାଙ୍ଗ ଗୋଟିଏ ଝିଅକୁ ପ୍ରେମ ନିବେଦନ କରି ଆସୁଥିଲେ। ସ୍ମୃତିରଞ୍ଜନ ସୋସିଆଲ ମିଡିଆରେ ଉକ୍ତ ଝିଅକୁ ପ୍ରେମ ନିବେଦନ କରିଥିବା ଜାଣିବା ପରେ ତା' ପ୍ରେମିକାର ପିଛା ଛାଡ଼ିଦେବାକୁ ଅଭିଯୁକ୍ତ ନାବାଳକ ତାକୁ ଧମକ ଦେଇ ଆସୁଥିଲା। ଏହି ଧମକପୂର୍ଣ୍ଣ ମେସେଜ୍ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ▶ପୃଷ୍ଠା-୭

# ସମ୍ପତ୍ତି ପାଇଁ ପୁଅକୁ ପୋଡ଼ିଦେଲେ

■ **ଭୁବନେଶ୍ୱର/ବାଲିପାଟଣା, ୧୬।୮ (ସମିସ):** ସମ୍ପତ୍ତି ପାଇଁ ପୁଅକୁ ପୋଡ଼ି ମାରିଦେଲେ। ବାଲିପାଟଣା ବ୍ଲକ ସରିପୁର ଗାଁରେ ଗତ ଶୁକ୍ରବାର ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଜ୍ୟୋତିରଞ୍ଜନ ମଠିଆ। ଏହି ଘଟଣାରେ ବାଲିପାଟଣା ପୁଲିସ୍ ଅଭିଯୁକ୍ତ ବାପା ସୁରେନ୍ଦ୍ରନାଥ ମଠିଆ, ସାବତ ମାଆ ପ୍ରଭାତୀ ମଠିଆ ଓ ସାନ ଭାଇ ପ୍ରଶାନ୍ତ ମଠିଆଙ୍କୁ ଗିରଫ କରିଛି। ଜ୍ୟୋତିରଞ୍ଜନଙ୍କ ମୃତ୍ୟୁକାଳୀନ ବୟାନ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଅଧିକ ପଚରାଉଚରା ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କହିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍‌ଏସ୍ ଦଫା ୧୧୮(୨), ୧୦୯, ୧୦୩/୩(୫)ରେ ଦଫା ଲଗାଇ କୋର୍ଟଚାଲାଣ କରାଯାଇଛି। ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



**ବାପା, ସାବତ ମା' ଏବଂ ସାବତ ଭାଇ ଗିରଫ**



ପୁଲିସ୍ ସୂଚନାନୁଯାୟୀ, ଛୋଟ ବେଳେ ଜ୍ୟୋତିରଞ୍ଜନଙ୍କ ମା'ଙ୍କର ମୃତ୍ୟୁ ପରେ ବାପା ସୁରେନ୍ଦ୍ରନାଥ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ସାବତ ମା' ଘରେ ପାଦ ଦେବା ପରଠାରୁ ଜ୍ୟୋତିଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ଏପରିକି, ଶେଷରେ ସୁରେନ୍ଦ୍ରନାଥ ନିଜର ସବୁ ସମ୍ପତ୍ତି ସାନପୁଅ ନାଁରେ କରିଦେଇଥିଲେ। ପରେ ୩ଜଣ ଯାକ ମିଶି ଜ୍ୟୋତିଙ୍କୁ ସେ ଘରେ ରହିବାକୁ ଦେଇ ନଥିଲେ। ତେଣୁ ଜ୍ୟୋତି ତାଙ୍କ ସ୍ତ୍ରୀ ସହ ପାଖରେ ଥିବା ଏକ ଆଜବେଷ୍ଟସ୍ ଘରେ ଅତି ▶ପୃଷ୍ଠା-୭

## ଗୁଣି ସନ୍ଦେହରେ ହତ୍ୟା
# ବିଷ ପିଆଇ ଜାଳିଦେଲେ

■ **ରାୟଗଡ଼ା, ୧୬।୮ (ସମିସ):** ଗୁଣି ସନ୍ଦେହରେ ଜଣେ ଯୁବକଙ୍କୁ ବିଷ ପିଆଇ ନିର୍ଦ୍ଧୁମ୍ ମାଡ଼ ମାରିବା ସହ ଜିଅନ୍ତା ଜାଳିଦେବା ଭଳି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ରାୟଗଡ଼ା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସଦର ବ୍ଲକ୍ ବଡ଼ ଆଲୁବାଡ଼ି ପଞ୍ଚାୟତର ଗୁରୁସୁବାଡି ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ରାମାରାଓ ଜିଲାକାରା(୪୦)। ଏନେଇ ପରିବାର ପକ୍ଷରୁ ଶେଷଖାଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୧୩ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏହାସହ ଅନ୍ୟ ୨ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଘାସି ମାଣ୍ଡାଙ୍ଗି, ଅନକେସ ▶ପୃଷ୍ଠା-୭



**୧୩ ଗିରଫ**






## ସୋମବାର ଭାରତ ଆସିବେ ଚୀନ୍ ବିଦେଶମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଭାରତ ଏବଂ ଚୀନ୍ ସମ୍ବନ୍ଧକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରୁଛନ୍ତି । ସୀମା ବିବାଦର ସମାଧାନ ଲାଗି ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଭାରତ ଗସ୍ତରେ ଆସୁଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଚୀନ୍ ମନ୍ତ୍ରୀ ଏନଏସଏ ଅଜିତ ଡୋଭାଲଙ୍କ ସହ ସୀମା ବିବାଦର ସମାଧାନ ଲାଗି ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ଏହା ପରେ ୱାଙ୍ଗ ୟି ଏବଂ ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ । 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନକୁ ସମର୍ଥନ କରି ଚୀନ୍ ସବୁଦିନିଆ ବନ୍ଧୁ କହିବା ପରେ ପ୍ରଥମ ଥର ପାଇଁ ଏହି ବୈଠକ ବସିବାକୁ ଯାଉଛି । ଭାରତ-ପାକିସ୍ତାନ ସଂଘର୍ଷରେ ଚୀନ୍ ଇସଲାମାବାଦକୁ ସବୁ ପ୍ରକାରର ସହାୟତା ଦେଇଥିଲା । ଗୁଇନ୍ଦାଠାରୁ ନେଇ ଅସ୍ତ୍ରଶସ୍ତ୍ର ବି ଯୋଗାଇ ଥିଲା ।

## ବେଙ୍ଗାଲୁରୁ କୋଠାରେ ନିଆଁ; ୫ ରାଜସ୍ଥାନୀ ମୃତ

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ବେଙ୍ଗାଲୁରୁ ଷ୍ଟିଲ ମାର୍କେଟ୍‌ସ୍ଥିତ ଏକ କୋଠାରେ ଭୀଷଣ ନିଆଁ ଲାଗିଛି । ଏଥିରେ ରାଜସ୍ଥାନର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ଜାଲୋର ଜିଲ୍ଲାର ଦୁଇଜଣ ବ୍ୟବସାୟୀ ରହିଛନ୍ତି । ଏହି ଘଟଣାରେ ଭିନମାଲରେ ରହୁଥିବା ଜଣେ ବ୍ୟବସାୟୀ, ତାଙ୍କ ପତ୍ନୀ ଓ ୨ ନାବାଳକ ପୁଅ ମଧ୍ୟ ଜୀବନ ହରାଇଛନ୍ତି । କ୍ଷିପ୍ର ଗତିରେ ନିଆଁ ବ୍ୟାପିଯାଇଥିଲା । ଫଳରେ କୌଣସି ବ୍ୟକ୍ତି ବାହାରକୁ ବାହାରିବାର ସୁଯୋଗ ପାଇ ନ ଥିଲେ । ଶନିବାର ସକାଳ ପର୍ଯ୍ୟନ୍ତ ମଧ୍ୟ ବିଲ୍ଡିଂରେ ନିଆଁ ଜଳୁଥିବାର ସୂଚନା ମିଳିଛି । ଏହି ଘଟଣାରେ ଗୋଦାମରେ କାମ କରୁଥିବା ଦୁଇଜଣ ଯୁବକ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ତେବେ ମୃତକଙ୍କ ସଂଖ୍ୟା ନେଇ ପ୍ରଶାସନ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହିଁ । ନିଆଁର ପ୍ରକୋପ ଏତେ ଥିଲା ଯେ, ଶନିବାର ସକାଳ ପର୍ଯ୍ୟନ୍ତ ନିଆଁ ଜଳୁଥିଲା । ଏହି ବିଲ୍ଡିଂ ସଂକୀର୍ଣ୍ଣ ଗଳିରେ ଥିଲା । ଏଥିପାଇଁ ଦମକଳ ଗାଡି ପହଞ୍ଚିବା ପାଇଁ ସମସ୍ୟାର ସମ୍ମୁଖୀନ ହେବା ସହ ବିଳମ୍ବ ହୋଇଥିଲା । ୧୮ଟି ଦମକଳ ଗାଡି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ ।

## ଅନ୍‌ଲାଇନ୍ ସପିଙ୍ଗ୍ କରି ୧୮ ଲକ୍ଷ ଟଙ୍କା ହରାଇଲେ ବୃଦ୍ଧା

ମୁମ୍ବଇ, ୧୬।୮ (ଏଜେନ୍ସି): ମୁମ୍ବଇର ଜଣେ ୭୧ ବର୍ଷୀୟ ମହିଳା ଅନ୍ ଲାଇନ୍ ସପିଙ୍ଗ କରି ୧୮ ଲକ୍ଷ ଟଙ୍କା ହରାଇଛନ୍ତି । ସେ ଏକ ଲିଟର କ୍ଷୀର ଅର୍ଡର କରିଥିଲେ । କିନ୍ତୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୮.୫ ଲକ୍ଷ ଟଙ୍କା ଚାଲିଯାଇଥିଲା । ବଡାଲାରେ ରହୁଥିବା ଏହି ବୃଦ୍ଧା ଏକ ଅନ୍‌ଲାଇନ୍ ଡେଲିଭରୀ ଆପ୍ ଜରିଆରେ କ୍ଷୀର ଅର୍ଡର କରିବାକୁ ପ୍ରୟାସ କରିଥିଲେ । ତେବେ ମାତ୍ର ଦୁଇଦିନ ମଧ୍ୟରେ ସେ ସଞ୍ଚୟ କରିଥିବା ସବୁ ଅର୍ଥକୁ ଠକ ଲୁଟି ନେଇଥିଲେ । ଯେତେବେଳେ ସେ ଏହା ଜାଣିବାକୁ ପାଇଲେ, ସେ ପୁଲିସରେ ଅଭିଯୋଗ କରିଥିଲେ । ପୁଲିସ ମଧ୍ୟ ଏହି ଘଟଣାରେ ଯାଞ୍ଚ ଆରମ୍ଭ କରିଛି । ଅଗଷ୍ଟ ୪ରେ ଏହି ଘଟଣା ଘଟିଥିଲା । ଜଣେ ବ୍ୟକ୍ତି ଏହି ମହିଳାଙ୍କୁ ଫୋନ୍ କରି ନିଜକୁ ଜଣେ କ୍ଷୀର କମ୍ପାନୀର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ସେ ମହିଳାଙ୍କୁ ମୋବାଇଲ ନମ୍ବରକୁ ଏକ ଲିଙ୍କ ସେୟାର କରି କ୍ଷୀର ଅର୍ଡର କରିବାକୁ ବିଭିନ୍ନ ସୂଚନା ମାଗିଥିଲେ । କଲ୍ ନ କାଟି ଲିଙ୍କରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିବାକୁ ଠକ ଜଣକ କହିଥିଲା । ଏହା ପର ଦିନ ମଧ୍ୟ ସେ ମହିଳାଙ୍କୁ ଫୋନ୍ କରି ଆହୁରି ଅଧିକ ସୂଚନା ଦେବାକୁ କହିଥିଲା । ମହିଳାଙ୍କ ନାମରେ ଥିବା ୩ଟି ବ୍ୟାଙ୍କ ଆକାଉଣ୍ଟରୁ ପଇସା ଲୁଟିବାରେ ଏହି ଠକ ସକ୍ଷମ ହୋଇଥିଲେ । ୩ଟି ଆକାଉଣ୍ଟରୁ ମୋଟ୍ ଉପରେ ୧୮.୫ ଲକ୍ଷ ଟଙ୍କା ଗାଏବ ହୋଇଛି ବୋଲି ପୁଲିସ କହିଛି । ମହିଳା ଲିଙ୍କରେ କ୍ଲିକ୍ କରିବା ପରେ ତାଙ୍କ ଫୋନ ହ୍ୟାକ ହୋଇଥିଲା ଓ ସହଜରେ ଲୁଟେରାମାନେ ନିଜର ଲକ୍ଷ୍ୟ ସାଧନ କରିଥିଲେ ।

## ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନଙ୍କ ପରଲୋକ

ରାଞ୍ଚି, ୧୬।୮ (ଏଜେନ୍ସି): ଝାଡଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ପ୍ରାଣତ୍ୟାଗ କରିଛନ୍ତି । ସେ ୬୨ ବର୍ଷ ବୟସ୍କ ଥିଲେ । ମୁଣ୍ଡରେ ଗମ୍ଭୀର ଭାବେ ଲାଗିଥିବା ଆଘାତ କାରଣରୁ ସେ ଅଗଷ୍ଟ ୨ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କର ଚିକିତ୍ସା ଚାଲିଥିଲା । ଶନିବାର ଜାମସେଦପୁରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ଦେହାନ୍ତରେ ଝାଡଖଣ୍ଡରେ ଦିନକିଆ ଶୋକ ଘୋଷଣା କରାଯାଇଛି । ରାମଦାସଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀରୁ ରାଞ୍ଚି ବିମାନ ବନ୍ଦରକୁ ଆଣାଯାଇଥିଲା ଓ ସେଠାରୁ ଝାଡଖଣ୍ଡ ବିଧାନସଭାକୁ ନିଆଯାଇଥିଲା । ତାଙ୍କୁ ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଏହାପରେ ତାଙ୍କ ପାର୍ଥିବ ଶରୀରକୁ ଘଟଶିଳା ଓ ପରେ ଜାମସେଦପୁର ନିଆଯାଇଥିଲା । ଶନିବାର ରାତିରେ ଜାମସେଦପୁରସ୍ଥିତ ଘୋଡା ବାନ୍ଧା କ୍ଷେତ୍ରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଗାଧୁଆଘରେ ଗୋଡ ଖସିଯିବା କାରଣରୁ ସେ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ୨୦୦୯ ଓ ୨୦୨୯ରେ ଘଟଶିଳା ବିଧାନସଭାରୁ ନିର୍ବାଚିତ ହୋଇଥିଲେ । ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ, ୩ ପୁଅ ଓ ଗୋଟିଏ ଝିଅ ଉପସ୍ଥିତ ଥିଲେ । ୧୯୮୦ରେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ରୁ ସେ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ ।

## ଜନ୍ମାଷ୍ଟମୀରେ ଅଘଟଣ: ଦହି ହାଣ୍ଡି ବାନ୍ଧିବା ବେଳେ ଖସିପଡ଼ି ଶ୍ରଦ୍ଧାଳୁ ମୃତ

ମୁମ୍ବଇ, ୧୬।୮ (ଏଜେନ୍ସି): ଜନ୍ମାଷ୍ଟମୀରେ ମୁମ୍ବଇର ମାନଖୁର୍ଦ୍ଦରେ ଶନିବାର ଅପରାହ୍ଣରେ ଦହି ହାଣ୍ଡି ବାନ୍ଧିବା ବେଳେ ତଳକୁ ଖସି ଜଣେ ୩୨ ବର୍ଷୀୟ 'ଗୋବିନ୍ଦା' ମୃତ୍ୟୁବରଣ କରିଛନ୍ତି । ଏହି ବ୍ୟକ୍ତି ଜଣକ ହେଉଛନ୍ତି ଜଗମୋହନ ଶିବକିରନ ଚୌଧୁରୀ । ମହାରାଷ୍ଟ୍ର ନଗରସ୍ଥିତ ନିଜ ଘର ପ୍ରଥମ ତାଲାର ଝରକାରୁ ସେ ରସି ସାହାଯ୍ୟରେ ଦହି ହାଣ୍ଡି ବାନ୍ଧିବାକୁ ପ୍ରୟାସ କରୁଥିବା ବେଳେ ତଳକୁ ଖସି ପଡ଼ିଥିଲେ । ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ୭୯ତମ ସ୍ୱାଧୀନତା ଦିବସ ପାଳିତ





ଲାଲ୍ କିଲ୍ଲାରୁ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ

# ବିକଶିତ ଭାରତ ରୋଜଗାର ପାଇଁ ଯୋଜନା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ୭୯ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କ୍ରମାଗତ ଦ୍ୱାଦଶଥର ପାଇଁ ଲାଲ୍ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ସମୟ (୧୦୩ ମିନିଟ୍) ଭାଷଣ ଦେଇଛନ୍ତି । ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଲାଲ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ଭାଷଣ ବୋଲି କୁହାଯାଉଛି । ଏଥିସହ ମୋଦୀ ନିଜ ରେକର୍ଡକୁ ଭାଙ୍ଗିଛନ୍ତି । ୨୦୨୫ରେ ସେ ୮୮ ମିନିଟ୍‌ର ଭାଷଣ ଦେଇ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ରେକର୍ଡ ଅତିକ୍ରମ କରିଥିଲେ । ୧୯୪୭ରେ ନେହରୁ ୭୨ ମିନିଟ ଭାଷଣ ଦେଇଥିଲେ ।

ଅପରେସନ ସିନ୍ଦୂରରୁ ମୋଦୀ ଭାଷଣ ଆରମ୍ଭ କରିଥିଲେ ଓ ଏ ନେଇ ୧୩ ମିନିଟ୍‌ରୁ ଅଧିକ କହିଥିଲେ । ସେ ଆତଙ୍କବାଦ, ସିନ୍ଧୁ ଚୁକ୍ତି, ଆତ୍ମନିର୍ଭରତା, ମେକ୍ ଇନ୍ ଇଣ୍ଡିଆ, ନକ୍ସଲବାଦ୍ ଓ ବେଆଇନ ଅନୁପ୍ରବେଶକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ । ସେ ପ୍ରଥମଥର ପାଇଁ ଦୁଇଟି ବଡ଼ ଘୋଷଣା କରିଥିଲେ । ଜିଏସ୍‌ଟି କମାଇବାକୁ ଓ ରୋଜଗାରକୁ ନେଇ ସେ ନୂଆ ଘୋଷଣା କରିଥିଲେ । ସେ କହିଥିଲେ ଯେ ଏଥର ଦୀପାବଳିରୁ ସରକାର ଜିଏସ୍‌ଟି ସଂସ୍କାର ଆଣିବେ । ଏହାଦ୍ୱାରା ଦେଶରେ ସାଧାରଣ ଲୋକଙ୍କ ଉପରେ ଟିକସ ଭାର କମିବ । ସେହିପରି ସେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଲାଗୁ କରିବାକୁ ଘୋଷଣା କରିଥିଲେ । ଏହା ଦ୍ୱାରା ୩.୫ କୋଟି ଯୁବକଙ୍କୁ ରୋଜଗାର ମିଳିବ । ବେସରକାରୀ କ୍ଷେତ୍ରରେ ପ୍ରଥମେ ଚାକିରି କରୁଥିବା ଲୋକଙ୍କୁ କେନ୍ଦ୍ର ସରକାର ୧୫ ହଜାର ଟଙ୍କା ପ୍ରଦାନ କରିବେ । ଏହି ଯୋଜନା ଅନୁସାରେ ଯେଉଁ କମ୍ପାନୀ ଅଧିକ ରୋଜଗାର ଦେବ ସେହି କମ୍ପାନୀଗୁଡିକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଗତ ବଜେଟରେ କେନ୍ଦ୍ର ସରକାର ଏହାର ବ୍ୟବସ୍ଥା କରିଛନ୍ତି ।

ସେହିପରି ସେ ଦେଶର କୃଷକ, ପଶୁପାଳକ, କୈବର୍ତ୍ତ ଆମର ସବୁଠାରୁ ବଡ଼ ପ୍ରାଥମିକତା ବୋଲି କହିଥିଲେ । ଏମାନଙ୍କୁ କ୍ଷତି ପହଞ୍ଚାଉଥିବା କୌଣସି ପ୍ରକାର ନୀତିକୁ ସେ ବିରୋଧ କରିବେ ଓ କାନ୍ଥ ଭଳି ଏମାନଙ୍କ ପାଇଁ ଛିଡା ହେବେ ବୋଲି କହିଥିଲେ । ଏମାନଙ୍କୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ବିଷୟରେ କହିଥିଲେ । ୧୦୦ ବର୍ଷ ତଳେ ସୃଷ୍ଟି ହୋଇଥିବା ସଂଗଠନ ରାଷ୍ଟ୍ର ନିର୍ମାଣ ପାଇଁ ସମର୍ପିତ । ଅପରେସନ ସିନ୍ଦୂର ଅବସରରେ ସେନାବାହିନୀକୁ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନତା ଦିଆଯାଇଥିଲା ବୋଲି ସେ କହିଥିଲେ । ସେ ଭାରତୀୟ ସେନାର ସାହସିକତାକୁ ପ୍ରଶଂସା କରିଥିଲେ । ଶତ୍ରୁକୁ ଆମ ସେନା ସେମାନଙ୍କ କଳ୍ପନାଠାରୁ ଅଧିକ ଦଣ୍ଡ ଦେଇଥିଲେ । ସେହିପରି ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ ସେ ଦେଶର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ଓ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଥିଲେ । ରକ୍ତ ଓ ପାଣି ଏକାସାଥିରେ ବହିପାରିବ ନାହିଁ ବୋଲି କହିଥିଲେ ।

ସେହିଭଳି ପ୍ରଧାନମନ୍ତ୍ରୀ ଦେଶରେ ବୃଦ୍ଧି ପାଉଥିବା ଅନୁପ୍ରବେଶ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ବାଂଲାଦେଶ ଆଡୁ ଅନୁପ୍ରବେଶ ବୃଦ୍ଧି ପାଉଥିବାରୁ ସୀମାରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି । ଏହାର ମୁକାବିଲା ଲାଗି ତାଙ୍କ ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଥିବା ସେ ସୂଚନା ଦେଇଛନ୍ତି ।

ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ରାଜନୀତି ସରଗରମ

## ଏନ୍‌ଡିଏ ପ୍ରାର୍ଥୀ ଘୋଷଣା ଆଜି

ନୂଆଦିଲ୍ଲୀ, ୧୬।୮: ଆସନ୍ତା ମାସ ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏର ପ୍ରାର୍ଥୀ କିଏ ହେବ, ତାହା ଉପରେ ସମସ୍ତଙ୍କର ନଜର ରହିଛି । ଆସନ୍ତାକାଲି ସନ୍ଧ୍ୟା ବେଳେ ବିଜେପିର ସଂସଦୀୟ ଦଳ ବୈଠକ ହେବାକୁ ଯାଉଛି । ଏହି ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି ।

### ସମ୍ଭାବ୍ୟ ତାଲିକାରେ ଅନେକ ରାଜ୍ୟପାଳ

ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ନିଷ୍ପତ୍ତି ନେବାଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ ଦାୟିତ୍ୱ ଦେଇଛନ୍ତି । ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ଜାତୀୟ ରାଜନୀତିରେ ଯେଉଁମାନଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି ସେମାନଙ୍କ ମଧ୍ୟରେ ଅଛନ୍ତି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା, କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ, ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସାକସେନା, ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ସିକିମ ରାଜ୍ୟପାଳ ଓମ୍ ମାଥୁର ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହ । ଏମାନଙ୍କ ବ୍ୟତୀତ ଆରଏସଏସ୍ ନେତା ସେଶାଦ୍ରୀ ଚାରି ଏବଂ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି ।

ଏନ୍‌ଡିଏ ପ୍ରାର୍ଥୀ ଅଗଷ୍ଟ ୨୧ରେ ନାମାଙ୍କନ ଦାଖଲ କରିବେ । ଏହି ଅବସରରେ ଏନଡିଏ ଶାସିତ ରାଜ୍ୟର ସବୁ ମୁଖ୍ୟମନ୍ତ୍ରୀ ଓ ଉପ- ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ । ଅପରପକ୍ଷରେ ବିରୋଧୀ ଦଳଗୁଡିକ ମଧ୍ୟ ନିଜ ପାର୍ଥୀ ଚୂଡାନ୍ତ କରିବାକୁ ଅଗଷ୍ଟ ୧୮ରେ ବୈଠକରେ ଏକାଠି ହେବେ । ଏ ସଂକ୍ରାନ୍ତରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଇଣ୍ଡିଆ ବ୍ଲକର ସବୁ ନେତାଙ୍କ ସହ କଥା ହୋଇଛନ୍ତି ।

ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତ ନିର୍ବାଚନ ଲାଗି ମତଦାନ ହେବ ଓ ଏହି ଦିନ ହିଁ ମତଗଣନା ହେବ । ନାମାଙ୍କନ ଦାଖଲ ପାଇଁ ଅଗଷ୍ଟ ୨୧ ହେଉଛି ଅନ୍ତିମ ତାରିଖ । ଅଗଷ୍ଟ ୨୫ରେ ନାମାଙ୍କନ ପ୍ରତ୍ୟାହାର ହୋଇପାରିବ । ଉଲ୍ଲେଖଥାଉ କି ଜଗଦୀପ ଧନଖଡ ଜୁଲାଇ ୨୧ ରାତିରେ ଅଚାନକ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ୭୪ ବର୍ଷୀୟ ଧନଖଡଙ୍କ କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ପୂରଣ ହେବାର ଥିଲା ।

## ଏନ୍‌ସିଇଆରଟିରେ ନୂଆ ମଡ୍ୟୁଲକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ନ୍ୟାସନାଲ କାଉନସିଲ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ଏହାର ପାଠ୍ୟକ୍ରମରେ କେତୋଟି ପରିବର୍ତ୍ତନ କରିଛି । ଷଷ୍ଠରୁ ୮ମ ଓ ୯ମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଦୁଇଟି ମଡ୍ୟୁଲ୍ ଜାରି କରିଛି । ନିୟମିତ ବହିଠାରୁ ଏହି ମଡ୍ୟୁଲ ଭିନ୍ନ । ଏହା ଦେଶ ବିଭାଜନର ବିଭିଷୀକା ଉପରେ ଆଧାରିତ । ଏଥିରେ ପାକିସ୍ତାନର ସ୍ରଷ୍ଟା ମହମ୍ମଦ ଅଲି ଜିନ୍ନା, କଂଗ୍ରେସ ପାର୍ଟି ଓ ଲର୍ଡ ମାଉଣ୍ଟବେଟେନଙ୍କୁ ଦେଶ ବିଭାଜନ ପାଇଁ ଦାୟୀ କରାଯାଇଛି । ଜିନ୍ନା ବିଭାଜନ ପାଇଁ ଦାବି କରିଥିଲେ, କଂଗ୍ରେସ ଏହାକୁ ସ୍ୱୀକାର କରିଥିଲା ଓ ମାଉଣ୍ଟବେଟେନ ଏହାକୁ ଲାଗୁ କରିବା ସହ କାର୍ଯ୍ୟକାରୀ କରିଥିଲେ ବୋଲି ଏଥିରେ ଦର୍ଶାଯାଇଛି । କଂଗ୍ରସ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ ଯେ, 'ଆମେ ଏଭଳି ଏକ ସ୍ଥିତିରେ ପହଞ୍ଚିଛୁ ଯେଉଁଠାରେ ଆମକୁ ଦେଶ ବିଭାଜନକୁ ସ୍ୱୀକାର କରବାକୁ ହେବ କିମ୍ବା ନିରନ୍ତର ସଂଘର୍ଷ ଓ ଅରାଜକତାକୁ ସମ୍ନା କରିବାକୁ ହେବ' । ନୂଆ ମଡ୍ୟୁଲରେ କଶ୍ମୀରରେ ଆତଙ୍କବାଦର ମଧ୍ୟ ଉଲ୍ଲେଖ କରାଯାଇଛି । ଏଥିରେ କୁହାଯାଇଛି ଯେ ବିଭାଜନ ହୋଇନଥିଲେ କାଶ୍ମୀର ଆଜି ଆତଙ୍କବାଦର କେନ୍ଦ୍ର ହୋଇନଥାଆନ୍ତା । ଉଲ୍ଲେଖଥାଉ କି ନିୟମିତ ପାଠ୍ୟକ୍ରମରେ ମଡ୍ୟୁଲ ସାମିଲ ହୋଇ ନ ଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ଗତମାସରେ ଏନ୍‌ସିଇଆରଟିର ନୂଆ ପାଠ୍ୟକ୍ରମରେ ମୋଗଲ ଶାସନ କାର୍ଯ୍ୟକାଳର ନୂଆ ସମୀକ୍ଷାକୁ ସାମିଲ କରାଯାଇଥିଲା । ଏହି ମଡ୍ୟୁଲକୁ ନେଇ ବିବାଦ ସୃଷ୍ଟି ହୋଇଛି । କଂଗ୍ରେସ ଏହାର ପ୍ରତିବାଦ ଜଣାଇଛି । କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି ଯେ ଏହି ମଡ୍ୟୁଲରେ ସତ କଥାକୁ ଲୁଚାଇ ରଖାଯାଇଛି ।

ବି-୨ ବମ୍ବରରେ ପୁତିନଙ୍କୁ ସ୍ୱାଗତ.....




ଆଲାସ୍କାରେ ବି୨ ବମ୍ବରରେ ରୁଷିଆ ରାଷ୍ଟ୍ରପତି ପୁତିନଙ୍କୁ ସ୍ୱାଗତ କରିଥିଲେ ରାଷ୍ଟ୍ରପତି ଟ୍ରମ୍ପ । ସେ ରେଡ କାର୍ପେଟ୍ ଉପରେ ଆସିବା ପରେ ଟ୍ରମ୍ପ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ । ଏହି ସମୟରେ ଆକାଶରେ ଉଡ଼ିଥିଲା ଆମେରିକାର ବି-୨ ବୋମାବର୍ଷୀ ବିମାନ । ଏହାପରେ ପୁତିନ ଓ ଟ୍ରମ୍ପ ଗୋଟିଏ କାରରେ ବସି ବୈଠକ ପାଇଁ ଯାଇଥିଲେ ।

## ଡିଭାଇଡର ଭାଙ୍ଗି ଟ୍ରକ୍‌କୁ ପିଟିଲା ଟ୍ରାଭେଲର; ୪ ମୃତ

ଶିବପୁରୀ, ୧୬।୮: ମଧ୍ୟପ୍ରଦେଶର ଶିବପୁରୀରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୪ ଜଣ ମୃତ୍ୟୁବରଣ କରିଛନ୍ତି । ଏକ ଟ୍ରାଭେଲର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ଗାୟକ ରହିଛନ୍ତି । ୨୦ ଜଣ ସଙ୍ଗୀତ ପାର୍ଟି କାଶୀ ବିଶ୍ୱନାଥରେ ଆୟୋଜିତ ଏକ ଶିବକଥା କାର୍ଯ୍ୟକ୍ରମରେ ଯୋଗ ଦେଇ ଶୁକ୍ରବାର ସନ୍ଧ୍ୟାରେ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏହି ଟିମ୍‌ର ସବୁ ସଦସ୍ୟ ଗୁଜରାଟ୍‌ର ମେହଶାଣା ଓ ସୁରେନ୍ଦ୍ରନଗରରେ ରହୁଥିଲେ ।

## ରାଷ୍ଟ୍ରପତିଙ୍କ ପାଇଁ ସମୟ ଧାର୍ଯ୍ୟ କରାଯାଇପାରିବ ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ସଂସଦ ବା ବିଧାନସଭା ଦ୍ୱାରା ପାସ୍ ହେଉଥିବା ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ । ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି କରିବ । ତାମିଲନାଡୁ ମାମଲାରେ ରାୟ ଶୁଣାଇ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସମୟସୀମାକୁ ବିରୋଧ କରି କେନ୍ଦ୍ର ସରକାର ଏଭଳି ସତର୍କବାଣୀ ଶୁଣାଇଛନ୍ତି । ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ ଗଣତନ୍ତ୍ରର ତିନିଟି ସ୍ତମ୍ଭ ମଧ୍ୟରେ କ୍ଷମତାର ସନ୍ତୁଳନ ପାଇଁ ସମ୍ବିଧାନରେ ବ୍ୟବସ୍ଥା ରହିଛି । ସମ୍ବିଧାନରେ ସେମାନଙ୍କ ଲାଗି ସମୟସୀମା ଧାର୍ଯ୍ୟ କରାଯାଇ ନଥିବା ବେଳେ ସୁପ୍ରିମକୋର୍ଟ ସମ୍ବିଧାନର ପୁନର୍ଲିଖନ କରିପାରିବେ ନାହିଁ । ଏହା ସମ୍ବିଧାନର ଧାରା ୧୪୨କୁ ଉଲ୍ଲଂଘନ କରୁଛି । ସେ କହିଛନ୍ତି ଯେ ଯାହା ବିବାଦ ଦେଖାଯାଉଛି, ତାହାର ସମାଧାନ ସମ୍ବିଧାନର ସୀମାରେ ରହି ରାଜନୈତିକ ଉପାୟରେ କରାଯିବା ଉଚିତ । ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେବା ଠିକ୍ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି ।

## ସନ୍ତାନ ଜନ୍ମ କରିବ ରୋବୋଟ

ବେଜିଂ, ୧୬।୮ (ଏଜେନ୍ସି): ବିଶ୍ୱରେ ଦ୍ରୁତ ଗତିରେ ରୋବୋଟ ଟେକ୍ନୋଲୋଜିର ବିକାଶ ହେବାରେ ଲାଗିଛି । ଏବେ ଏହି ରୋବୋଟ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବାକୁ ଯାଉଛି । ଏହା ୧୦ ମାସରେ ସନ୍ତାନ ପ୍ରସବ କରିବ । ଚୀନ୍‌ର କାଇଭା ଟେକ୍ନୋଲୋଜି ଏହି ରୋବୋଟ ନିର୍ମାଣ କରୁଛି । ଏହାର ନାମ 'ପ୍ରେଗ୍ନାନ୍ସି ରୋବୋଟ' ରହିଛି । କମ୍ପାନୀର ସିଇଓ ଝାଙ୍ଗ କିଫେଙ୍ଗ କହିଛନ୍ତି ଯେ ରୋବୋଟ ପେଟରେ ଏକ ଆର୍ଟିଫିସିଆଲ ଗର୍ଭ ରହିବ । ଏଥିରୁ ଭ୍ରୂଣକୁ ପୋଷଣ ମିଳିବ । ଆସନ୍ତା ବର୍ଷ ଏହି ରୋବୋଟକୁ ଲଞ୍ଚ୍ କରାଯିବ । ଏହାର ମୂଲ୍ୟ ଲକ୍ଷେ ୟୁଆନ ଅର୍ଥାତ୍ ୧୧.୬ ଲକ୍ଷ ଟଙ୍କା ରହିବ । ତେବେ ଏହି ରୋବୋଟକୁ ନେଇ କମ୍ପାନୀକୁ ଅନେକ ସମାଲୋଚନା କରୁଛନ୍ତି । ଏହା ଦ୍ୱାରା ଶିଶୁ ଏବଂ ମା' ମଧ୍ୟରେ ଥିବା ନୈସର୍ଗିକ ସମ୍ପର୍କ ଶେଷ ହୋଇଯିବ । ତେବେ ଆଉ କିଛି ବିଶେଷଜ୍ଞ କହିଛନ୍ତି ଯେ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବା ଏବେ ରୋବୋଟଙ୍କ ପକ୍ଷେ ସମ୍ଭବ ନୁହେଁ ।

## ତେଜିଲା ଏସ୍‌ଆଇଆର ବିବାଦ, ବିହାରରେ ରାହୁଲଙ୍କ 'ଭୋଟ ଅଧିକାର ଯାତ୍ରା'

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରବିବାରଠାରୁ 'ବିହାରରେ ଭୋଟ ଅଧିକାର ଯାତ୍ରା' ଆରମ୍ଭ କରିବାକୁ ଯାଉଛନ୍ତି । ସାସାରାମରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ପାଇଁ ରାହୁଲ ୧୬ ଦିନ ପର୍ଯ୍ୟନ୍ତ ବିହାରରେ ରହିବେ । ୧୩୦୦କିମିର ଏହି ଯାତ୍ରାରେ ୨୪ ଜିଲ୍ଲାକୁ ଗସ୍ତ କରିବେ । ଏହି ସବୁ ଜିଲ୍ଲାରେ ୧୧୮ ବିଧାନସଭା କ୍ଷେତ୍ର ରହିଛି । ଏହି ଯାତ୍ରାରେ ଇଣ୍ଡିଆ ମେଣ୍ଟର ସବୁ ଦଳର ବରିଷ୍ଠ ନେତା ଏବଂ କର୍ମୀ ସାମିଲ ହେବେ । ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ଯାତ୍ରାରେ ଯୋଗଦେବେ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି କଂଗ୍ରେସ ସାଂସଦ ଅଖିଳେଶ ସିଂହ କହିଛନ୍ତି । ଦେଶରେ ଭୋଟ ମଜବୁତ କରିବା ପାଇଁ ରାହୁଲ ଏହି ଯାତ୍ରା କରୁଛନ୍ତି ବୋଲି କଂଗ୍ରେସ ପ୍ରଭାରୀ କୃଷ୍ଣା ଅଲାବାରୁ କହିଛନ୍ତି । ତେବେ ପ୍ରଶାସନ ଏହି ଯାତ୍ରା ପାଇଁ ଅନୁମତି ଦେଉନାହିଁ ବୋଲି ଆରଜେଡି ସାଂସଦ ସୁଧାକର ସିଂହ ଅଭିଯୋଗ ଲଗାଇଛନ୍ତି । ପ୍ରଶାସନ ସରକାରଙ୍କ ଚାପରେ କାମ କରୁଛି । ରାହୁଲଙ୍କ ସଭା ଏବଂ ହେଲିକପ୍ଟରକୁ ଅବତରଣ ପାଇଁ ଅନୁମତି ଦିଆଯାଉନାହିଁ ବୋଲି ସେ ଅଭିଯୋଗ ଲଗାଇଛନ୍ତି । କିନ୍ତୁ ସାସାରାମ ଜିଲ୍ଲାପାଳ ଏହାକୁ ଖାରଜ କରିଦେଇଛନ୍ତି ।



ଇତିମଧ୍ୟରେ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକା ସଂଶୋଧନକୁ ନେଇ ରାଜନୈତିକ ଦଳ ଓ ନେତାମାନେ ଯେଉଁସବୁ ଅଭିଯୋଗ ଉଠାଉଛନ୍ତି ତାହା ଭିତ୍ତିହୀନ । ସମସ୍ତ ନିର୍ବାଚନ ପୂର୍ବରୁ ଭୋଟର ସଂଶୋଧନ ତାଲିକା ରାଜନୈତିକ ଦଳମାନଙ୍କୁ ଦିଆଯାଇଥାଏ । କୌଣସି ଆପତ୍ତି କି ଦାବି ଥିଲେ ସେମାନେ ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀମାନଙ୍କ ସହିତ ଆଲୋଚନା କରିପାରିବେ । ଏହା ନକରି ଅନ୍ୟ ସ୍ତରରେ ଏଭଳି ଅଭିଯୋଗ କରିବା ଠିକ୍ ନୁହେଁ । ଇତିମଧ୍ୟରେ ବିହାର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ଏବଂ କର୍ଣ୍ଣାଟକରେ ଭୋଟ୍ ଚୋରିକୁ ନେଇ ରାହୁଲ ଗାନ୍ଧୀ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଉପରେ ସ୍ପଷ୍ଟୀକରଣ ଦେବାଲାଗି ଆସନ୍ତାକାଲି ନିର୍ବାଚନ କମିସନ ପକ୍ଷରୁ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରାଯିବ । ଏଥିରେ ସମସ୍ତ ଅଭିଯୋଗର ଉତ୍ତର ଦେବାକୁ ଚେଷ୍ଟା କରିବେ କମିସନ ।

### ନିର୍ବାଚନ କମିସନଙ୍କ ସାମ୍ବାଦିକ ସମ୍ମିଳନୀ ଆଜି

# ଆଗାମୀ ଦଶକ ଓଡ଼ିଶାର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬।୮(ସମିସ): ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ନିକଟରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ମହିଳା, ଅନ୍ନଦାତା, ଗରିବ ଏବଂ ଯୁବ ବର୍ଗ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାର ରୂପାୟନ କରିବା ପାଇଁ ରାଜ୍ୟ ସରକାର ୪ଟି କ୍ଷେତ୍ର ଯଥା ଜୀବନଜୀବିକା, ଭିତ୍ତିଭୂମି, ସାମାଜିକ ବିକାଶ ଓ ସଶକ୍ତୀକରଣ ଏବଂ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଆଗାମୀ ଦଶ ବର୍ଷ ଓଡ଼ିଶାର ଦଶକ ହେବାକୁ ଯାଉଛି। ୨୦୩୬ ରେ ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠାର ଶତ ବାର୍ଷିକୀ ପାଳନ ବେଳକୁ ଆମ ରାଜ୍ୟ ସମୃଦ୍ଧ ଓଡ଼ିଶାରେ ପରିଣତ ହେବା ସହ ଦେଶର ପାଞ୍ଚଗୋଟି ସର୍ବଶ୍ରେଷ୍ଠ ରାଜ୍ୟ ଭିତରେ ସାମିଲ ହୋଇଥିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ଗଠନ ଓଡ଼ିଶାବାସୀଙ୍କ ଏକ ସାମୂହିକ ଓ ସମାବେଶୀ ଯାତ୍ରା। ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଆମେ ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଆମ ରାଜ୍ୟର ପ୍ରାୟ ୯୨ ପ୍ରତିଶତ ହେଉଛନ୍ତି, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ। ତେଣୁ, କୃଷି ସହିତ ମତ୍ସ୍ୟ, ପ୍ରାଣୀପାଳନ, ଗୋ-ପାଳନ ପ୍ରତି ଦିଗକୁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଜୀବନଜୀବିକାର ଆଉ ଏକ ଦିଗ ହେଉଛି ଶିଳ୍ପାୟନ। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ କାର୍ଯ୍ୟକ୍ରମ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିଛି। ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଏବଂ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସହିତ, ଏହି କାର୍ଯ୍ୟପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ ନୂଆ ସରକାର ଆସିବା ପରଠାରୁ ରାଜ୍ୟରେ ୨୮ ହଜାର ୩୯୨ଟି ପଦବୀ ପୂରଣ ହୋଇ ସାରିଛି। ଏହା ସହିତ ୩୪ ହଜାର ୫୦୦ଟି ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ବିଭିନ୍ନ ଆୟୋଗ ପକ୍ଷରୁ ଜାରି ରହିଛି। ଆହୁରି ମଧ ୨୨,୮୯୬ଟି ଖାଲି ପଦବୀ ପୂରଣ ପାଇଁ ମଧ ଖୁବ୍‌ଶୀଘ୍ର ଅନୁମତି ପ୍ରଦାନ କରାଯିବ। ୨ ବର୍ଷରେ ୮୫ ହଜାର ପଦ ପୂରଣ ହେବାକୁ ଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଚିକିତ୍ସାଳୟର ଭିତ୍ତିଭୂମିଗୁଡ଼ିକର ଉନ୍ନତିକରଣ କରାଯାଇ ସେଥିରେ ସମସ୍ତ ଆଧୁନିକ ଚିକିତ୍ସା ବ୍ୟବସ୍ଥା କରାଯାଉଛି।

**୨୨,୮୯୬ ଖାଲି ପଦ ପୂରଣ ଅନୁମତି ଖୁବ୍‌ଶୀଘ୍ର**

**ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୪ ମେଡିକାଲ କଲେଜ**

**ବ୍ରହ୍ମପୁର ମେଡିକାଲ କଲେଜକୁ ଏମ୍ସ ପ୍ଲସ୍ କରାଯିବ**

**ଇଞ୍ଚୁଡ଼ି, ବାହୁଦା, ସୁବର୍ଣ୍ଣରେଖା, ଅସ୍ତରଙ୍ଗରେ ବନ୍ଦର**

**୧୧ଟି ଜିଲ୍ଲାକୁ ଅତିରିକ୍ତ ୫ କେଜି ମାଗଣା ଚାଉଳ**

ଓଡ଼ିଶାରେ ବର୍ତ୍ତମାନ ୧୨ଟି ସରକାରୀ ମେଡିକାଲ କଲେଜ ଥିବାବେଳେ ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରଠାରେ ସରକାରୀ ମେଡିକାଲ କଲେଜ ଖୋଲାଯିବ। ବ୍ରହ୍ମପୁର ମେଡିକାଲ କଲେଜର ଉନ୍ନତି କରାଯାଇ ତାକୁ ଏମ୍ସ ପ୍ଲସ କରାଯିବା ପ୍ରସ୍ତାବକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ରାଜ୍ୟର ତିନିଗୋଟି ବୃହତ୍ତମ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କ ସହିତ ଆସୁଥିବା ପରିଜନଙ୍କ ପାଇଁ ରାଜ୍ୟ ସରକାର ସୁଲଭ ମୂଲ୍ୟରେ ରହଣି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଥିପାଇଁ ପ୍ରାୟ ୨ ହଜାର ୨୫୦ ଶଯ୍ୟାର ସୁବିଧା କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮ଟି କେବିକେ ଜିଲ୍ଲା ସହିତ ବୌଦ୍ଧ, ଗଜପତି ଓ କନ୍ଧମାଳ-ସମୁଦାୟ ୧୧ଟି ଜିଲ୍ଲାର ପ୍ରାୟ ୨୭ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ପରିବାରଙ୍କୁ ତିନି ମାସ ପାଇଁ ମାସିକ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ, ମାଗଣାରେ ଯୋଗାଇ ଦେବା ପାଇଁ ନିର୍ଣ୍ଣୟ କରାଯାଇଛି। ଏଥିରେ ସମୁଦାୟ ୪୧,୦୮୨ ମେଟ୍ରିକ ଟନ୍ ଅତିରିକ୍ତ ଚାଉଳ ବଣ୍ଟନ କରାଯିବ। ଏ ବାବଦରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୮୦ କୋଟି ଟଙ୍କା ବହନ କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିମାନ ବନ୍ଦର ଭିତ୍ତିଭୂମିରେ ମଧ ଉନ୍ନତିକରଣ କରାଯାଇ ଦେଶବିଦେଶର ନୂଆ ନୂଆ ଗନ୍ତବ୍ୟ ସ୍ଥଳକୁ ବିମାନ ଚଳାଚଳର ସୁବିଧା କରାଯାଇଛି। ରାଜ୍ୟର ବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ମଧ ଉଦ୍ୟମ ଜାରି ରହିଛି। ରାଜ୍ୟରେ ତିନୋଟି ପ୍ରମୁଖ ବନ୍ଦର ଥିବାବେଳେ ଆମେ ଇଞ୍ଚୁଡ଼ି, ବାହୁଦା, ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗଠାରେ ଆଉ ୪ଟି ନୂତନ ବନ୍ଦର ନିର୍ମାଣ କରିବାର ଲକ୍ଷ୍ୟ ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

■ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶିତ

## ପାସ୍ ହାର ୫୬.୨୩ ପ୍ରତିଶତ

କଟକ, ୧୬।୮ (ସମିସ): ଚଳିତବର୍ଷର ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଉଭୟ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଫଳାଫଳ ବୋର୍ଡ ପକ୍ଷରୁ www.bseodisha.ac.in ୱେବସାଇଟ୍‌ରେ ଅପରାହ୍ଣ ୨ଟା ପରଠାରୁ ଉପଲବ୍ଧ ହୋଇଛି। ସପ୍ଲିମେଣ୍ଟାରୀ ପରୀକ୍ଷା ପାସ ହାର ଗତ ବର୍ଷ ତୁଳନାରେ ବୃଦ୍ଧି ପାଇଛି। ଗତବର୍ଷ ସପ୍ଲିମେଣ୍ଟାରୀ ପାସ ହାର ୫୨.୨୧ ପ୍ରତିଶତ ଥିବା ବେଳେ ଏଥର ଏହା ୫୬.୨୩ପ୍ରତିଶତ ହୋଇଛି। ଅନ୍ୟପଟରେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାସ ହାର ଗତ ବର୍ଷ ୫୫ ପ୍ରତିଶତ ଥିବା ବେଳେ ଏଥର ବୃଦ୍ଧି ପାଇ ୫୫.୨୬ ପ୍ରତିଶତ ହୋଇଥିବା ବୋର୍ଡ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଭାପତି ଶ୍ରୀକାନ୍ତ ତରାଇ।

ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ସମୁଦାୟ ୩୪୫୭ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୪୭୪ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଏହି ପରୀକ୍ଷାରେ ମୋଟ ୧୯୪୪ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଚଳିତବର୍ଷର ପାସ ହାର ୫୬.୨୩ପ୍ରତିଶତ ରହିଛି। ଏ-୨ରେ ୩ଜଣ, ବି-୧ରେ ୧୪ଜଣ, ବି-୨ରେ ୩୯ଜଣ, ସି'ରେ ୧୧୩ଜଣ, ଡିରେ ୨୭୬ଜଣ, ଇ ଗ୍ରେଡରେ ୫୬୩ଜଣ ଓ କମ୍ପାର୍ଟମେଣ୍ଟାଲରେ ୯୭୬ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୧୦୩୮ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି।

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୫ହଜାର ୯୭୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୫୫.୨୬ ପ୍ରତିଶତ ରହିଛି। ଏ-୨ରେ ୧୩ଜଣ, ବି-୧ରେ ୨୩୨ଜଣ, ବି-୨ରେ ୭୨୩ଜଣ, ସି' ରେ ୧୭୩୮ଜଣ, ଡି' ଗ୍ରେଡ୍‌ରେ ୨୦୭୫ଜଣ ଓ ଇ-ଗ୍ରେଡରେ ୧୧୯୨ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିଭଳି ୪୧୪୦ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବେଳେ ୬୨୫ଜଣ ପରୀକ୍ଷା ଦେଇନଥିଲେ। ଏହି ପରୀକ୍ଷାରେ କପି କରି ୪୬ଜଣ ମାଲପ୍ରାକ୍ଟିସ ହୋଇଥିବା ଜଣାପଡ଼ିଛି। ଟାବୁଲେସନ୍ ରେଜିଷ୍ଟରଗୁଡ଼ିକ ବୋର୍ଡ ୱେବସାଇଟରୁ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଡାଉନଲୋଡ କରି ପିଲା ମାନଙ୍କୁ ପ୍ରଦାନ କରିପାରିବେ। ଗତ ଜୁଲାଇ ୧ରୁ ୧୦ତାରିଖ ପର୍ଯ୍ୟନ୍ତ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ଯୁବତୀଙ୍କୁ ଘରେ ରଖି ଯୌନ ନିର୍ଯାତନା

ବାରିପଦା, ୧୬।୮(ସମିସ): ନିଜ ଝିଅ ଭଳି ପାଳି ପୋଷି ମଣିଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ଘରେ ରଖି ପାଠ ପଢ଼ାଇବା ସହ ବଡ଼ ହେବା ପରେ ଉପଯୁକ୍ତ ପାତ୍ର ଦେଖି ବିବାହ କରାଇଦେବେ ବୋଲି ବି କହିଥିଲେ। ଏମିତି ସୁନେଲି ସ୍ୱପ୍ନ ଦେଖାଇ ଗରିବ ବାପା-ମା'ଙ୍କ ପାଖରୁ ନେଇ ଆସିବା ପରେ ସେମାନଙ୍କର ଅସଲ ରୂପ ଦେଖାଇଥିଲେ। ପାଠଶାଠ ପଢ଼ାଇବା ତ ଦୂରର କଥା, ଘରଯାକର ସବୁ କାମ ମୁଣ୍ଡ ଉପରେ ଲଦିଦେଲେ। ଚାକରାଣୀଙ୍କ ଭଳି ଦିନ ରାତି ଖଟାଇଲେ। ସେତିକିରେ ନିର୍ଯାତନା ସରିଲାନି ଯେ ତାକୁ ଯୌନ ନିର୍ଯାତନା ବି ଦେଲେ। ବାରିପଦା ରେଡିଓ ଷ୍ଟେସନ୍‌ରେ ଟେକ୍ନିସିଆନ ଭାବେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନାଁରେ ଆଜି ଭଞ୍ଜପୁର ଥାନାରେ ଏଭଳି ଏକ ସଂଗିନ୍ ଅଭିଯୋଗ ହୋଇଛି। ୩ବର୍ଷ ଧରି ଅକଥନୀୟ ନିର୍ଯାତନା ସହିବା ପରେ ଶେଷରେ ଯୁବତୀଜଣଙ୍କ ମୁହଁ ଖୋଲିବା ପରେ ଏହି ଘଟଣା ପଦାକୁ ଆସିଛି। ଏପରିକି, ବାବୁଙ୍କ କଳାକାରନାମା ଘୋଡ଼ାଇବା ପାଇଁ ତାଙ୍କ ସ୍ତ୍ରୀ ଉଦ୍ୟମ ଚଳାଇଥିଲେ। ସେ ଯୁବତୀଙ୍କୁ ଗୃହବନ୍ଦୀ ଭଳି କରି ରଖିଥିଲେ। ବାହାରକୁ ଛାଡୁନଥିଲେ ବୋଲି ଯୁବତୀଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

**ସାର୍‌ଙ୍କ କଳାକାରନାମାକୁ ମ୍ୟାଡମ୍ ଚାପି ଦେଉଥିଲେ**

ଅଭିଯୋଗ ଅନୁଯାୟୀ, ୩ ବର୍ଷ ତଳେ ମୋରଡ଼ା ଅଞ୍ଚଳର ଜଣେ ଗରିବ ନାବାଳିକାଙ୍କୁ ଉକ୍ତ ସରକାରୀ ବାବୁ ଓ ତାଙ୍କ ପତ୍ନୀ ଘରକୁ ନେଇ ଆସିଥିଲେ। ଏଥିପାଇଁ ତାଙ୍କ ବାପା-ମା'ଙ୍କୁ ନାନାଦି ମିଛ ପ୍ରତିଶ୍ରୁତି ଦେଇଥିଲେ। ଘରେ ରଖି ତା' ଦ୍ୱାରା ସବୁ କାମ କରାଇବା ସହ ଯୌନ ଶୋଷଣ ମଧ କରୁଥିଲେ। ଏବେ ନାବାଳିକାଙ୍କୁ ୧୮ ବର୍ଷ ପୂରି ସାବାଳିକା ହେଲେଣି। ତେବେ ନିର୍ଯାତନା ସହି ନପାରି ଯୁବତୀଜଣଙ୍କ ସେଠାରୁ ପଳାଇ ଆସି ନିଜ ଘରେ ସବୁ କଥା ପ୍ରକାଶ କରିଥିଲେ। ପରେ ପରିବାରଲୋକେ ଯୁବତୀଙ୍କୁ ନେଇ ମୋରଡ଼ା ଥାନାରେ ପ୍ରଥମେ ଏତଲା ଦେଇଛନ୍ତି। କିନ୍ତୁ ଏହି ଆପରାଧିକ ଘଟଣା ଭଞ୍ଜପୁର ଥାନାଞ୍ଚଳରେ ହୋଇଥିବାରୁ ପୁଲିସ୍ ସେମାନଙ୍କୁ ଭଞ୍ଜପୁର ଥାନାକୁ ପଠାଇ ଦେଇଥିଲା। ଯୁବତୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଭଞ୍ଜପୁର ଥାନା ଘଟଣାର ତଦନ୍ତ ଜାରି ରଖିଛି।

## ଦୁଇ ପୁଲିସ ଇନ୍ସପେକ୍ଟର ନିଲମ୍ବିତ

ଭୁବନେଶ୍ୱର,୧୬।୮(ସମିସ): କାର୍ଯ୍ୟରେ ଅବହେଳା ଅଭିଯୋଗରେ ୨ଜଣ ଇନ୍ସପେକ୍ଟରଙ୍କୁ ପୁଲିସ ଡିଜି ନିଲମ୍ବିତ କରିଛନ୍ତି। ଗତକାଲି ପୁରୀଜିଲ୍ଲା ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଲିୟାରସିଂଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଆଜି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତିଙ୍କୁ ନିଲମ୍ବିତ କରାଯାଇଛି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଲିୟାରସିଂ କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନାରେ ଥିଲାବେଳେ ଗଞ୍ଜେଇ ଚୋରା ଚାଲାଣରେ ଅଭିଯୁକ୍ତମାନଙ୍କ ସହିତ ସମ୍ପୃକ୍ତ ଥିବାର ବିଭାଗ ପାଖରେ ଅଭିଯୋଗ ପହଞ୍ଚିଥିଲା। ୨୦୨୩ ଅଗଷ୍ଟ ୨୧ରେ ଅସ୍ତରଙ୍ଗ ଥାନାରେ ଯୋଗ ଦେଇଥିବା ରାଜେଶ ବଲିୟାରସିଂ ୫ଦିନ ଛୁଟିନେଇ ନିଜ ପରିବାର ସହ ଭୁବନେଶ୍ୱରରେ ରହୁଥିଲାବେଳେ ତାଙ୍କୁ ଜୟପୁର ପୁଲିସ୍ ଡାକି ପଚରାଉଚରା କରିଥିଲା। ଜୟପୁର ଟାଉନ୍ ଥାନା ଏକ ମାମଲାରେ ପଚରାଉଚରା ବେଳେ ସେ ଫେରାର୍ ହୋଇଯିବା ଖବର ମିଳିଥିଲା। ପରେ ତାଙ୍କ ଉପରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଲମ୍ବିତ କରାଯାଇଛି। ସେହିପରି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତି ଥାନାକୁ ଯାଉଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଉ ନ ଥିବା ଏବଂ ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜର ଫାଇଦା ଉଠାଉଥିବା ଡିଜିପିଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା।

## ସାତକୋଶିଆରେ ଆଉ ଏକ ହାତୀର ଶବ ଠାବ

ଅନୁଗୋଳ,୧୬।୮(ସମିସ): ସାତକୋଶିଆ ଅଭୟାରଣ୍ୟର ବାଘମୁଣ୍ଡା ସେକ୍ସନ ଅଞ୍ଚଳରେ ଆଉ ଏକ ହାତୀର ଗଳିତ ଶବ ଠାବ ହୋଇଛି। କିଛି ଦିନ ପୂର୍ବରୁ ୪୦/୫୦ବର୍ଷ ବୟସ୍କ ଏହି ହାତୀର ମୃତ୍ୟୁ ହୋଇଥିଲେ ମଧ ବନ ବିଭାଗ ଡେରିରେ ଏହି ଖବର ପାଇଥିଲା। ଘଟଣାସ୍ଥଳକୁ ସାତକୋଶିଆ ବନଖଣ୍ଡର ନବନିଯୁକ୍ତ ଅଧିକାରୀ ଗଦାଧର ପାତ୍ର ଯାଇଥିବା ତଦନ୍ତ କରିଛନ୍ତି।

ଚିନ୍ତାର ବିଷୟ ହେଲା, ସାତକୋଶିଆ ଅଭୟାରଣ୍ୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ହାତୀ ମୃତ୍ୟୁ ଘଟଣା ଆଶାତୀତ ଭାବେ ବଢ଼ି ଚାଲିଛି। ଏପରି ଜାରି ରହିଲେ ସାତକୋଶିଆ ଖୁବଶୀଘ୍ର ହାତୀଶୂନ୍ୟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ବନ ବିଭାଗ ଏଠି ସମ୍ପୂର୍ଣ୍ଣ ରୂପେ ବିଫଳ ବୋଲି ବିଭିନ୍ନ ସ୍ତରରେ ଚର୍ଚ୍ଚା ହେଉଛି। ସାତକୋଶିଆ ବନବିଭାଗ ନିଜ କାର୍ଯ୍ୟଶୈଳୀର ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଏଠାରୁ ପୂର୍ବତନ ବିବାଦୀୟ ବନଖଣ୍ଡ ଅଧିକାରୀ ବଦଳି ହୋଇ ଗଲା ପରେ, ନୂତନ ଭାବେ ଡିଏଫ୍‌ଓ ଭାବେ ଗଦାଧର ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସାତକୋଶିଆ ଅଭୟାରଣ୍ୟ ବନ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବହୁମାତ୍ରାରେ ଅତ୍ୟାଧୁନିକ ଗାଡ଼ି ସବୁ ରହିଛି। ସୁରକ୍ଷା ପାଇଁ ଅବସରପ୍ରାପ୍ତ ସୈନିକ ମଧ ନିଯୁକ୍ତ ହୋଇଛନ୍ତି। ବିଭାଗରେ ଅନ୍ୟ କର୍ମଚାରୀ ମଧ ଅଛନ୍ତି। ତେବେ ଏତେ ସବୁ ସତ୍ତ୍ୱେ କାହିଁକି ବନବିଭାଗ ବନ୍ୟପ୍ରାଣୀଙ୍କ ଜୀବନରକ୍ଷାରେ ବିଫଳ, ତାହା ସମସ୍ତଙ୍କୁ ଅଶ୍ଚର୍ଯ୍ୟାନ୍ୱିତ କରିଛି।

**୧୨ ଥର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ମଧ ଫଳ ଶୂନ**

## ସରକାର ଶିକ୍ଷକଙ୍କୁ ପ୍ରତାରଣା କରନ୍ତୁ ନାହିଁ: ଭକ୍ତ



ଭୁବନେଶ୍ୱର,୧୬।୮(ସମିସ): ବିଜେପି ସରକାର ଗଠନ କରିବା ୧୪ ମାସ ମଧ୍ୟରେ ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତି ଆଦି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ବର୍ତ୍ତମାନ ମୋହନ ସରକାରଙ୍କ ଦ୍ୱାରା ପ୍ରତାରିତ ଶିକ୍ଷକ ରାଜରାସ୍ତାରେ ଅଛନ୍ତି। ଆଜି ଦୁଇଗୋଟି ଭିନ୍ନ ଅନୁଷ୍ଠାନ ତାଙ୍କ ଦାବି ନେଇ ସଚିବାଳୟ ସମ୍ମୁଖ ମହାତ୍ମା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିମାନ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ସରକାର କର୍ପୋରେଟ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ନିଜ ଶିକ୍ଷାନୁଷ୍ଠାନ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଶିକ୍ଷକଙ୍କୁ ପେନସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ସହ ୨୦୦୪ ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଏକମାତ୍ର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋହନ ସରକାର ଆସିବା ଦିନଠୁ ଏମାନେ ୧୨ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବି ଜଣାଇଥିଲେ ସୁଦ୍ଧା ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘର ସମସ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କ ପ୍ରତି ସରକାରଙ୍କ ପ୍ରତାଡ଼ନାକୁ ନିନ୍ଦା କରିବା ସହ ଅତିଶୀଘ୍ର ସେମାନଙ୍କ ଦାବି ଗ୍ରହଣ କରି ସରକାର ନ୍ୟାୟ ପ୍ରଦାନ କରନ୍ତୁ ଶ୍ରୀ ଦାସ ଦାବି କରିଛନ୍ତି।

## ଓଟିଇଟି ପରୀକ୍ଷା ନେଇ ସ୍ପଷ୍ଟ କଲେନି କର୍ତ୍ତୃପକ୍ଷ

କଟକ, ୧୬।୮(ସମିସ): ଆସନ୍ତା ଅଗଷ୍ଟ ୩୧ତାରିଖରେ ହେବାକୁ ଥିବା ଓଟିଇଟି ପରୀକ୍ଷା ହେବ କି ନାହିଁ, ସେନେଇ ସ୍ପଷ୍ଟ ଉତ୍ତର ରଖିନାହାନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ନୂତନ ପରୀକ୍ଷା ପରିଚାଳନା କମିଟି ଏହି ସମୟ ମଧ୍ୟରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରି ପରୀକ୍ଷା କରିପାରିବ କି ନାହିଁ ତାହା ତର୍ଜମା କରୁଛି। ସମ୍ଭବତଃ ବିଭିନ୍ନ କାରଣରୁ ଏହି ପରୀକ୍ଷା ନିର୍ଦ୍ଧାରିତ ତାରିଖରେ ନହୋଇପାରେ ବୋଲି ଶ୍ରୀ ତରାଇ କହିଛନ୍ତି। ଯଦି ଏହି ପରୀକ୍ଷା ଘୁଞ୍ଚିଯାଏ, ତାହେଲେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପୂର୍ବକ ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉକି ଗତ ଜୁଲାଇ ୨୦ରେ ହେବାକୁ ଥିବା ଓଟିଇଟି ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ ପାଇଁ ୧୯ତାରିଖ ମଧ ରାତ୍ରୀରେ ସ୍ଥଗିତ ରଖାଯାଇଥିଲା। ଗୋଟିଏପଟରେ ପ୍ରଶ୍ନପତ୍ର ଲିକ ଘଟଣାର ତଦନ୍ତ ଚାଲୁରହିଥିବା ବେଳେ ପୁନଃ ଅଗଷ୍ଟ ୩୧ତାରିଖରେ ପରୀକ୍ଷା ପାଇଁ ସାନି ତାରିଖ ଧାର୍ଯ୍ୟ ହୋଇଥିଲା। ଏବେ ଏହି ତାରିଖରେ ପରୀକ୍ଷା ହେବା ନେଇ ଅନିଶ୍ଚିତତା ଲାଗି ରହିଛି।

**କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ବଢୁଛି ଦୁର୍ଘଟଣା**

## ନିଯୁକ୍ତ ହେବେ ୫୦୦ ଟ୍ରାଫିକ ୱାର୍ଡେନ

କଟକ,୧୬।୮(ସମିସ): ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲ୍ଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲ୍ଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ସଡ଼କ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜିଲ୍ଲା ଏସ୍‌ପିମାନେ ଉପରୋକ୍ତ ୱାର୍ଡେନମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ। ସେମାନଙ୍କୁ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଥିଲେ। ଏହାସହ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ ସେ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ଏବଂ ରେଳବାଇ ସୁରକ୍ଷା) ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଭାସୀ ମାଧ୍ୟମରେ ଆଇଜି (କେନ୍ଦ୍ରାଞ୍ଚଳ) ଏସ୍. ପ୍ରବୀଣ କୁମାର, ଆଇଜି (ଦକ୍ଷିଣାଞ୍ଚଳ) ନୀତି ଶେଖର, ଡିଆଇଜି (ପୂର୍ବାଞ୍ଚଳ) ଡା. ସତ୍ୟଜିତ ନାୟକ, ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଉପସ୍ଥିତ ଥିଲେ।

■ ରାଜ୍ୟବ୍ୟାପୀ ପରିବହନ ବିଭାଗର ଯାଞ୍ଚ

## ୨୨୭ଟି ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

କଟକ,୧୬।୮(ସମିସ): ସଡକ ନିରାପତ୍ତା ଦୃଷ୍ଟିରୁ ମାଲବାହୀ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଯିବା ବାଧ୍ୟତାମୂଳକ। ତେବେ ଏହାକୁ ଉଲ୍ଲଙ୍ଘନ କରାଯାଉଥିବା ପରିବହନ ବିଭାଗର ଦୃଷ୍ଟିକୁ ଆସିବା ପରେ ରାଜ୍ୟବ୍ୟାପୀ ଯାଞ୍ଚ ଅଭିଯାନ କରାଯାଇଛି। ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଉନଥିବା ୨୨୭ଟି ଗାଡ଼ିର ଫିଟନେସ ପ୍ରମାଣପତ୍ର ରଦ୍ଦ କରାଯାଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ରାଜ୍ୟ ପରିବହନ ପ୍ରାଧିକରଣ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦ୍ୱାରା କଡ଼ାକଡ଼ି ଏନଫୋର୍ସମେଣ୍ଟ ଜାରି ରହିଛି। ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଗତ ଦୁଇ ଦିନ ଧରି କରାଯାଇଥିଲା। ଆରଟିଓ ମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଗୁଡ଼ିକୁ ଯାଞ୍ଚ କରିଥିଲେ। ଜଗତସିଂହପୁର ଆରଟିଓ ଦ୍ୱାରା ସର୍ବାଧିକ ୨୭, ଝାରସୁଗୁଡ଼ା ଆରଟିଓରେ ୨୬, ଭୁବନେଶ୍ୱର-୧ ଆରଟିଓ ୧୫, ରାଉରକେଲା ଆରଟିଓ ୧୩, କେନ୍ଦୁଝର ଆରଟିଓ ୧୨, କଟକ ଓ ଚଣ୍ଡିଖୋଲ ଆରଟିଓରେ ୯ ଲେଖାଏଁ, ଭୁବନେଶ୍ୱର-୨ ଆରଟିଓ ୮, ଗଞ୍ଜାମ ଆରଟିଓ ୭, ବଲାଙ୍ଗିର, ତାଳଚେର ଓ କେନ୍ଦ୍ରାପଡ଼ା ଆରଟିଓରେ ୬ ଲେଖାଏଁ, ଭଦ୍ରକ ଓ ସୋନପୁରରେ ୫ ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହିଭଳି ଢେଙ୍କାନାଳ, ଫୁଲବାଣୀ, ନୂଆପଡ଼ା, ବୌଦ୍ଧ, ଯାଜପୁର, ରାୟଗଡ଼ା ଆରଟିଓ ଓ ଖୋର୍ଦ୍ଧା ଏଆରଟିଓରେ ୪ଟି ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହି ଗାଡ଼ି ଗୁଡ଼ିକ ପୁଣି ଫିଟନେସ ପାଇବାକୁ ନିୟମ ଅନୁଯାୟୀ ଟେପ୍ ଲଗାଇ ଆବେଦନ କରିବାକୁ କୁହାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ ବାଣିଜ୍ୟିକ ଯାନର ପଛପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଯାଏ। ଏହାଦ୍ୱାରା ଅନ୍ୟ ସଡ଼କ ବ୍ୟବହାରକାରୀ ଗାଡ଼ିକୁ ଅନ୍ଧାର କିମ୍ବା କମ୍ ଆଲୁଅରେ ଦେଖିପାରନ୍ତି। ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ନିୟମିତ ଭାବରେ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇ ନ ଥିଲେ**

**ରାଜ୍ୟରେ ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥା ନେଇ ବିରୋଧୀଙ୍କ କଟାକ୍ଷ**

## 'ଆୟୁଷ୍ମାନ୍' ଏବେ ଶ୍ମଶାନ ଯୋଜନାରେ ପରିଣତ

ଭୁବନେଶ୍ୱର,୧୬।୮(ସମିସ): ଆୟୁଷ୍ମାନ ଭାରତ ଓ ସ୍ୱାସ୍ଥ୍ୟବସ୍ଥାର ଦୁରାବସ୍ଥା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ଗୋଲ ଟେବୁଲ ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ପ୍ରବଳ ସମାଲୋଚନା କରିଛନ୍ତି ବିରୋଧୀ। ଆୟୁଷ୍ମାନ ଯୋଜନା ବର୍ତ୍ତମାନ ଶ୍ମଶାନ ଯୋଜନାରେ ପରିଣତ ହୋଇଛି ବିରୋଧୀ କଟାକ୍ଷ କରିଛନ୍ତି। ସେହିପରି ଆୟୁଷ୍ମାନ ଭାରତ ତୁଳନାରେ ବିଜେଡି ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ଥିଲା ବୋଲି ମତ ଦେଇଛନ୍ତି କଂଗ୍ରେସର ନେତା ଶ୍ରୀକାନ୍ତ ଜେନା।



ଜନସ୍ୱାସ୍ଥ୍ୟ ଅଭିଯାନ (ଓଡ଼ିଶା), ଆଗାମୀ ଓଡ଼ିଶା ଓ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ କ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଏହି ଆଲୋଚନାରେ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଉପସ୍ଥିତ ରହିବା ଆବଶ୍ୟକ ଥିଲା। ସ୍ୱାସ୍ଥ୍ୟ ପ୍ରସଙ୍ଗ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ। ତେଣୁ ସାମୂହିକ ଭାବେ ବସି ଏହି ପ୍ରସଙ୍ଗ ଆଲୋଚନା କରିବା କଥା। ଲୋକେ କହୁଛନ୍ତି ପୂର୍ବ ସରକାର ସମୟରେ ବିଏସକେୱାଇ ଆୟୁଷ୍ମାନ ତୁଳନାରେ ଭଲ ଯୋଜନା ଥିଲା। ଯଦି ନାଁ ରେ ସମସ୍ୟା ଥିଲେ ନାଁ କୁ ବଦଳାଇ ଦିଆଯାଇ ପାରିଥାନ୍ତା। ମାତ୍ର ଯୋଜନାକୁ ବଦଳାଇବାର ଆବଶ୍ୟକତା କଣ ଥିଲା ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଛନ୍ତି।

**ଆୟୁଷ୍ମାନଠାରୁ ବିଏସକେୱାଇ ଭଲ ଥିଲା : ଶ୍ରୀକାନ୍ତ**

**ରାଜନୀତିକୁ ପଛ କରି ସରକାର ହୋସକୁ ଆସନ୍ତୁ: ଅରୁଣ**



କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ବିଜେଡି ବିଧାୟକ ଡ. ସାହୁ କହିଛନ୍ତି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଲୋକଙ୍କ ଭରସା ଥିଲା। ଏହି ଯୋଜନାରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରୁଥଲେ। କିନ୍ତୁ ଆୟୁଷ୍ମାନ ଭାରତ ଯୋଜନା ଏକ ବୀମା ଉପରେ ପର୍ଯ୍ୟବେସିତ ଯୋଜନା। ରୋଗୀ ନିଜର ଚିକିତ୍ସା କରିବା ପରେ ଏଥିରେ ଅର୍ଥ ମିଳିବ। ସେହିପରି ଲୋକେ ଏହି ଯୋଜନା ଅଧିନରେ ସ୍ୱାସ୍ଥ୍ୟସେବା ପାଇବାରେ ବହୁ ଜଟିଳତା ରହୁଛି। ଏଥିରେ ଆଠ ପ୍ରକାର ଓଟିପି ଆସୁଛି। ଡାକ୍ତରଙ୍କ ଫଟୋ ଅପଲୋଡ଼ ହେଉଛି। ଡାକ୍ତର ଓଟି ଭିତରେ ଥିଲେ ଗୁରୁତର ରୋଗୀ କଣ ଅପେକ୍ଷା କରି ବସିବ କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ୨୦୧୭ ମସିହାରେ ଯେତେବେଳେ ବିଏସକେୱାଇ ଆରମ୍ଭ ହେଲା ସେତେବେଳେ ପ୍ରାରମ୍ଭିକ ଭାବେ ୩୦୦-୪୦୦ କୋଟି ଖର୍ଚ୍ଚ ହେଉଥିଲା। ତେବେ ୨୦୨୩-୨୪ ବେଳକୁ ଏହା ୪ ହଜାର କୋଟିରେ ପହଞ୍ଚିଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସାରା ଦେଶରେ ମାତ୍ର ୫ ହଜାରରୁ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ତାହେଲେ ଆୟୁଷ୍ମାନ ଭାରତରେ ଓଡ଼ିଶାର ଭାଗ କେତେ ଓ ରୋଗୀ ଏଥିରୁ କ'ଣ ପାଇବେ? ତେଣୁ ସରକାର ଭୋଟ ରାଜନୀତି ନ କରି ଟିକେ ହୋସକୁ ଆସନ୍ତୁ। ଲୋକଙ୍କ ପାଇଁ ଚିନ୍ତା କରନ୍ତୁ। ସିଧାସଳଖ ଓଡ଼ିଶାବାସୀ ଯେଉଁ ସୁବିଧା ପାଇଥିଲେ ତାକୁ ସୁନିଶ୍ଚିତ କରନ୍ତୁ ବୋଲି ସେ କହିଛନ୍ତି।

ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର ଆୟୁଷ୍ମାନ ଭାରତ ଯୋଜନାର ଦୁରବସ୍ଥା ସମ୍ପର୍କରେ ଏକ ବିଷଦ ରିପୋର୍ଟ ବୈଠକରେ ଉପସ୍ଥାପନ କରିଥିଲେ। ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଓଡିଶା ଘରୋଇ ମେଡିକାଲ ଆସୋସିଏସନର ସଭାପତି ଇନ୍ଦ୍ରମଣି ଜେନା, ସମ୍ପାଦକ ସଂଗ୍ରାମ ମହାପାତ୍ର, ପ୍ରଫେସର ବିଜୟ ବହିଦାର, ପ୍ରଫେସର ଅମୀୟ ମହାନ୍ତି, ଶ୍ରମିକ ନେତା ମହେନ୍ଦ୍ର ପରିଡା, ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ ପ୍ରମୁଖ ଯୋଗ ଦେଇଥିଲେ।

ସକାଳ
THE SAKALA



www.sakalaepaper.com

## ୭୯ତମ ସ୍ୱାଧୀନତା ଦିବସ ପାଳିତ

# 'ଗଣତନ୍ତ୍ରକୁ ସମୃଦ୍ଧ କରିବାକୁ ପ୍ରତ୍ୟେକ ନାଗରିକଙ୍କ ଗୁରୁଦାୟିତ୍ୱ ରହିଛି'













କେନ୍ଦ୍ରାପଡ଼ା,୧୬।୮ (ସମିସ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଆମ ଗଣତନ୍ତ୍ରକୁ ସମୃଦ୍ଧ ଓ ସଶକ୍ତ କରିବା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କ ଗୁରୁଦାୟିତ୍ୱ ରହିଛି। ଏହି ଦାୟିତ୍ୱ ନିର୍ବାହ ସହ ସମାଜର ସବୁ ବର୍ଗର ବ୍ୟକ୍ତିଙ୍କୁ ସାଥିରେ ନେଇ ସାମାଜିକ ଭେଦଭାବ ଦୂର କରି ଏକ ପରିପକ୍ୱ ଓ ପରିପୃଷ୍ଟ ଗଣତନ୍ତ୍ର ପ୍ରତିଷ୍ଠା ଓ ବିକାଶ ପଥରେ ସହଭାଗୀ ହେବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ବୋଲି କହିଥିଲେ। ଏ ଅବସରରେ ପୁଲିସ ବିଭାଗର ୩ ଜଣ (ସରୋଜ ସାହୁ, ଡିଏସପି, ଦିଲ୍ଲୀପ ସାହୁ ଆଇଆଇସି ଟାଉନ ଥାନା ଓ ଶିଶିର କୁମାର ସାହୁ ଏଏସଆଇ ରାଜନଗର ଥାନା), ୨ ଜଣ ଅଗ୍ନିଶମ କର୍ମଚାରୀ (ଶଶୀଶେଖର ପଣ୍ଡା ଓ ବିଜୟ ସାହୁ), ଜଣେ ଡାକ୍ତର (ରଶ୍ମିରଞ୍ଜନ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜନଗର), ଗୋଟିଏ ଉତ୍କଳ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀ (ଗୋଲାରହାଟ, ଡେରାବିଶ), ଜଣେ କ୍ରୀଡ଼ାବିତ (ସାହଦତ ଖାଁ) ଓ ରାଜ୍ୟସ୍ତରୀ ବକ୍ତୃତା ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ତେଜ ତନ୍ମୟଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷା ସରିତା ସାହୁ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେଡ଼ରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଏନସିସି ବର୍ଗରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳକ ପ୍ରଥମ, ସରକାରୀ ହାଇସ୍କୁଲ ଏନସିସି ଦ୍ୱିତୀୟ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳିକା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ମାଇଁ ଏନସିସି ଆଲୁମିନା ଆସୋସିଏସନ ପ୍ରଥମ ହୋଇଥିବାବେଳେ ସରକାରୀ ବାଳିକା ବିଦ୍ୟାଳୟ କେନ୍ଦ୍ରାପଡ଼ା ଦ୍ୱିତୀୟ ଓ ସରସ୍ୱତୀ ବିଦ୍ୟାମନ୍ଦିର ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ଜେନିତ ଇଣ୍ଟରନ୍ୟାସନାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରଜ୍ଞାପନ ମେଢ଼ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରଥମ, ଜିଲ୍ଲା ସମଗ୍ର ଶିକ୍ଷା ଦ୍ୱିତୀୟ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତୃତୀୟ ସ୍ଥାନ ଅଧିକାର କରିଥିଲେ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ମହାସଭାର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗରାପୁର ଛକସ୍ଥ ଗରୁଆଳ ଯାଦବ ଭବନରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ଜିଲ୍ଲା ଯାଦବ ଭବନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପବିତ୍ର ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ସହସମ୍ପାଦକ ବିଶ୍ୱରଞ୍ଜନ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ଯାଦବ ସାଧାରଣ ସମ୍ପାଦକ ଲୋକନାଥ ଦାସ, ମ୍ୟୁନିସିପାଲିଟି ଯାଦବ ସଭାପତି ଅଜୟ ଦାସ, କେନ୍ଦ୍ରାପଡା ବ୍ଲକ ଯୁବ ଯାଦବ ସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ଧୀରେନ ଦାସ, କେନ୍ଦ୍ରାପଡ଼ା ବ୍ଲକ ମହିଳା ସଭାନେତ୍ରୀ ରୀନାରାଣୀ ଦାସ, ସମାଜସେବୀ ଜିତନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ପୌରୋହିତ୍ୟରେ ସ୍ୱାଧୀନତା ଦିବସ କଜଳାସ୍ଥ କଂଗ୍ରେସ କାର୍ଯ୍ୟାଳୟରେ ପାଳନ କରାଯାଇଛି। ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ଚେୟାରମ୍ୟାନ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକୀର ଖଟୁଆ, ଦଳିତ ନେତା ସର୍ବେଶ୍ୱର ସେଠୀ, ବିଦ୍ୟୁଭୂଷଣ ମହାପାତ୍ର, ମହେନ୍ଦ୍ର ପରିଡ଼ା, ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ସିପିଆଇଏମ୍ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ଗଣାଧର ଧଳ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା କମିଟି ସଦସ୍ୟ ଜଗଜୀବନ ଦାଶ, ଶ୍ରମିକ ନେତା ମାଧବ ଦାସ, ସନ୍ୟାସୀ ସାହୁ ପ୍ରମୁଖ ଯୋଗଦେଇ ଦେଶର ସମ୍ବିଧାନ, ଗଣତନ୍ତ୍ର, ଧର୍ମନିରପେକ୍ଷତା, ସ୍ୱାଧୀନ ବୈଦେଶିକ ନୀତି, ସାମାଜିକ ନ୍ୟାୟ ଆଜି ବିପନ୍ନ ବୋଲି ମତବ୍ୟକ୍ତ କରିଥିଲେ। ଏହା ବିରୁଦ୍ଧରେ କମ୍ୟୁନିଷ୍ଟମାନେ ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ଆଗେଇ ଆସିବା ନିମନ୍ତେ ଆହ୍ୱାନ ଦେଇଥିଲେ।

**ପଟ୍ଟାମୁଣ୍ଡାଇ:** ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୋର୍ଟରେ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦରେ ଅଧ୍ୟକ୍ଷ ହେମନ୍ତ ସାହୁ, ଏସଡିପିଓ ଅଫିସରେ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନାରେ ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନାରେ ଆଇଆଇସି ଶ୍ରୀକାନ୍ତ ବାରିକ, ସବ୍‌ରେଜିଷ୍ଟ୍ରାର ଅଫିସରେ ସବରେଜିଷ୍ଟ୍ରାର ଅଶୋକ ମହାନ୍ତି, ସବଡିଭିଜନ ହସ୍ପିଟାଲରେ ଡା. ନିରାକାର ପରିଡା, ଜଳସମ୍ପଦ ସବଡିଭିଜନ ଅଫିସରେ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସବଡିଭିଜନ ଅଫିସରେ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ବିଦ୍ୟୁତ ବିଭାଗ ସବଡିଭିଜନ ଅଫିସରେ ସହକାରୀ ଯନ୍ତ୍ରୀ ଇଂ ସ୍ମୃତିରଞ୍ଜନ ରଥ, ପଟ୍ଟାମୁଣ୍ଡାଇ କଲେଜରେ ଅଧ୍ୟକ୍ଷ ପ୍ରଫେସର ମନୋଜ ପରିଡା, ବିଜେଡି ଅଫିସରେ ବିଧାୟକ ଧ୍ରୁବ ସାହୁ, ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଧୋୟାଞ୍ଚଳରେ ଅବସରପ୍ରାପ୍ତ କର୍ମଚାରୀ ସେବାପରିଷଦ ସମ୍ପାଦକ ରାଜକୁମାର ବିଶ୍ୱାଳ, ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରରେ ସ୍ୱାମୀ ଅସୀମାନନ୍ଦ ଦାସ, ଭେଙ୍କଟେଶ୍ୱର ଇଂରାଜୀ ମିଡିୟମ ସ୍କୁଲରେ ଆଡ୍‌ଭୋକେଟ ସଞ୍ଜୟ ସାହୁ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍କୁଲ, କଲେଜ, ଅଫିସ ଓ ବ୍ୟବସାୟିକ ପ୍ରତିଷ୍ଠାନ ଓ ସଂଗଠନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସତ୍ରୁଘନ ମଲିକ ପତାକା ଉତ୍ତୋଳନ କରିଥିଲେ। ଦାମୋଦରଜୀଉ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର, ରାମଚଣ୍ଡୀ ଶିକ୍ଷା ନିକେତନରେ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ରାଜନଗର:** ୭୯ତମ ସ୍ୱାଧୀନତା ଦିବସ ରାଜନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ବ୍ଲକ ପରିସରରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିଡିଓ ଅନିରୁଦ୍ଧ ବେହେରା, ତହସିଲଦାର ଯୀଶୁକୃଷ୍ଣ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ, ସମିତି ସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ପରେଡ଼ରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ସୈନିକ ଓ ବିଭିନ୍ନ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରାଜନଗର ଜେଏମଏଫସି କୋର୍ଟରେ ନ୍ୟାୟଧୀଶ ଶିବାନୀ ମିଶ୍ର, ବନଖଣ୍ଡ କାର୍ଯ୍ୟାଳୟରେ ଡିଏଫଓ ଭରଦରାଜ ଗାଓଁକର, ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସଭାପତି ନିରଞ୍ଜନ ରାଉତ, ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଠ ନେତା ଅଶୋକ ପ୍ରତିହାରୀ, ରାଜନଗର ଥାନାରେ ଆଇଆଇସି ନରେଶ ସାହୁ, ତାଳଚୁଆ ମେରାଇନ ଥାନାରେ ଆଇଆଇସି ବିମଳ ମଲ୍ଲିକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା ରଶ୍ମିରଞ୍ଜନ ମହାନ୍ତି, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଘନଶ୍ୟାମ ମିଶ୍ର, ତ୍ରିନାଥ ବଜାରସ୍ଥ ବିଜେଡି କାର୍ଯ୍ୟାଳୟରେ ଦେବେନ୍ଦ୍ର ଜେନା, ତହସିଲରେ ତହସିଲଦାର ଯୀଶୁକୃଷ୍ଣ ଦାସ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବିଓ ମନୋରଞ୍ଜନ ସେଠୀ, ଅବସରପ୍ରାପ୍ତ ସେନା କାର୍ଯ୍ୟାଳୟରେ ସୁବେଦାର ଗଗନ ସ୍ୱାଇଁ, ରାଜନଗର ପଞ୍ଚାୟତରେ ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସଭାପତି ଦଧିବାବନ ଭୂୟାଁ, ରାଜନଗର ହାଇସ୍କୁଲରେ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ଛାଟୋଇ ପତାକା ଉତ୍ତୋଳନ କରିଥିଲେ।

ରାଜନଗର ବ୍ଲକ ସୈନିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ସଭାପତି ସୁବେଦାର ଗଗନ ବିହାରୀ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସେନା ଅଧିକାରୀ ରବୀନ୍ଦ୍ର ମହାରଣା ପତାକା ଉତ୍ତୋଳନ କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ, ଅକ୍ଷୟ ନାୟକ, ରମାକାନ୍ତ ମାହୁନ୍ତ, ସୁବାସ ସ୍ୱାଇଁ, ରଶ୍ମିରଞ୍ଜନ ରାଉତ, ରବୀନ୍ଦ୍ର ନାଥଶର୍ମା, ଜେମାଲତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

ରାଜନଗର ବ୍ଲକ ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ଦଳୀୟ କାର୍ଯ୍ୟାଳୟରେ ପାଳନ କରାଯାଇଛି। ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ ପତାକା ଉତ୍ତୋଳନ କରିଥିଲେ। ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ରଶ୍ମିରଂଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ସର୍ବେଶ୍ୱର ମହାନ୍ତି, କୈଳାସ ପରିଡ଼ା, ବାଇଧର ସେଠୀ, ତ୍ରିଲୋଚନ ସାହୁ, ବିଚିତ୍ର ମଲିକ, ରଂଜନ ମହାନ୍ତି, ଶୁଭସ୍ମିତା ରାଉତ, ପରମେଶ୍ୱର ଦାସ, ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିନାଥ ବଜାରସ୍ଥ ବିଜେଡି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବିଜେଡି ବରିଷ୍ଠ ନେତା ଦେବେନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ବିଜେଡି ନେତା ଅଶୋକ ବଳ, ମାଗୁଣୀ ଚରଣ ଲେଙ୍କା, ମୋହନ ଦାସ, କାମଦେବ ରାଉତ, ଗଗନ ବଳ, ବାବାଜୀ ସାହୁ, ବିଚିତ୍ର ମଲିକ, ବିଜୟ ପାତ୍ର, ଦିଲ୍ଲୀପ ବେହୁରା, ଦାମୋଦର ମହାନ୍ତି କୁଳମଣି ସାହାଣୀ, ଆଶୋକ ଦାସ, ନରହରି ନାୟକ ପ୍ରମୁଖ ଯୋଗ ଦେଇଥିଲେ।

**ଡେରାବିଶ:** ୭୯ତମ ସ୍ୱାଧୀନତା ଦିବସ ଡେରାବିଶ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଡେରାବିଶ ବ୍ଲକ୍ କାର୍ଯ୍ୟାଳୟରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ପରେ ବିଧାୟକ କୁରୁଜଙ୍ଗା ଆଦର୍ଶ ବିଦ୍ୟାଳୟକୁ ଯାଇ ସେଠାରେ ପତାକା ଉତ୍ତୋଳନ କରିବା ପରେ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଡେରାବିଶ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସରୋଜ ନାୟକ, ଚାନ୍ଦୋଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅକ୍ଷୟ ବଳ, ଡେରାବିଶ କଲେଜରେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, ଡେରାବିଶ ଥାନାରେ ଅଧିକାରୀ ଅମ୍ବିକା ପ୍ରସାଦ ଦାସ, ଚାନ୍ଦୋଳ ଫାଣ୍ଡିରେ ଅଧିକାରୀ ପ୍ରତାପ ରଥ, ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସଭାନେତ୍ରୀ କାମିନୀ ମିଶ୍ର, ଚାନ୍ଦୋଳସ୍ଥ ଗଜ ଉଦ୍ଧାରଣ ରିକ୍ସା ଟ୍ରଲି ଚାଳକ ସଂଘ କାର୍ଯ୍ୟାଳୟରେ ଶ୍ରମିକ ନେତା ଅଶୋକ ତ୍ରିପାଠୀ, ଚାନ୍ଦୋଳ ବଜାରସ୍ଥ ବିଜେପି ଚାନ୍ଦୋଳ ମଣ୍ଡଳ କାର୍ଯ୍ୟାଳୟରେ ପୂର୍ବତନ ଜିଲ୍ଲା ଉପସଭାପତି ସ୍ମାରକ ମହାନ୍ତି, ଡେରାବିଶ ସାଂସ୍କୃତିକ ସଂଗଠନ କାର୍ଯ୍ୟାଳୟରେ ମହେନ୍ଦ୍ର ସିଂ ପତାକା ଉତ୍ତୋଳନ କରିଥିଲେ। କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ପ୍ରତିଷ୍ଠାତା ସମ୍ପାଦକ ପ୍ରାଧ୍ୟାପକ ଅଜୟ ରାଉତ ପତାକା ଉତ୍ତୋଳନ କରିଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା। ଦାନପୁର ସମବାୟ ସମିତି କାର୍ଯ୍ୟାଳୟରେ ସଭାପତି ପର୍ଶୁରାମ ମଲ୍ଲ ପତାକା ଉତୋଳନ କରିଥିଲେ। କଳିଙ୍ଗ ଆବାସିକ ବିଦ୍ୟାଳୟରେ ଅଧ୍ୟକ୍ଷ ମନୋଜ ପ୍ରଧାନ, ବିବି ମଡେଲ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ ପତାକା ଉତ୍ତୋଳନ କରିଥିଲେ। ସେହିପରି ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କନକଲତା ପ୍ରଧାନ ପତାକା ଉତ୍ତୋଳନ କରିଥିବାବେଳେ ବିଭିନ୍ନ ପଞ୍ଚାୟତ ଓ ସମବାୟ ସମିତି କାର୍ଯ୍ୟାଳୟରେ ସରପଞ୍ଚ ଓ ସଭାପତି ପତାକା ଉତ୍ତୋଳନ କରିଥିଲେ।

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡଃ ଶଶୀକାନ୍ତ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ ପ୍ରଭାତ ଲେଙ୍କା, ଅଧ୍ୟାପକ ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଶାଘାଇ ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ, ଉପନିବନ୍ଧକ କାର୍ଯ୍ୟାଳୟ, ସବ୍‌ଟ୍ରେଜରୀ କାର୍ଯ୍ୟାଳୟ, ମାର୍ଶାଘାଇ କୃଷି ଜିଲ୍ଲା କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନରେ ଜାତୀୟ ଦିବସ ପାଳନ କରାଯାଇଥିଲା। ମାର୍ଶାଘାଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ସଂଜୟ ମଲ୍ଲିକ, ସରକାରୀ ଉଚ୍ଚବିଦ୍ୟାଳୟରେ ଗୋପୀନାଥ ବେହେରା, ଜନଶକ୍ତି ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିରଞ୍ଜନ ମହାରଣା, ମଧୁସାଗର ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲ, ପିଏନ୍‌ଏସ୍ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଅଧ୍ୟକ୍ଷ ସ୍ମୃତିରଞ୍ଜନ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଗୋବିନ୍ଦପୁର:** ଗୋବିନ୍ଦପୁର ସମେତ ଧୋୟାଞ୍ଚଳରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଗୋବିନ୍ଦପୁର କୃଷି ସେବା ସମବାୟ ସମିତିରେ ସଭାପତି ଧନରଞ୍ଜନ ବୋଷ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ବିରଜାପ୍ରସାଦ ଦାସ, ସଦସ୍ୟ, କୃଷକ, କର୍ମଚାରୀ ଉପସ୍ଥିତ ଥିଲେ। ଗାନ୍ଧୀ ମେମୋରିଆଲ କଲେଜରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷ, ଅଧ୍ୟାପକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମଧୁସୂଦନପୁର ଜଳସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା, ଜୁଆଣିଆ ପଞ୍ଚାୟତରେ ସରପଞ୍ଚ ସୁବ୍ରତ ନାୟକ, ଦେସାହି ପଞ୍ଚାୟତରେ ସରପଞ୍ଚ ମୋନାଲିସା ଦାସ ପତାକା ଉତ୍ତୋଳନ କରିଥିଲେ। ସେହିପରି ଗୋବିନ୍ଦପୁର ହାଇସ୍କୁଲ, ଦଧିବାମନଜୀଉ ବିଦ୍ୟାପୀଠ, ଜନତା ହାଇସ୍କୁଲ, ବିଭିନ୍ନ ପଞ୍ଚାୟତ ଓ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପୁଲିସ ଷ୍ଟେସନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ରୀଶ୍ରୀ ବାୟାବାବା ମହାବିଦ୍ୟାଳୟ, ବାବର ନିଗମାନନ୍ଦ ମହାବିଦ୍ୟାଳୟ, ଜୟଚନ୍ଦ୍ରପୁର ତାରିଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଶ୍ରମିକ ସଂଗଠନ ପକ୍ଷରୁ ମହାକାଳପଡ଼ାସ୍ଥ ୟୁନିଅନ୍ ଅଫିସରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ସଭାପତି ଫକୀର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହାକାଳପଡା ପଞ୍ଚାୟତର ପୂର୍ବତନ ସଭ୍ୟ ଶାରଦା ଚୌଧୁରୀ, ଶିଶିର ରାଉତ, ବିଶ୍ୱଜିତ ପ୍ରଧାନ, ବିପିନ ମଲ୍ଲିକ, ପ୍ରକାଶ ବେହେରା, ଅଭୟ ପଲାଇ, ଅମିର ମଲ୍ଲିକ, ମାମିନା ମଲ୍ଲିକ, ଅଲେଖା ଗାଇନି, ରତ୍ନମଞ୍ଜୁଳା ନାୟକ, ଗୀତାରାଣୀ ମଣ୍ଡଳ, ନମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ରାଜକନିକା:** ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କନିକା ତହସିଲ କାର୍ଯ୍ୟାଳୟରେ ତହସିଲଦାର ଭାନୁମତୀ ମାଝୀ, ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷା ମିନତୀ ରାଉତ, ଥାନା ପରିସରରେ ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ, ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଉପେନ୍ଦ୍ର ପଣ୍ଡା, ଓଳାଭର ମହାବିଦ୍ୟାଳୟରେ ଅଧ୍ୟକ୍ଷ ହଳଧର ବେହେରା, କନିକା ସହିଦ ବାସୁ ବିଶୁନିଙ୍କ ସ୍ମୃତି ପୀଠରେ ହରେକୃଷ୍ଣ ନାୟକ, ରାଜେନ୍ଦ୍ର ନାରାୟଣ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ କଳ୍ପନା ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ବାଦଲ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏତଦବ୍ୟତୀତ ଉତ୍କଳ ଆର୍ଟ ପ୍ରେସରେ ପ୍ରତିଷ୍ଠାତା ନରହରି ଦାଶ, ଯାଦବ ମହାସଂଘରେ ବିଶିକେଶନ ଦାସ, ରାଜକନିକା ଆଥଲେଟିକ୍ ଆସୋସିଏସନରେ ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ସାର୍ବଜନୀନ ଦୁର୍ଗାପୂଜା କମିଟିରେ ସଭାପତି ଓ ସମ୍ପାଦକ, ଗାୟତ୍ରୀ କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନ, ପୂଜ୍ୟପୂଜା ଅନୁଷ୍ଠାନ, ବରିଷ୍ଠ ନାଗରିକ ମଞ୍ଚ, କନିକା ପ୍ରେସ କ୍ଲବ, ସମସ୍ତ ଶିଶୁ ବିଦ୍ୟାମନ୍ଦିର, ବିଦ୍ୟାଳୟ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବିଜେଡି କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟରେ ଡା. ଦେବସ୍ମିତା ଶର୍ମା, ବିଜେପି କାର୍ଯ୍ୟାଳୟ, ସିପିଆଇ(ଏମ) କାର୍ଯ୍ୟାଳୟ, ସିପିଆଇ(ଏମଏଲ), କଣ୍ଟପଡା ସତ୍ୟନାରାୟଣ ବଣିକ ସଂଘ କାର୍ଯ୍ୟାଳୟରେ ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ।

# 'ସମୃଦ୍ଧ ପଟ୍ଟାମୁଣ୍ଡାଇ ଗଢ଼ିବାକୁ ସମସ୍ତେ ଆଗେଇ ଆସିବା ଉଚିତ'

ପଟ୍ଟାମୁଣ୍ଡାଇ,୧୬।୮ (ସମିସ)

ସମୃଦ୍ଧଶାଳୀ ନୂଆ ପଟ୍ଟାମୁଣ୍ଡାଇ ଗଢିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ସ୍ଥାନୀୟ ପରେଡ଼ ପଡିଆରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଉପରୋକ୍ତ ମତ ପ୍ରକାଶ କରିଛନ୍ତି। କମିଟି ଅଧ୍ୟକ୍ଷ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ ସ୍ୱାଧୀନତା ଦିବସର ମହତ୍ୱ ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ତହସିଲଦାରଙ୍କ ସହିତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ଏନସିସି ପ୍ରମୁଖ ସରୋଜ ସ୍ୱାଇଁ ବିଧାୟକଙ୍କୁ ମିଳିତ ପରେଡକୁ ପାଛୋଟି ନେଇଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, କଲେଜ ଅଧ୍ୟକ୍ଷ ପ୍ରଫେସର ମନୋଜ ପରିଡା, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅନିରୁଦ୍ଧ ରାଉଳ ଓ ଦୁର୍ଯ୍ୟୋଧନ ପରିଡା, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବ ବିଜେଡି



ସଭାପତି ଅଶୋକ ଧଳ, ପଟ୍ଟାମୁଣ୍ଡାଇ ଅଗ୍ନିଶମ ଅଧିକାରୀ, ଜାତୀୟ ଦିବସ ପାଳନ କମିଟି ସମ୍ପାଦକ ବିଜୟ ସାହୁ, ନୃସିଂହ ଚୌଧୁରୀ, ଗୋପୀନାଥ ତ୍ରିପାଠୀ, ଗୋପୀବଲ୍ଲଭ ନାୟକ, ସାମ୍ବାଦିକ ଅନୀଲ ଚୌଧୁରୀ, ପ୍ରମୋଦ ଜେନା, ପ୍ରମୋଦ ସାହୁ, ବୀରକିଶୋର ଦାସ ପ୍ରମୁଖଙ୍କ ସହ କମିଟି କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ବିଧାୟକ ପୁରସ୍କୃତ କରିଥିଲେ। ମାଟ୍ରିକ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭମ ଜ୍ୟୋତି ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



## ■ ଅନୁଗୋଳ ଜିଲ୍ଲା ପ୍ରଶାସନ

ଅନୁଗୋଳ, ୧୬।୮(ସମିସ): ଅନୁଗୋଳ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧନତା ଦିବସ ସମାରୋହ ମହାସମାରୋହରେ ପାଳିତ ହୋଇଛି। ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ପଡ଼ିଆରେ ଆୟୋଜିତ ଉତ୍ସବରେ ଓଡ଼ିଶା ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସମୁଦାୟ ୩୪ଟି ଦଳ ପରେଡ୍ ପ୍ରଦର୍ଶନ କରିଥିଲେ। ପୁଲିସ ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାହାରୀ ପରେଡ ପରିଚାଳନା କରିଥିଲେ। ସ୍ୱାଧନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୪୪ ଜଣ କୃତୀ ପ୍ରତିଯୋଗୀ, ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ସିବିଏସଇ ଓ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୬ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବନ୍ତଳା ବାଳିକା ଉଚ୍ଚ ବିଦ୍ୟାଳୟର ସରିତା ପ୍ରଧାନଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ, ଟାଇଁସି ସବ୍‌ସେଣ୍ଟରରେ ପ୍ରିୟରଞ୍ଜନ ଦେହୁରୀଙ୍କୁ ଶ୍ରେଷ୍ଠ ସ୍ୱାସ୍ଥ୍ୟ କର୍ମଚାରୀ ଓ ଅନୁଗୋଳ ପୌରପାଳିକାର ଶଙ୍କର ଗୋଛାୟତଙ୍କୁ ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ପୁରସ୍କୃତ କରାଯାଇଥିଲା। ପରେଡରେ କୃତିତ୍ୱ ହାସଲ କରିଥିବା ୬ଟି ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପରେ ମୁଖ୍ୟଅତିଥି ପିଟିସି ପଡ଼ିଆରେ ଚାରାରୋପଣ କରିଥିଲେ। ଏଥିସହ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ଯୋଗଦେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅନୁଗୋଳ ଜେଲ ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ରଦ୍ୱାରା ରାମଧୁନ ପରିବେଷଣ କରାଯାଇଥିଲା। ଅପରାହ୍ନରେ କଦମ୍ବ ପଡ଼ିଆରେ ଜିଲ୍ଲା ପୁଲିସ ଓ ନାଲ୍‌କୋ ଟିମ୍ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖର ଓ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସଭାଘରଠାରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ■ ନାଲକୋ ଏସଭିଏମ୍

ନାଲକୋ ନଗର: ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଭାରପ୍ରାପ୍ତ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ



ତତ୍ତ୍ୱାବଧାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷା ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷାବିକାଶ ସମିତି ଓଡ଼ିଶାର ପ୍ରାନ୍ତ ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର ଯୋଗଦେଇ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଗଦାଧର ପାଣିଗ୍ରାହୀ, ବିଜୟ କୁମାର ବିଶ୍ୱାଳ, ଜଗନ୍ନାଥ ପାଣିଗାହୀ, ମନୋରଞ୍ଜନ ମହାପାତ୍ର, ବିଚିତ୍ରାନନ୍ଦ ନାୟକ, ଅହିଂସା ପ୍ରିୟଦର୍ଶିନୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନାଲକୋ ନଗର:** ନାଲକୋ ନଗରସ୍ଥିତ ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସରେ ନାଲ୍‌କୋ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏସ ଆଣ୍ଡ ପି କମ୍ପ୍ଲେକ୍ସର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ତଥା ସମୂହ ମହାପ୍ରବନ୍ଧକ ନରେଲା ସୁବ୍ରମଣ୍ୟମ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ସୁନୀଲ ମହାପାତ୍ର, ମୁଖ୍ୟ ମହା ପ୍ରବନ୍ଧକ (ସ୍ମେଲଟର) ସଚ୍ଚିଦାନନ୍ଦ ଜେନା, ମୁଖ୍ୟ ମହାପ୍ରବନ୍ଧକ (ସିପିପି) ସତ୍ୟବାଦୀ ମିଶ୍ର, ସାକିଲୁର ରହେମନ, ସୁବ୍ରତ ମିଶ୍ର, ଶୁଭେନ୍ଦୁ ଘୋଷ, ପ୍ରଣବ ଦାସ, ଅକ୍ଷୟ କୁମାର ବେହେରା, ତରୁଣ ତ୍ରିପାଠୀ, ଦିଲୀପ ବାଗ, ଭରତ ମହାରଣା, ରାଜୀବ ରଞ୍ଜନ, ଦେବରାଜ ସିଂହଦେଓ, ହିମାଂଶୁ ଶେଖର ପଣ୍ଡା, ଡ. ଆଶୁତୋଷ ରାଉଳ ଉପସ୍ଥିତ ଥିଲେ। ଉପ ମହାପ୍ରବନ୍ଧକ ଲଲାଟେନ୍ଦୁ ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ନାଲକୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ଦ୍ୱାରା ପ୍ରେରିତ ସ୍ୱାଧୀନତା ଦିବସର ବାର୍ତ୍ତା ମହାପ୍ରବନ୍ଧକ ରାଜରାମ ମିଶ୍ର ପଠନ କରିଥିଲେ। ପ୍ରତାପ ଚନ୍ଦ୍ର ମଲ୍ଲିକ, ଶୀତଳ ସମୀର ମାଝୀ, ହରିହର ସା, ପ୍ରଶାନ୍ତ ସାହୁ, ଅଟଳ ଷଡ଼ଙ୍ଗୀ, ପ୍ରଦୀପ୍ତ ସାହୁ, ଘନଶ୍ୟାମ ଦାସ, ଚନ୍ଦ୍ର ମୋହନ ମୁଣ୍ଡାରୀ, ସୁଶାନ୍ତ ସାହୁ, ପଙ୍କଜ ମହାରଣା, ପ୍ରକାଶ ସାହୁ, ବାମଦେବ ସେଠ, ଲଳିତ ନାୟକ, ପଦ୍ମନାଭ ସାହୁ, ଅକ୍ଷୟ ବେହେରା, ପ୍ରଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଉପ ମହାପ୍ରବନ୍ଧକ କିଶୋର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବଇଣ୍ଡା:** କିଶୋରନଗର ବ୍ଲକ ବଇଣ୍ଡାର ବିଭିନ୍ନ ସ୍ଥାନରେ ଶୁକ୍ରବାର ସ୍ୱାଧୀନତା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଧରି ନଗର ପରିକ୍ରମା କରିଥିଲେ। ରାମଦେଓ ଉଚ୍ଚ ବିଦ୍ୟାଳୟରେ ସୁକାନ୍ତି ମଞ୍ଜରୀ ଚତମ୍ବା, ଶିଶୁ ମନ୍ଦିରରେ ଭାଗୀରଥି ପ୍ରଧାନ, ନୁନୁକାପଶି ପଞ୍ଚାୟତରେ ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ସହରାଇ ସିଂ, ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲରେ ପ୍ରିୟରଞ୍ଜନ ସାହୁ, ମହର୍ଷି ବିଦ୍ୟାମନ୍ଦିରରେ ସପ୍ନେଶ୍ୱର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ■ କିଶୋରନଗର ବ୍ଲକ ପ୍ରଶାସନ

**କିଶୋରନଗର:** କିଶୋରନଗର ବରପଡ଼ିଆରେ ୭୯ତମ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବିଡିଓ ସୁବ୍ରତ କୁମାର ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଲବକୁମାର ପ୍ରଧାନ ଓ ତହସିଲଦାର ଯୋଗଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ୨୨ଟି ଦଳ ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ଦୀପ, ନବୀନ ବିଶ୍ୱାଳ ପ୍ରମୁଖ ପରେଡ୍ ପରିଚାଳନା କରିଥିଲେ। କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। କିଶୋରନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଅଙ୍ଗପଡ଼ା ପଞ୍ଚାୟତିରାଜ ହାଇସ୍କୁଲ ଛାତ୍ରୀ ଲୋପାମୁଦ୍ରା ସାହୁ, ସିବିଏସଇରେ ରଣିଆକଟା ଓଏଭି ଛାତ୍ର ପ୍ରତ୍ୟକ୍ଷ ପ୍ରଜ୍ଞା ପ୍ରଧାନ, +୨ରେ କିଶୋରନଗର କଲେଜ ଛାତ୍ରୀ କାଜଲ ସାହୁ, +୩ କଲେଜ ଛାତ୍ରୀ ଭେଙ୍କଟେଶ୍ୱରୀ ବେହେରା, ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ରଣିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ପ୍ରଭୁଦେବ ବିଶ୍ୱାଳ, ପଞ୍ଚମ ବୃତ୍ତି ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ତୃପ୍ତିମୟୀ ପ୍ରଧାନ, ଜାତୀୟ ମେଧାବୃତ୍ତିରେ ଅଙ୍ଗପଡ଼ା ହାଇସ୍କୁଲ ଛାତ୍ରୀ ଶ୍ରୀୟାଙ୍କୁ ସଦାଶିବ ଦେହୁରୀ ମେଧାବୃତ୍ତି ସମ୍ମାନରେ ସମ୍ମାନିତ କରାଯାଇଛି।

## ■ ଆଠମଲ୍ଲିକ ସିଭିଲ କୋର୍ଟ

ଆଠମଲ୍ଲିକ: ଆଠମଲ୍ଲିକ ସିଭିଲ କୋର୍ଟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସବ୍‌ଜଜ୍ ଲିଙ୍କିପ୍ରିୟା ସାହୁ, ଏସଡିଜେଏମ ସିଙ୍କୁନ ରାୟ ଯୋଗଦେଇଥିଲେ। ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଅର୍ଜୁନ ରାଉଳ, ସହ ସମ୍ପାଦକ ନୀଳାଞ୍ଚଳ ନାଏକ, ସରକାରୀ ଓକିଲ ବିଜୟ କୁମାର ମହାକୁଡ଼, ଅନ୍ତର୍ଯ୍ୟାମୀ ରାଉଳ, ରଞ୍ଜନ କୁମାର ବେହେରା, ଦୀନେଶ କୁମାର ସିଂହ, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବାମନ କୁମାର ମିଶ୍ରଙ୍କ ସମେତ ବହୁ ଆଇନଜୀବୀ, ଏସ୍‌ଡିପିଓ ସୁଶାନ୍ତ କୁମାର ତଉଡ଼ିଆ, କ୍ରିମିନାଲ ବାର୍ ସଭାପତି ଅଞ୍ଜନ କୁମାର ପ୍ରଧାନ, ସମ୍ପାଦକ ସୁଧାଂଶୁ ଶେଖର ବେହେରା, ସରକାରୀ ଓକିଲ ସଚ୍ଚିଦାନନ୍ଦ ପାଣିଗ୍ରାହୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ■ ଢେଙ୍କାନାଳ ଜିଲ୍ଲା ପ୍ରଶାସନ



ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା ସଦର ମହକୁମାସ୍ଥିତ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସକାଳ ମୁଖ୍ୟଅତିଥି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ, ଢେଙ୍କାନାଳ ପୁଲିସ ବାହିନୀ, ଓଏସଏପି ପ୍ରଥମ ବାଟାଲିୟନ ଓ ବ୍ୟାଣ୍ଡ ଦଳ ପକ୍ଷରୁ ପରେଡ ପ୍ରଦର୍ଶନ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେଡରେ ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ଭାବେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ଶ୍ରେଷ୍ଠ ବେସାମରିକ ବାଳକ ପରେଡ ଦଳ ଭାବେ ମଣ୍ଟଫୋର୍ଟ ସ୍କୁଲ, ଶ୍ରେଷ୍ଠ ବେସାମରିକ ବାଳିକା ପରେଡ ଦଳ ଭାବେ ଆନନ୍ଦ ମାର୍ଗ ପବ୍ଲିକ ସ୍କୁଲ ଏବଂ ଶ୍ରେଷ୍ଠ ସ୍କାଉଟ ଗାଇଡ ଦଳ ଭାବେ ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲକୁ ପୁରସ୍କୃତ କରାଯାଇଥିଲା। ପର୍ବତାରୋହୀ ପ୍ରଭାସିନୀ ବେହେରା, କିକ ବକ୍ସର ସ୍ମୃତି ଭୋଇ, ମାନସୀ ସାହୁ ଏବଂ ଚନ୍ଦନ ସାହୁ ଓ ବରିଷ୍ଠ ଆନ୍ତର୍ଜାତିକ କ୍ରୀଡ଼ା ଘୋଷକ ଅମୀୟ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବାଧିକ (୫୬୫) ନମ୍ବର ରଖିଥିବା ବଳଭଦ୍ରପୁରର ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଚିସ୍ମିତା ପ୍ରିୟଦର୍ଶନୀ ପରିଡ଼ା ଏବଂ ଶ୍ରେଷ୍ଠ ବିଦ୍ୟାଳୟ ଭାବେ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦଳ ପୁରସ୍କୃତ ହୋଇଥିଲେ। ପରେ ମୁଖ୍ୟଅତିଥ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ଏବଂ ଜିଲ୍ଲା କାରାଗାରର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅପରାହ୍ନରେ ଷ୍ଟାଡିୟମରେ ଗଣମାଧ୍ୟମ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ ହଲରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ■ ଢେଙ୍କାନାଳ ଆମ ଆଦମୀ ପାର୍ଟି

ଢେଙ୍କାନାଳ: ଆମ ଆଦମୀ ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବରିଷ୍ଠ ନାଗରିକ ଅକ୍ଷୟ ପଟ୍ଟନାୟକ ଓ ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ କୁମାର ଦାସ, ମିଟୁ ମହାପାତ୍ର, ଇଂ ସ୍ୱାଗତ ସିଂହ, ସୁଧନ୍ୟ ନାଏକ, ରଚିତା ନାଏକ, ପ୍ରସନ୍ନ ବରାଳ, ପୀତାମ୍ବର ସାମନ୍ତରାୟ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ରାସୋଳଠାରେ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ସଭାପତି ସରୋଜ ଧଳଙ୍କ ସହିତ ଶତ୍ରୁଘ୍ନ ଭୂୟାଁ ଓ ବିଭୁରଞ୍ଜନ ସାହୁ ଧ୍ୱଜାରୋହଣ କରିଥିଲେ। ସେହିପରି କାମାକ୍ଷାନଗର ଉପଖଣ୍ଡ ସଭାପତି ସୁବୋଧ ବେହେରା ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ■ ଟାଟା ଷ୍ଟିଲ ମେରାମଣ୍ଡଳୀ

ଢେଙ୍କାନାଳ: ଟାଟା ଷ୍ଟିଲ ମେରାମଣ୍ଡଳୀ (ଟିଏସଏମ) ପକ୍ଷରୁ ମେରାମଣ୍ଡଳୀ କାରଖାନା ପ୍ରଶାସନିକ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଟିଏସଏମ ଉପସଭାପତି ଅପରେସନ୍ସ ଉତ୍ତମ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାରଖାନାର ବିଭିନ୍ନ ବିଭାଗର କର୍ମଚାରୀ, ସୁରକ୍ଷା ଅଧିକାରୀ, ସୁରକ୍ଷା ପ୍ରଫେସନାଲ ଓ ଅଗ୍ନିଶମ ସେବା କର୍ମଚାରୀ ଉପସ୍ଥିତ ଥିଲେ।

## ■ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର

ଢେଙ୍କାନାଳ: ସ୍ଥାନୀୟ କାଠଗଡ଼ାସ୍ଥିତ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସାମରିକ ଅଧିକାରୀ ଅଖିଳ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ। ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସମ୍ପାଦକ ସରୋଜ ଶତପଥୀ, ସଞ୍ଚାଳିକା ପ୍ରଭାସିନୀ ସାହୁ, ରଞ୍ଜନ କୁମାର ସାହୁ, ସୁଶାନ୍ତ ଧଳ, ଉତ୍ଫୁଲ୍ଲାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ପ୍ରସାଦ ପଟ୍ଟନାୟକଙ୍କ ସମେତ ଜୁଆଙ୍ଗ ସାହିର ବହୁ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଥିଲେ।

## ■ ଉତ୍ଫୁଲ୍ଲା କାର୍ଯ୍ୟାଳୟ

ଢେଙ୍କାନାଳ: ସ୍ଥାନୀୟ ଉତ୍ଫୁଲ୍ଲା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ଉପଲକ୍ଷେ ଗଣତନ୍ତ୍ର ବନାମ ଏକଛତ୍ରବାଦ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜବାଦୀ ନେତା ସରୋଜ ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ପୀତବାସ ସାହୁ, ଯୁଧିଷ୍ଠିର ସାହୁ, କବି ବାହାଦୁର ପାଟ୍ଟସାହାଣୀ, ତରୁଣ ବିଶ୍ୱାଳ, ଇଂ. ଡମ୍ବରୁଧର ପଣ୍ଡା, ଇଂ. ଅକ୍ଷୟ ଶତପଥୀ ଓ ଇଂ ଅବିନାଶ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉତ୍ଫୁଲ୍ଲାର ସାଧାରଣ ସମ୍ପାଦକ କବି ବାହାଦୁର ପାଟ୍ଟସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟ

ଢେଙ୍କାନାଳ: ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଛି। ସକାଳ ୭ଟା ୧୫ରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ଭୁବନ ବ୍ଲକ ଶିକ୍ଷା ଅଧିକାରିଣୀ ମିନତୀ ଦେହୁରୀ ପତାକା ଉତ୍ତୋଳନ କରିଥିଲେ। ପରେ ବିଦ୍ୟାଳୟର ସଭାଗୃହରେ ଏକ ବୈଠକର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ଓ ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠାଙ୍କ ଦ୍ୱାରା ପିଲାମାନଙ୍କୁ ପୁରସ୍କୃତ କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ପିଲାମାନେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

## ■ ଭାରତୀୟ ଷ୍ଟେଟ ବ୍ୟାଙ୍କ

ଢେଙ୍କାନାଳ: ଢେଙ୍କାନାଳ ଲକ୍ଷ୍ମୀବଜାରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଶୁଭେନ୍ଦୁ କୁମାର ପାତ୍ର ପତାକା ଉତ୍ତୋଳନ କରିଥିଲେ। ଗୋପାଳ ଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ଦାସ, ଅମରେନ୍ଦ୍ର ସାହୁ ଏବଂ ଅନ୍ୟ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇଥିଲେ।

## ■ ମୁସଲିମ କମ୍ୟୁନିଟି

ଢେଙ୍କାନାଳ: ଢେଙ୍କାନାଳ ଜାମା ମସଜିଦ ପରିସରରେ ମୁସଲିମ କମ୍ୟୁନିଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମଦରସାର ମୁଖ୍ୟ ପରିଚାଳକ ଜନାବ୍ ହାଫିଜ୍ ଅବରାର୍ ସାହାବ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାମା ମସଜିଦର ଇମାମ ଜନାବ୍ ମୁଦଶିର୍ ସାହାବ୍ ସାରେ ଜାହାଁ ସେ ଅଚ୍ଛା ସଙ୍ଗୀତ ଗାନ କରିଥିଲେ। ମଦରସାର କୁନି ପିଲାମାନେ ସ୍ୱାଧୀନତା ବିଷୟରେ ସଂକ୍ଷିପ୍ତ ଭାଷଣ ପ୍ରଦାନ କରିଥିଲେ। ଜାମା ମସଜିଦ ପରିଚାଳନା କମିଟି ସଭାପତି ଜନାବ ସମଦ, ଉପସଭାପତି ହାଜି ଅଫଜଲ୍ ସମ୍ପାଦକ ହସରତ ହୁସେନ୍, ସହ ସମ୍ପାଦକ ନୁରୁଲ୍ ଇସଲାମ୍‌ଙ୍କ ସମେତ ସହରର ମାନ୍ୟଗଣ୍ୟ ଲୋକ ହାଜି ଅର୍ସଦ୍, ହାଜି ଅନସାର୍, ହାଜି ସରୱର୍, ହାଜି ହସନ୍. ହାଜି ଜାକିର, ମୁକ୍ତାର ଅଲ୍ଲୀ, ଅହେସାନ ଅଲ୍ଲୀ, ୱାସିମ୍ ବେଗ୍, ଏମଡି ମାସୁକ୍, ସଜ୍ଜାଦ୍ ଅଲ୍ଲୀ, ନୁରୁଲ୍ ମୁସ୍ତକିମ୍, ଅବଦୁଲ ରହେମାନ୍, ମୋଜାମ୍ମିଲ୍ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କିଶୋରନଗର, ୧୬।୮(ସମିସ): କିଶୋରନଗର ଥାନା ରାଇବାହାଳ ଉଠାଣସାହି ପୂର୍ତ୍ତ ରାସ୍ତାରେ ଶନିବାର ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହେଲେ ରଣିଆକଟା ଗ୍ରାମର ଦୀପ ନାହାକ (୨୪)। ସେ କିଶୋରନଗର ଯାଇ ଘରକୁ ଫେରୁଥିବା ବେଳେ ରାଇବାହାଳ ଉଠାଣସାହିରେ ଭାରସାମ୍ୟ ହରାଇ ଏକ ପୋଲରେ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

CAD-1496

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ORERA

Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha RERA
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
Email: reraodisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/11/0014/2526

ସୃଜନିକା
ସକାଳ THE SAKALA
www.sakalaepaper.com

# ଆତ୍ମଦାହ



ମହମ୍ମଦ ହିଫ୍‌ଜୁର ରହେମାନ

ବୁଢ଼ା ଲୋକଟି । ବୟସ ପାଖାପାଖି ୭୦ ହେବ । ହାତରେ ବାଡ଼ି ଓ ଖଣ୍ଡିଆ ସାଇକଲ ଧରି ସବୁଦିନ କଲେଜ ସାମ୍ନାରେ ଥିବା ଆମ୍ବଗଛ ମୂଳେ ବସନ୍ତି । ସକାଳୁ ସନ୍ଧ୍ୟା ଯାଏଁ ସେଠି ବସନ୍ତି । ସୂର୍ଯ୍ୟ ନଇଁଲେ ଚୁପଚାପ୍ ପୁଣି ଗାଁ ଘରକୁ ଫେରି ଯାଆନ୍ତି । କି ଖରା, କି ବର୍ଷା, କି ଶୀତ, ୬-୭ ବର୍ଷ ହେଲା ଏହା ତାଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି । ଧୋତି, ପଞ୍ଜାବୀ, ଗାମୁଛା, ସଅଁପ, ତକିଆ ହେଉଛି ତାଙ୍କର ମୋଟ୍ ସଂପତ୍ତି । କିନ୍ତୁ ଗାଁ ଲୋକ ତାଙ୍କର ବହୁତ ସମ୍ମାନ କରନ୍ତି । ସମୟରେ ଆଣି ତାଙ୍କୁ ଖାଇବାକୁ ଦିଅନ୍ତି । କେହି କେହି ତାଙ୍କର କପଡ଼ା ନେଇ ସଫା ମଧ୍ୟ କରି ଦିଅନ୍ତି । ସେ କାହାରିକୁ କିଛି କହନ୍ତି ନାହିଁ । ପାଗଳପ୍ରାୟ, ଚୁପଚାପ୍ ରହନ୍ତି । କେହି କିଛି ପଚାରିଲେ ଉତ୍ତର ବି ଦିଅନ୍ତି ନାହିଁ । କେବଳ ଅନାଇ ଦିଅନ୍ତି । ଲାଗୁଛି ତାଙ୍କ ଆଖିରେ ଭର୍ତ୍ତି ରହିଛି ମାଳ ମାଳ ପ୍ରଶ୍ନ ।

ବିଶ୍ୱମିତ୍ର ସାର୍‌ଙ୍କୁ କିଏ ନ ଚିହ୍ନେ! ମାଳତିପୁର ହାଇସ୍କୁଲର ଖୁବ୍ ଲୋକପ୍ରିୟ ଶିକ୍ଷକ । ତାଙ୍କର ଅନେକ ଶିଷ୍ୟ ସରକାରରେ ବଡ଼ ବଡ଼ ପଦବିରେ ଅଛନ୍ତି । ପିଲାମାନଙ୍କୁ ଏମିତି ସ୍ନେହରେ ପଢ଼ାନ୍ତି ଯେ ପିଲମାନେ ନିଜ ଘରକୁ ଭୁଲି ଯାଆନ୍ତି । ସେମାନେ ଖାଇବାକୁ ଭୁଲି ପାରନ୍ତି,କିନ୍ତୁ ବିଶ୍ୱମିତ୍ର ସାର୍‌ଙ୍କ କ୍ଲାସ୍‌କୁ ମିସ୍ କରିବେ ନାହିଁ । ଦରକାର ପଡ଼ିଲେ ଘରକୁ ଡାକି ପିଲାଙ୍କୁ ପାଠ ପଢ଼ାନ୍ତି । ଏଥିପାଇଁ ଟଙ୍କାଟିଏ ବି ନିଅନ୍ତି ନାହିଁ ।

ତାଙ୍କର ବି ସୁଖୀ ସଂସାର । ପତ୍ନୀ ବିଜୟଲକ୍ଷ୍ମୀ ମଧ୍ୟ ପର୍‌ଫେକ୍ଟ ଗୃହିଣୀ । ସ୍କୁଲ ପିଲା ଆସିଲେ, ସେମାନଙ୍କୁ ମା'ଙ୍କ ପରି ସ୍ନେହ କରି ଘରେ ବସାନ୍ତି । ନିଜ ପିଲାଙ୍କ ଭଳି ଘରେ ଖାଇବାକୁ ଦିଅନ୍ତି । ବିଶ୍ୱମିତ୍ର ସାର୍‌ଙ୍କର ଦୁଇଟି ଝିଅ । ବଡ଼ ଝିଅ ମନୋରମା ବିପି କଲେଜରେ ବି.ଏସ୍‌ସି. କରୁଛି । ନା ଯେମିତି ଦେଖିବାକୁ ବି ଭାରି ସୁନ୍ଦର । ପାଠପଢ଼ାରେ ବି ସ୍ମାର୍ଟ । ସାନ ଝିଅ ଶେଫାଳି ନବମ କ୍ଲାସ୍‌ରେ ପଢୁଛି ।

ମନୋରମା ସବୁଦିନ ଠିକ୍ ୧୦ଟାରେ ସାଇକଲ୍ ଧରି କଲେଜ ଯାଏ । ସନ୍ଧ୍ୟା ହେଲେ ଫେରି ଆସେ । କ୍ଲାସ୍ ସରିଲେ ଲାଇବ୍ରେରିରେ ବସି ନୋଟ୍ ଲେଖାଲେଖି କରେ । କୌଣସି ଟେନସନ୍ ନାହିଁ । ପାଠ ପଢ଼ିବା ସହିତ ଘର କାମରେ ମାଆଙ୍କ ହାତ ବଢ଼ାଏ । କଲେଜ ଯିବା ପୂର୍ବରୁ ବାପାଙ୍କ ପାଇଁ ଖାଇବା ପ୍ରସ୍ତୁତ କରିଦିଏ । ବାପାଙ୍କର ଯେମିତି ଟିକିଏ ବି ଅସୁବିଧା ନହୁଏ, ସେଥିପାଇଁ ସେ ଭାରି କେୟାରଫୁଲ୍ ।

ସେଦିନ କାହିଁ କେଜାଣି, ମନୋରମା ଭାରି ଟେନ୍‌ସନ୍‌ରେ ଲାଗୁଥିଲା । ମାଆ ବିଜୟଲକ୍ଷ୍ମୀ ବିଶେଷ ଧ୍ୟାନ ଦେଲେନି । ଭାବିଲେ ପଢ଼ାପଢ଼ି କରୁଛି ତ ପ୍ରେସର୍‌ରେ ଥିବ । ସନ୍ଧ୍ୟା ବେଳେ ଚା' ପିଇବାକୁ ବାରଣ୍ଡାରେ ବସି ଥାଆନ୍ତି ବିଶ୍ୱମିତ୍ର ସାର୍ । ପାଖରେ ବିଜୟଲକ୍ଷ୍ମୀ ଏବଂ ଶେଫାଳି ବି ବସିଛନ୍ତି । କିନ୍ତୁ ସେଠାରେ ନଥିଲା ମନୋରମା । ବିଶ୍ୱମିତ୍ର ସାର୍ ଖୋଜିଲେ, ଆରେ ମନୋରମା କୁଆଡ଼େ ଗଲା? କଲେଜରୁ ଫେରିଲାଣି ତ?

ବିଜୟଲକ୍ଷ୍ମୀ କହିଲେ, "ହଁ ଫେରିଛି । ବୋଧେ ଦେହ ଭଲ ଲାଗୁନି, ଶୋଇଛି ସେ ।"

- କାହିଁକି କ'ଣ ହେଲା ତାକୁ? ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ ।

- ତମେ ଚା' ପିଅ, ସେ ଟିକିଏ ପରେ ଆସିବ, କହିଲେ ବିଜୟଲକ୍ଷ୍ମୀ ।

- ଚା' କପ୍ ଧରି ଉଠିପଡ଼ିଲେ ବିଶ୍ୱମିତ୍ର ସାର୍ । ମନୋରମାଙ୍କ ରୁମକୁ ଯାଇ ପଚାରିଲେ, "ଆରେ ମା' କ'ଣ ହେଲା, ଶୋଇଛୁ କାହିଁକି? ଦେହ ଭଲ ଲାଗୁନି?"

କିଛି କହିଲାନି ମନୋରମା । ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ । ପାଖରେ ଯାଇ ବସି ମନୋରମାର ମୁଣ୍ଡ ଆଉଁସି ଦେଲେ ।

ଧଡ଼ କରି ଉଠିପଡ଼ିଲା ମନୋରମା । କହିଲା – "ନାହିଁ ବାପା କିଛି ନୁହେଁ । ଦେହ ଭଲ ଲାଗୁନି ।"

-କ'ଣ ହେଇଛି କହୁନୁ? ଡାକ୍ତର ପାଖକୁ ନେଇଯିବି ।

ସେପଟୁ ବିଜୟଲକ୍ଷ୍ମୀ ପାଟି କରି କହିଲେ, "ଛାଡ଼ି ଦିଅ ତାକୁ । ଦେହ ଭଲ ଲାଗିଲେ ସେ ଆସିବ ନି ।"

- ଠିକ୍ ଅଛି ମା', ତୁ ରେଷ୍ଟ ନେ । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇଲା ବେଳକୁ ବି ଆସିଲାନି ମନୋରମା । ତାକୁ ଡାକିବା ଲାଗି ବିଶ୍ୱମିତ୍ର ସାର୍ ଜିଦ୍ ଧରିବାରୁ ବିଜୟଲକ୍ଷ୍ମୀ ଯାଇ ମନୋରମାକୁ ଡାକିଲେ । କିନ୍ତୁ ସେ ଖାଇବାକୁ ମନାକଲା ।

-ତତେ କ'ଣ ହେଇଛି କହୁନୁ? କଲେଜରୁ ଫେରିବା ବେଳଠୁ ବେଡ୍‌ରେ ପଡ଼ିଛୁ । ତୋର ପରୀକ୍ଷା ପାଇଁ ଏବେ ସମୟ ତ ଅଛି । ଏତେ ଟେନ୍‌ସନ୍ କାହିଁକି? ବାପାଙ୍କୁ କହୁଛି କାଲି ନେଇ ତତେ ମାମୁଁ ଘରେ ଛାଡ଼ିଦେବେ । ଟିକେ ବୁଲି ଆସିଲେ ଭଲ ଲାଗିବ ।

ଏହାଶୁଣି କାନ୍ଦିବାକୁ ଲାଗିଲା ମନୋରମା । କହିଲା, "କାଲିଠୁ ଆଉ କଲେଜ ଯିବି ନାହିଁ ।"

ମନୋରମା ମୁହଁରୁ ଏହା ଶୁଣି ଚମକି ପଡ଼ିଲେ ବିଜୟଲକ୍ଷ୍ମୀ । ଆଉ ଯାହା ପଚାରିଲେ, କିଛି କହିଲାନି ମନୋରମା । ଖାଲି କାନ୍ଦିବାକୁ ଲାଗିଲା । ବିଜୟଲକ୍ଷ୍ମୀ ଡାକ ପକାଇବାରୁ ବିଶ୍ୱମିତ୍ର ସାର୍ ଆସିଲେ ।

- ହେଇଠି ଶୁଣ, କ'ଣ କହୁଛି ମନୋରମା ।

- କ'ଣ ହେଇଛି ମା' । କାନ୍ଦୁଛୁ କାହିଁକି ପଚାରିଲେ ବିଶ୍ୱମିତ୍ର ସାର୍ ।

ସେହି ତା'ର ଗୋଟିଏ ଉତ୍ତର, ମୁଁ ଆଉ କଲେଜ ଯିବିନାହିଁ ।

- କାହିଁକି କ'ଣ ହେଇଛି, କହୁନୁ ।

- ମୁଁ କଲେଜରୁ ଫେରିଲା ବେଳେ ତିନି ଚାରି ଜଣ ଟୋକା ମୋର ପିଛା କରି ଖରାପ ଖରାପ କମେଣ୍ଟ ମାରୁଛନ୍ତି ।

ମନୋରମାର ଏହି କଥା ଶୁଣି, ରାଗିଗଲେ ବିଶ୍ୱମିତ୍ର ସାର୍ । " ତୁ ତ କାହିଁକି ଆଗରୁ କହିଲୁନି । ହଉ କାଲି ମୁଁ ଯାଇ ତୋ ପ୍ରିନ୍‌ସିପାଲଙ୍କୁ ଦେଖା କରି କହିବି ।"

ମନୋରମା କହିଲା, "ମୁଁ ପ୍ରିନ୍‌ସିପାଲ ସାର୍‌ଙ୍କୁ କହିଥିଲି । ଖାଲି କହୁଛନ୍ତି, ହଁ ଦେଖିବା , ଆଉ କିଛି କରୁ ନାହାନ୍ତି ।"

- ହଉ ଠିକ୍ ଅଛି ମୁଁ କଥା ହେବି । ତୁ ବ୍ୟସ୍ତ ହୁଅନା । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇପିଇ ସମସ୍ତେ ଶୋଇବାକୁ ଗଲେ । ସକାଳେ ସମସ୍ତେ ଶୋଇକି ଉଠିଲେ । ମନୋରମା ଏତେ ଡେରି ଯାଏଁ ଶୋଇବ ନାହିଁ ତ? ବିଜୟଲକ୍ଷ୍ମୀ ଘର କବାଟ ଦେଖିଲା ବେଳକୁ ମନୋରମା ତା' ରୁମରେ ନାହିଁ । ତା' ବେଡ୍‌ରେ ଖାଲି ଗୋଟିଏ ପେପର୍ କ'ଣ ପଡ଼ିଛି!

କାଗଜ ପଢ଼ି ବିଜୟଲକ୍ଷ୍ମୀଙ୍କ ମୁଣ୍ଡରୁ ଝାଳ ବୋହିଗଲା । ସେ ଦୌଡ଼ିଯାଇ ବିଶ୍ୱମିତ୍ରଙ୍କୁ ଦେଖାଇଲେ । ବାରଣ୍ଡାରେ ବସି ଖବର କାଗଜ ପଢୁଥିଲେ ବିଶ୍ୱମିତ୍ର । କାଗଜ ପଢ଼ି ବିଶ୍ୱମିତ୍ର ସାର୍‌ଙ୍କ ଆଖି ତଳେ ଅନ୍ଧାର ହୋଇଗଲା ।

"ବାପା-ବୋଉ, ମତେ ଆଉ ଖୋଜିବ ନାହିଁ । କାଲି କଲେଜରୁ ଫେରିଲା ବେଳେ ସେହି ପିଲାମାନେ ମୋ ସହ ଯାହା କରିଛନ୍ତି, ମୁଁ କହିପାରିବି ନାହିଁ । ମୋତେ କ୍ଷମା କରିବ । ମୁଁ ଆଉ ବଞ୍ଚିବାକୁ ଚାହେଁ ନାହିଁ । ଶେଫାଳିକୁ ଆଉ କଲେଜ ଛାଡ଼ିବ ନାହିଁ । ପ୍ଲିଜ୍ ।"

ମନୋରମାର ଏହି ନୋଟ୍ ଯେମିତି ବିଶ୍ୱମିତ୍ର ସାର୍‌ଙ୍କ ସଂସାର ଉଜାଡ଼ି ଦେଲା । ଆଖପାଖ ଅଞ୍ଚଳରେ ଯେତେ ଖୋଜିଲେ ବି ମନୋରମାର ପତ୍ତା ମିଳିଲା ନାହିଁ । ଥାନାରେ ଏଫ୍‌ଆଇଆର୍ ଦେଲେ । ପୁଲିସ କହୁଛି, ଆମେ ଚେଷ୍ଟା କରୁଛୁ । ଆପଣ ବି ନିଜ ବନ୍ଧୁବାନ୍ଧବ ଘରକୁ ଯାଇ ଖୋଜନ୍ତୁ । ପୁଲିସ ପାଖକୁ ଡେଲି ଦୌଡ଼ିଲେ ବିଶ୍ୱମିତ୍ର ସାର୍ । କାଳେ ସେମାନେ ଖବର ପାଇଥିବେ । ଥାନାରେ ପଶୁ ପଶୁ ଜଣେ ପୁଲିସ ବାଲା କହିଲେ, "ସାର୍ ଯାହା ଲାଗୁଛି, ସେଟିଂ ହେଇ ଆପଣଙ୍କ ଝିଅ କାହା ସହ ପଳାଇଛି । ମୋତେ ଡାଉଟ୍ ଲାଗୁଛି । ଆପଣ ଦେଖନ୍ତୁ ।"

ଏହା ଶୁଣି ବିଶ୍ୱମିତ୍ର ସାରଙ୍କ ମୁହଁ ଲାଲ୍ ପଡ଼ିଗଲା । "ନା ନା ଏମିତି ହେଇପାରିବ ନି । ମୋ ଝିଅ ଏମିତି ସେମିତି ଝିଅ ନୁହେଁ । ମୋ ଝିଅ ଚରିତ୍ର ଉପରେ ଆଙ୍ଗୁଠି ଉଠାଇବାକୁ ଆପଣ କିଏ? ହାଓ ଡେୟାର??"

ମନରେ କୋହ ଓ ଆଖିରେ ଲୁହ ନେଇ ଘରକୁ ଫେରିଲେ ବିଶ୍ୱମିତ୍ର ସାର୍ । ବିଜୟଲକ୍ଷ୍ମୀଙ୍କୁ ସବୁକଥା କହିଲେ । ବିଜୟଲକ୍ଷ୍ମୀ ମୁଣ୍ଡରେ ହାତ ଦେଇ କହିଲେ, କାହା କାହା ତୁଣ୍ଡ ବନ୍ଦ କରିବି । ଯାଡ଼େ ସାଇ ପଡ଼ିଶା ଲୋକ କହୁଥିବା ବେଳେ, ଶେଷରେ ପୁଲିସ ବି ତାଙ୍କ କଥାରେ ପଡ଼ିଗଲା । ହେ ଭଗବାନ, ମୋ ଝିଅଟା ଖାଣ୍ଟି ସୁନା । ତା' ମୁଣ୍ଡରେ ଅପବାଦ କାହିଁକି? ତମର ଆମେ କି ଦୋଷ କରିଥିଲୁ ଯେ ଆଜି ଏଭଳି ଅବସ୍ଥା ଭୋଗିବାକୁ ପଡୁଛି ।

ଝିଅକୁ ଖୋଜିବାରେ ଦିନରାତି ଏକ କରିଦେଲେଣି ବିଶ୍ୱମିତ୍ର ସାର୍ । କେବେ ଥାନାକୁ ଦୌଡୁଛନ୍ତି, ତ କେବେ କଲେଜ । ପୁଣି କଉ ବନ୍ଧୁବାନ୍ଧବ ଘର ବି ଛାଡ଼ି ନାହାନ୍ତି । ମନୋରମାଙ୍କୁ ଖୋଜିବାରେ ଟିକିଏ ବି ଅବହେଳା କରୁ ନାହାନ୍ତି । ଯାହାର ଅଚିହ୍ନା ଶବ ମିଳିଲେ ପୁଲିସବାଲା ବିଶ୍ୱମିତ୍ର ସାର୍‌ଙ୍କୁ ଡାକି ଦେଖାଉଛନ୍ତି । ଏ ଆପଣଙ୍କ ଝିଅ ନୁହେଁ ତ ? ଏମିତ କେତେ ଯେ ବିକୃତ ଶବ ଦେଖିଲେଣି ।

ଥକି ଗଲିଣି ହେ ପ୍ରଭୁ । ମୋ ଦେହରେ ଆଉ ବଳ ନାହିଁ । ମୋ ଝିଅକୁ ଫେରାଇ ଦିଅ । ଝିଅକୁ ଝୁରି ଝୁରି ବେମାର ହୋଇଗଲେଣି ବିଜୟଲକ୍ଷ୍ମୀ । ଆଉ ବିଛଣାରୁ ଉଠି ପାରୁନାହାନ୍ତି । ତାଙ୍କୁ ଡାକ୍ତରଖାନା ନେବାରେ ବିଶ୍ୱମିତ୍ର ସାର୍‌ଙ୍କ ସମୟ ଯାଉଛି । ସାନ ଝିଅ ଶେଫାଳି ଆଉ ସ୍କୁଲ ଯାଇପାରୁନି । ଘର କାମ ବୋଝ ତା' ଉପରେ । ମା'ଙ୍କ ସେବାରେ ବି ଲାଗିଛି ।

ଉଜୁଡ଼ି ଗଲାଣି ସୁନାର ସଂସାର । ଯାହା ଜମିବାଡ଼ି ଥିଲା ସବୁ ବିକ୍ରି କରି ବିଜୟଲକ୍ଷ୍ମୀଙ୍କ ଚିକିତ୍ସାରେ ଯାଉଛି । ଦିନକୁ ଦି ଥର ବି ଆଉ ପେଟପୂରା ଖାଇବାକୁ ନାହିଁ ।

ଝିଅ, ଆମେ କି ଦୋଷ କରିଥିଲୁ ଯେ ତୁ ଏଭଳି ବଦଳା ନେଲୁ । କିଏ କ'ଣ ଭାବୁଛି ଭାବୁ, ତୁ ତ ଆମର ସୁନାପିଲା ଥିଲୁ । ଆମ କଥା ଟିକିଏ ବି ଚିନ୍ତା କଲୁନାହିଁ । ଘର ବାରଣ୍ଡାରେ ବସି କାନ୍ଥରେ ଆଉଜି ମନକୁ ମନ କହି ଚାଲିଥିଲେ ବିଶ୍ୱମିତ୍ର ସାର୍ । ଆଖିରୁ ଲୁହ ସୁଖୁନାହିଁ, ନିଦ ବି ହଜିଗଲାଣି ।

ଶେଷରେ ମୃତ୍ୟୁ ଆଗରେ ହାର ମାନିଗଲେ ବିଜୟଲକ୍ଷ୍ମୀ । ଯାହା ଟିକିଏ ବାକି ଥିଲା, ତାହା ବି ସରିଗଲା । ସାନ ଝିଅ ଶେଫାଳିକୁ ତାଙ୍କ ମାମୁଁ ଘର ଲୋକ ଆସି ନେଇଗଲେ । ସେମାନେ ବିଶ୍ୱାମିତ୍ର ସାର୍‌ଙ୍କୁ ନେବାକୁ ବହୁତ ଚେଷ୍ଟା କଲେ । କିନ୍ତୁ ସେ ଗଲେ ନାହିଁ । କାଳେ ଝିଅ ଆସିବ । କହିଲେ, "ଶେଷ ନିଶ୍ୱାସ ଯାଏଁ ଅପେକ୍ଷା କରିବି ।"

ବିଶ୍ୱମିତ୍ର ସାର୍ ଝିଅ ଓ ପତ୍ନୀଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଗଲେଣି । ସେ ଖଣ୍ଡିଆ ଦଦରା ସାଇକଲ ଧରି ସବୁଦିନ ଝିଅ ପଢ଼ିଥିବା ବିପି କଲେଜ ସାମ୍ନାକୁ ଯାଇ ଗଛ ତଳେ ବସୁଛନ୍ତି । ଅପେକ୍ଷା, ଝିଅ ନିଶ୍ଚୟ ଫେରିବ । ■



# ଅନ୍ତରୀକ୍ଷରେ ଅନ୍ଧାର



ନୃସିଂହ ତରାଇ

ଅନ୍ଧାର ଚଢୁଥାଏ
ମାଟିରୁ ପାହାଡ଼ ଶିଖରକୁ
ବଣ ମାଳ ଡେଇଁ
ଅମ୍ଳଜାନ ସରି ଆସୁଥାଏ
ଓ ସେଇଠୁ ଆରମ୍ଭ ହେବାକୁ
ଥାଏ ବୋଧେ
ଗ୍ଲାନିର ଆକାଶ ।

ସାରା ଆକାଶ
ଆକାଶର ଶିରା ପ୍ରଶିରାରେ
ଲୁହ ଆଉ ଲହୁ
ରକ୍ତବୋଳା ମାଂସ ସାରା
ପୋଡ଼ା ଗନ୍ଧ...ବାରୁଦ ବାରୁଦ
ନେସି ହେଇ ରହିଛି
ମୃତ୍ୟୁମାନଙ୍କ ନାଗ ଫାଶ ।

ନଈ ସମୁଦ୍ର ପାହାଡ଼
ଘଞ୍ଚ ବଣ, ପଥ ଅପର୍ଯ୍ୟାପ୍ତ
ଦିଗବଳୟ ପରି ଦିଶୁଥିବା
ମାଇଲ ମାଇଲ ଦୂରତାରୁ
ଯୁଦ୍ଧର ଜୁଆର ଲଂଘେ
ସୀମା ସରହଦ... ।

ଆସ ଆସ ଦେଖିବ
କେତେ କେତେ ମୃତ୍ୟୁ
ମଣିଷର , ପ୍ରକୃତିର
ପୃଥିବୀର ମୃତ୍ୟୁ
ମାନବିକତାର ମୃତ୍ୟୁ
ଆଲୁଅର ଅଶାର ଆକାଂକ୍ଷାର
ମୃତ୍ୟୁ ମୃତ୍ୟୁ ମୃତ୍ୟୁ ... ■

ମୋ ୭୯୭୮୩୮୧୨୧୩



# ଗୁଞ୍ଜରଣ



ପୂରବୀ ଶତପଥୀ

ଅଗଣନ ଅଶରୀରୀର ଅପାଦ ନୃତ୍ୟରେ
କୁହୁଡ଼େଇ ଅଦୃଶ୍ୟ ହୋଇଯାଉଥିବା
ଏକ ଅଦ୍ଭୁତ ପୃଥିବୀ ଏଠି ଏବେ ।

ବନମାନସରେ, ଏଇ ଜୈତ୍ରଯାତ୍ରାରେ,
ମୁହୁର୍ମୁହୁଃ କାନଫଟା ଆତଙ୍କ ଭିତରେ,
ଏ କେଉଁ ଆତ୍ମବିସ୍ମୃତ ସ୍ୱରର ଗୁଞ୍ଜର ?

ମୁଁ କିଏ?
ହଜାର ଲଟାଦେହୀ ମୁଁ କି ଏକ ସେତୁ?
ଅସୁମାରି ପାଣିର ଗାର ନେଇ
ମୁଁ କି ଏକ ନଈ?
ମାଟିର ଦେହରଙ୍ଗ ବଦଳେଇ ପାରୁଥିବା
ମୁଁ ମୁଠାଏ ସ୍ୱଚ୍ଛ ଅବିର ?
ଅଥବା ସ୍ରୋତର ଛାତିରେ
ଛମ୍‌ଛମ୍ ବାଜୁଥିବା ମାଳେ ଘୁଙ୍ଗୁର ?

ମୁଁ କିଏ?
ଜଳପକ୍ଷୀ ଯୂଥର ଅପ୍ରତିଭ ଉଲ୍ଲାସ?
ଅବାଞ୍ଛିତ ବିପ୍ଳବ
ଉହ୍ୟ ଆବେଗ,
ଅଲୋଡ଼ା ସଂପ୍ରୀତି
ନା ଅସମୟର ହାହୁତାଶ?

କିଏ ମୁଁ? ମୁଁ କିଏ?

ମୁଁ କି ଏବେ
ଆନତ ମୁଦ୍ରାରେ ସ୍ଥିରେଇ ଯାଇଥିବା
ଆବେଗ ଓ ତରଙ୍ଗର
ଟୋପେ,ଅକସ୍ମାତ ଦ୍ରବଣ,
ଏକପାଦୀ ମୌନୀ ମୁନି!


ଜିଜୀବିଷା ସହ
ବାଲ୍‌କୋନୀ ରେଲିଂ ଉପରୁ
ଘର ଭିତରକୁ ଡେଇଁପଡ଼ି
ଡାଏରୀ ଭିତରକୁ ଛିଟିକି ଆସୁଥିବା
ଦଲକାଏ ଶବ୍ଦର ସିମ୍ଫୋନି ! ■

ରାସୋଲ, ଢେଙ୍କାନାଳ
ମୋ: ୮୮୪୭୮୨୫୬୮୮

# ପୁସ୍ତକ ପରିଚୟ

## କର୍ଣ୍ଣିକା

### କ୍ଷମାନିଧି ଭୋଇ



କାବ୍ୟଲୋକ
ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୨
ମୂଲ୍ୟ: ୨୦୦ ଟଙ୍କା

ତୋଷାମଦ, ଟାଉଟର, କୁଟିଳ ପ୍ରକୃତିର ମଣିଷ ଯଦି ସିଂହାସନରେ ବସେ,ତେବେ ଶାସନ ବ୍ୟବସ୍ଥା ନିଶ୍ଚୟ ଦୁର୍ବଳ ହୋଇପଡ଼ିବ । ସେ ରାଜତନ୍ତ୍ର ହେଉ କି ଗଣତନ୍ତ୍ର । ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି କ୍ଷମାନିଧି ଭୋଇଙ୍କ 'କର୍ଣ୍ଣିକା' ପୁସ୍ତକର କେତେକ କବିତାରେ । ଏହି ପୁସ୍ତକର 'ମାୟା ଖେଳଘର', 'ସିଂହାସନ', 'ବସନ୍ତ', 'ମୁଁ ବଢ଼ିଲା ଝିଅର ବାପା', 'ଅସ୍ପଷ୍ଟ ଅସ୍ତିତ୍ୱ', 'ଫାଶ', 'ଭଙ୍ଗା ହୃଦୟ', 'ଗାନ୍ଧିଜୀ ନାହାନ୍ତି ବୋଲି', 'ଚିରନ୍ତନ ପ୍ରେମ', 'ସବୁ ଯଦି ଠିକ୍', 'ବର୍ଷା ଭାବନା', 'ପ୍ରୀତିପଦ୍ମା', 'ଆମେ ସ୍ୱାଧୀନ', 'ଶାନ୍ତିର ସନ୍ଧାନ', 'ଉଠ ଜାଗ୍ରତ ହୁଅ', 'ଅଭିବ୍ୟକ୍ତି', 'ମୋ ଚିତ୍ରିତ ପୃଥିବୀ', 'ଅଭିବ୍ୟକ୍ତ', 'ସ୍ୱାର୍ଥପର', 'ଭାଗ୍ୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । କେଉଁଠି କବି ସାଂପ୍ରତିକ ସମାଜର ଅବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି, ପୁଣି କେଉଁଠି ଦୁର୍ବଳ ଶାସନ ବ୍ୟବସ୍ଥାକୁ କଟାକ୍ଷ କରିଛନ୍ତି । ପୁଣି କେଉଁ କବିତାରେ ମାନବିକତାର ଚିତ୍ର ପ୍ରତିଫଳିତ ହୋଇଛି । ଭାବ, ଭାଷା, ଅନୁଭବର ଏକ ପରିପକ୍ୱ କାବ୍ୟ ଚେତନାକୁ ଅନୁଭବ କରିହୁଏ ଏହି ପୁସ୍ତକର କବିତାଗୁଡ଼ିକରେ । 'କର୍ଣ୍ଣିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ସ୍ୱାମୀ ବିବେକାନନ୍ଦ

### ଶାରଦା ପ୍ରସନ୍ନ ପଣ୍ଡା



ସାଇ ଯମୁନା ପବ୍ଲିକେଶନ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୮୦ ଟଙ୍କା

ମହାନ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନକୁ ନେଇ ଶାରଦା ପ୍ରସନ୍ନ ପଣ୍ଡାଙ୍କ 'ବିଶ୍ୱ ବିଜୟୀ ବିବେକାନନ୍ଦ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକର 'ବାଲ୍ୟଜୀବନ', 'ଆଦର୍ଶଛାତ୍ର ନରେନ୍ଦ୍ରନାଥ', 'ଗୁରୁ-ଶିଷ୍ୟ ଭେଟାଭେଟି', 'ଗୁରୁ ପରୀକ୍ଷା', 'ବାପ ଛେଉଣ୍ଡ ନରେନ୍ଦ୍ରନାଥ', 'ଶ୍ରୀରାମକୃଷ୍ଣଙ୍କ ସମାଧି ଓ ନରେନ୍ଦ୍ରନାଥଙ୍କ ସିଦ୍ଧି' ଆଦି ଅଧ୍ୟାୟରେ ବିବେକାନନ୍ଦଙ୍କ ଶୈଶବ ଜୀବନ, ଶିକ୍ଷା, ସିଦ୍ଧିପ୍ରାପ୍ତ, ଗୁରୁ ରାମକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ସଂପର୍କରେ ସଂକ୍ଷିପ୍ତ ଅଥଚ ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଛାତ୍ର ଜୀବନରେ ତାଙ୍କର ଉତ୍ତମ ଚରିତ୍ର, ମେଧା, ମାନବିକତା, ସୌମ୍ୟ ଚେହେରା ସମସ୍ତଙ୍କୁ ଆକର୍ଷିତ କରୁଥିଲା । ବିବେକାନନ୍ଦଙ୍କ ନିରାଡ଼ମ୍ବର ଜୀବନ ଶୈଳୀ, ବ୍ୟକ୍ତିତ୍ୱ, ଆଧ୍ୟାତ୍ମିକତା, ମହତ ବାଣୀ ମାନବ ସମାଜ ପାଇଁ ପ୍ରେରଣାଦାୟକ ନିଶ୍ଚୟ । ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■



ଡ. ପ୍ରଫୁଲ୍ଲ କୁମାର ସାହୁ

# ସତ୍ୟବାଦୀ ବାଣୀମଞ୍ଚର କବି ନୀଳକଣ୍ଠ

ସତ୍ୟବାଦୀ ବାଣୀମଞ୍ଚର ନୀତିନିଷ୍ଠ ଆଚାର୍ଯ୍ୟ ପଣ୍ଡିତ ନୀଳକଣ୍ଠ ଦାସ । ଉତ୍କଳୀୟ ସଂସ୍କୃତିର ଜଣେ ମୌଳିକ ଭାଷ୍ୟକାର । ଜାତି ଓ ଜାତୀୟ ଚରିତ୍ର ଗଠନ କ୍ଷେତ୍ରରେ ଏହି ଶୁଚିନିଷ୍ଠ ସତ୍ୟ ସନ୍ଧାନୀ କର୍ମବୀରଙ୍କ ଜୀବନ ଥିଲା ଏକ ଅନିର୍ବାଣ ଯଜ୍ଞ । ସାହିତ୍ୟ ସାଧନା, ରାଜନୀତି, ସାମ୍ବାଦିକତା ଓ ସମାଜ ସଂସ୍କାର ଥିଲା ସେ ଯଜ୍ଞର ଏକ ଏକ ଅବିଚ୍ଛେଦ୍ୟ ଓ ଅପରିହାର୍ଯ୍ୟ ଅଙ୍ଗ ।

ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଉତ୍କଳ ସମ୍ମିଳନୀ ମଣ୍ଡପରୁ ଯେଉଁ ଉଗ୍ର ଜାତୀୟତାବୋଧର ପ୍ରବାହ ସୃଷ୍ଟି ହୋଇଥିଲା, ତାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଏକ ସଂକଳ୍ପସ୍ନାତ ସାରସ୍ୱତ ପରିମଣ୍ଡଳ । ସତ୍ୟବାଦୀର ସାଧକ ଶିକ୍ଷକଙ୍କ ଲେଖନୀ ଚାଳନା ଫଳରେ ଓଡ଼ିଆ ବାଣୀ ଭଣ୍ଡାର ଯେ, କେବଳ ପରିପୁଷ୍ଟ ହେଲା ତା' ନୁହେଁ, ଏଥି ସହିତ ଓଡ଼ିଆ ସାହିତ୍ୟ ଇତିହାସରେ ଆତ୍ମ ପ୍ରକାଶ କଲା ସତ୍ୟବାଦୀ ଯୁଗ ନାମରେ ଆଉ ଏକ ମହିମା ମଣ୍ଡିତ ଅଧ୍ୟାୟ ।

ବିସ୍ମୃତି ଗର୍ଭରୁ ପ୍ରାଚୀନ ଐତିହ୍ୟର ସ୍ମୃତିଚାରଣ,ବୀରତ୍ୱ କାହାଣୀର ଉଦ୍‌ଘାଟନ ଓ ସ୍ୱରାଜ୍ୟ ପ୍ରାପ୍ତିର ଦୁର୍ନିବାର ବାସନା ଥିଲା ଆଲୋଚ୍ୟ ଯୁଗର ସାହିତ୍ୟିକ ଆଦର୍ଶ । ସେହି ଐତିହ୍ୟବୋଧର ଏକ ଗୀତିମୟ ଗାୟତ୍ରୀ ହେଉଛି କବି ନୀଳକଣ୍ଠଙ୍କ ଐତିହାସିକ କାବ୍ୟ 'କୋଣାର୍କେ' । ନିଦ୍ରିତ ଛାତ୍ରମାନଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ତା'ର ବିଷୟ ଉପସ୍ଥାପନା ପରିପାଟୀ ଓ ଚରିତ୍ର ନିର୍ମାଣ କୌଶଳ ଯେମିତି ଅଭିନବ,ଇତିହାସର ନବୀକରଣ ସେମିତି ଜାତୀୟ ଭାବଦ୍ୟୋତକ । ସତ୍ୟବାଦୀ ସାହିତ୍ୟର ମୁଖପତ୍ର ଭାବରେ ପରିଚିତ 'କୋଣାର୍କେ' ।

ଅନ୍ୟପକ୍ଷରେ ଅନୁଭୂତିର ତୀବ୍ରତା ଓ ଅଭିଜ୍ଞତାର ବିଶ୍ୱସ୍ତତାକୁ ଆଧାର କରି ଗଢ଼ି ଉଠିଥିବା ନୀଳକଣ୍ଠଙ୍କ କାବ୍ୟ ଚେତନାର ସମଗ୍ରତାରେ ବିନ୍ୟସ୍ତ ଏକ ମହତ୍ତର ଆଦର୍ଶବୋଧ । ଯା'ର ଆବେଦନ ଅତ୍ୟନ୍ତ ଗଭୀର ଓ ଗମ୍ଭୀର । ତେଣୁ ବ୍ୟଭିଚାର ପରିବର୍ତ୍ତେ ତାଙ୍କ କାବ୍ୟ ନାୟକ ଓ ନାୟିକା ସଂଯମ ଓ ଶୃଙ୍ଖଳାର ଖଣ୍ଡାଧାରରେ ଚାଲନ୍ତି, ଯା'ର ଜ୍ୱଳନ୍ତ ଦୃଷ୍ଟାନ୍ତ ବହନ କରେ ଇତିହାସ ପରିପୁଷ୍ଟ କାବ୍ୟ 'ଖାରବେଳ'' । କାବ୍ୟର ବିଷୟବସ୍ତୁ ହୋଇପାରେ ଅତ୍ୟନ୍ତ କ୍ଷୀଣ,ମାତ୍ର ନିର୍ମଳ ପ୍ରେମର ପ୍ରକାଶ ବୈଚିତ୍ର୍ୟ ହିଁ ତା'ର ଯଥାର୍ଥ ସୃଷ୍ଟି ଗୌରବ ।

ଆଧ୍ୟାତ୍ମିକ ଅଭୀପ୍ସାର କବି ପଣ୍ଡିତ ନୀଳକଣ୍ଠ । ତାଙ୍କ 'ଭକ୍ତି ଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି, ସେହି ଭକ୍ତି ପ୍ରାଣତାର ଛଳ ଛଳ ପ୍ରବାହ । 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' ତାଙ୍କ ଜୀବନ ଦର୍ଶନ ଓ ପ୍ରଜ୍ଞାର ଏକ ପ୍ରସାରିତ ଫଳକ । କବିଙ୍କ ଦୃଷ୍ଟିରେ ଯାହା ମାନବ ସମାଜର ମଙ୍ଗଳ ବିଧାନ କରେ ତାହା ହିଁ ଧର୍ମ । ଅର୍ଥାତ୍ ଧର୍ମକୁ ଏକ ଆଦର୍ଶ ମାର୍ଗ ଭାବେ ଗ୍ରହଣ କରିଛନ୍ତି ଏବଂ ସେହି ମାର୍ଗ ଅନୁସରଣ କରିବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି 'ପିଲାଙ୍କ ରାମାୟଣ' ଓ 'ପିଲାଙ୍କ ଭାଗବତ'ରେ ।

ପଣ୍ଡିତ ନୀଳକଣ୍ଠ କେବଳ ପରମ୍ପରାର ପ୍ରମୂର୍ତ୍ତ ପୂଜାରୀ ନୁହନ୍ତି, ସେ ପୁରୋଗାମୀ ଚେତନାର ବାର୍ତ୍ତାବହ । ସତ୍ୟବାଦୀ ବନ ବିଦ୍ୟାଳୟକୁ କେନ୍ଦ୍ର କରି ସୂତ୍ରପାତ ହୋଇଥିବା ସଂସ୍କାର ଆନ୍ଦୋଳନର ସେ ଥିଲେ ମୁକ୍ତ ପ୍ରବକ୍ତା । 'ମୋ ନିଶ' ପ୍ରବନ୍ଧରେ ସମାଜର କୁସଂସ୍କାର ବିରୋଧରେ ବିଦ୍ରୂପର ଶାଣିତ ଖଡ୍‌ଗ ପ୍ରୟୋଗ କରି ସେ ତା'ର ଭିତ୍ତିଭୂମି ସ୍ଥାପନ କରିଥିଲେ ଏବଂ ସେହି କାରଣରୁ ତାହା ନିଶ ଆନ୍ଦୋଳନ ନାମରେ ପରିଚିତ । ବୌଦ୍ଧିକସ୍ତରରେ ସେ ଆନ୍ଦୋଳନକୁ ଆହୁରି ଆଗକୁ ନେବା ପାଇଁ ସେ ଲେଖିଛନ୍ତି 'ଅଛୁ ଓ ହେବୁ' ଏବଂ 'ପ୍ରତିଭା ପୂଜା ଓ ପ୍ରତିମା ପୂଜା' ଆଦି ଅନେକ ସଂସ୍କାରଧର୍ମୀ ପ୍ରବନ୍ଧ । ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ' ଏକ ଉଚ୍ଚକୋଟୀର ଗ୍ରନ୍ଥ । ଏଥିରେ ସେ ଆର୍ଯ୍ୟ ଜୀବନର ପ୍ରକୃତି, ତା'ର ଆଧ୍ୟାତ୍ମିକ ସାଧନା ଓ ଆଦର୍ଶ ସଂପର୍କରେ ଯେଉଁ ମନନଧର୍ମୀ ଆଲୋଚନା କରିଛନ୍ତି, ସାଂପ୍ରତିକ ପରିପ୍ରେକ୍ଷୀରେ ଆଦୌ ମହଳଣ ପଡ଼ି ଯାଇନି ତା'ର ପ୍ରାସଙ୍ଗିକତା ।

କବିଙ୍କ 'ଭକ୍ତିଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି ତାଙ୍କ ଭକ୍ତିପ୍ରାଣତାର ଛଳଛଳ ଆବେଗ । ହଜାରିବାଗ ଜେଲରେ ଥାଇ ଗୀତା ଉପରେ ସେ ଯେଉଁ ଗଭୀର ଅଧ୍ୟୟନ କରିଥିଲେ, ତା'ର ଅମୃତମୟ ଫଳ ହେଉଛି ତାଙ୍କ 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' । ସଂସ୍କୃତକୁ ଅନେକ ମୃତଭାଷା କହୁଥିବାବେଳେ ସେ ତାକୁ ମର୍ଯ୍ୟାଦାବନ୍ତ ସ୍ଥାନ ଦେଇଛନ୍ତି 'ସଂସ୍କୃତି ଓ ସଂସ୍କୃତି' ଗ୍ରନ୍ଥରେ । କେବଳ ମୌଳିକ ପ୍ରବନ୍ଧ ରଚନା ନୁହେଁ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସେ ଥିଲେ ଅନେକଙ୍କ ପାଇଁ ଦିଗଦର୍ଶନ । 'ଓଡ଼ିଆ ସାହିତ୍ୟର କ୍ରମବିକାଶ' ଏକ ଚମତ୍କାର ଆଲୋଚନା ଗ୍ରନ୍ଥ, ଯାହା ତାଙ୍କ ସ୍ୱତନ୍ତ୍ର ଶୈଳୀ ଓ ଗଭୀର ଅନ୍ତର୍ଦୃଷ୍ଟିରେ ଗରୀୟାନ ।

ଓଡ଼ିଆ ଲିପି ସଂସ୍କାର କ୍ଷେତ୍ରରେ ସେ ଥିଲେ ଆଦ୍ୟ ଉଦ୍ୟକ୍ତା । ତାଙ୍କରି ଲେଖାରୁ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷାର ବୈଜ୍ଞାନିକ ଶୃଙ୍ଖଳା ଓ ତୁଳନାତ୍ମକ ଅଧ୍ୟୟନ ଧାରା । ସେ ହିଁ ପ୍ରଥମେ ଯୁକ୍ତାକ୍ଷର ପରିବର୍ତ୍ତେ ଅନୁସ୍ୱାର ବ୍ୟବହାର କଲେ ଏବଂ ଏ କ୍ଷେତ୍ରରେ ଏକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିଚୟ ବହନ କରେ ତାଙ୍କ ଗବେଷଣାତ୍ମକ ଗ୍ରନ୍ଥ 'ଓଡ଼ିଆ ଭାଷା ଓ ସାହିତ୍ୟ' । ତାଙ୍କ ଆତ୍ମଜୀବନୀ 'ସ୍ମୃତି ଓ ଅନୁଭୂତି' କେବଳ ଆତ୍ମକଥା ଅନ୍ତର୍ଲିପି ନୁହେଁ, ଏହା ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଘଟଣାବଳୀର ଐତିହାସିକ ଦସ୍ତାବିଜ । ତାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିଲା 'ନବଭାରତ' ମାସିକ ପତ୍ରିକା ଥିଲା ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ଆଲୋକ ବର୍ତ୍ତିକା । ଇତିହାସ, ଦର୍ଶନ, ସାହିତ୍ୟ ଓ ଭାଷାତତ୍ତ୍ୱ ଆଦି ପ୍ରତ୍ୟେକ ବିଷୟରେ ତାଙ୍କ ପ୍ରଜ୍ଞାର ପରିସୀମା ଏତେ ବ୍ୟାପକ ଯେ ତା'ର ଗୋଟିଏ ପାର୍ଶ୍ୱରେ ଥାଇ ଲକ୍ଷ୍ୟ କଲେ ଅପର ପାର୍ଶ୍ୱଟି ଦିଶେ ଦୂର ଦିଗବଳୟର ଚେନାଏ ନୀଳିମା ପରି । ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ୧୮ରେ ବରଗଡ଼ରେ ବିଜେଡିର ଚାଷୀ ସମାବେଶ




ବରଗଡ଼, ୧୬।୮ (ସମିସ): ବରଗଡ଼ ଜିଲ୍ଲା ରାଜ୍ୟର ଏକ ଚାଷୀବହୁଳ ଅଞ୍ଚଳ। ରାଜ୍ୟର ସର୍ବାଧିକ ଉତ୍ପାଦନ ଏହି ଜିଲ୍ଲାରୁ ହିଁ ହୋଇଥାଏ। ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନରୁ ବଞ୍ଚିତ କରିବା ପାଇଁ ଚାଷୀ ପଞ୍ଜୀକରଣ ନୀତିକୁ ସରକାର ଜଟିଳ କରିଛନ୍ତି। ଫଳରେ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ। ଏହା ସରକାରଙ୍କ ଏକ ସୁପରିକଳ୍ପିତ ଫନ୍ଦି। କିନ୍ତୁ ଚାଷୀଙ୍କ ସହ ବିଜେଡି ରହିଆସିଛି, ଆଗକୁ ବି ରହିବ। ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବ। ଆସନ୍ତା ୧୮ ତାରିଖରେ ଚାଷୀମାନଙ୍କୁ ନେଇ ବରଗଡ଼ରେ ଏକ ବିରାଟ ସମାବେଶ କରାଯିବ। ଉକ୍ତ ଦିନ ଗଣେଶରାମ ଭବନରୁ ଏକ ବିରାଟ ଶୋଭାଯାତ୍ରାରେ ଚାଷୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରିବେ। ବରଗଡ଼ ଗଣପତି ହୋଟେଲଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆଜି ଏହି ସୂଚନା ଦେବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି।

ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀମାରଣ ନୀତି ପାଇଁ ବିଜେପି ସରକାର ଉପରେ ବର୍ଷିଛନ୍ତି। ସେମାନେ କହିଥିଲେ ଯେ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଆଜି ହଜାରହଜାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତିଦିନ ଚାଷୀ ନିଜ ହକ୍ ପାଇଁ ରାଜରାସ୍ତାରେ ଗର୍ଜନ କରୁଥିବା ବେଳେ ସରକାର ପୁଲିସ ଲଗାଇ ସେମାନଙ୍କୁ ଗିରଫ କରୁଛି। ଦେଶର ଅନ୍ନଦାତାଙ୍କୁ ଜେଲରେ ପୂରାଉଛି। ଖାଲି ସେତିକି ନୁହେଁ, ଚାଷୀ ଆଖିର ଲୁହକୁ ଖୁସିର ଲୁହ ବୋଲି କହୁଛି। ଏଥିପାଇଁ ସରକାରଙ୍କୁ ଲଜ୍ଜା ଲାଗିବା ଉଚିତ। ସରକାର ଯଦି ଚାଷୀଙ୍କ ପଞ୍ଜୀକରଣ ଓ ଅନ୍ୟ ସମସ୍ୟାର ତୁରନ୍ତ ସମାଧାନ ନ କରନ୍ତି, ଆଗାମୀ ଦିନରେ ବିଧାନସଭାରେ ଚାଷୀଙ୍କ ସମସ୍ୟାକୁ ଉପସ୍ଥାପନ କରାଯିବ ବୋଲି ବିରୋଧୀ ଦଳ ଉପନେତା ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ସପ୍ତାହକ ମଧ୍ୟରେ ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି

ପୁରୀ,୧୬।୮ (ସମିସ): ଆଉ ଦିନ କେଇଟା ପରେ ବର୍ଷେ ପୂରିବ ବିନା ପରିଚାଳନା କମିଟିରେ ଚାଲିଛି ଶ୍ରୀମନ୍ଦିର ପରିଚାଳନା। ଗତବର୍ଷ ସେପ୍ଟେମ୍ବର ୧୪ରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା। ଏବେ ପୁଣି ସେପ୍ଟେମ୍ବର ହେବାକୁ ଯାଉଛି। ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିନାହିଁ। ବିନା ପରିଚାଳନା କମିଟିରେ ରଥଯାତ୍ରା ସମେତ ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହେଉଛି। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଟାର୍ଗେଟ କରାଯାଉଛି। ହେଲେ ଏପର୍ଯ୍ୟନ୍ତ ପରିଚାଳନା କମିଟି ଗଢ଼ାଯାଇପାରି ନାହିଁ। ତେବେ ଏହାରି ଭିତରେ ପରିଚାଳନା କମିଟିକୁ ନେଇ ବଡ଼ ଘୋଷଣା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସପ୍ତାହେ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ ହେବ ବୋଲି ଶୁକ୍ରବାର ପୁରୀରେ ସ୍ୱାଧୀନତା ଦିବସ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଗଠନ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। କମିଟି ଗଠନ ପରେ ବୈଠକ ବସି ଅନୁମୋଦନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଦୁଇଜଣ ଅଧିକାରୀ ନିୟୋଜିତ ହୋଇସାରିଛନ୍ତି। ସେମାନଙ୍କ ଉପସ୍ଥିତିରେ ଗଣତି ମଣତି ହେବ।

# ପରଲୋକରେ କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁ ମଉସା



କଟକ, ୧୬। ୮ (ସମିସ): ନା ସେଥିରେ ଘୁଘୁନି ମିଶୁଥିଲା ନା ପଡୁଥିଲା ପିଆଜ, ସେଓ। କିନ୍ତୁ ସେ ଦହିବରା ଆଳୁଦମର ସ୍ୱାଦ ଥିଲା ନିଆରା। ବାସ୍ନା ନାକରେ ବାଜୁବାଜୁ ପାଟିରୁ ଆପେଆପେ ଲାଳ ଗଡ଼ି ଆସୁଥିଲା। ଥରେ ଯିଏ ଖାଇଛି, ବାରମ୍ବାର ସେଠାକୁ ଦୌଡ଼ିଛି। ସାଙ୍ଗସାଥୀ, ସ୍ତ୍ରୀ-ପିଲା-ଛୁଆଙ୍କୁ ନେଇ ବି ଚଖେଇଛି। ଖାଲି କଟକ ନୁହେଁ, ଦୂରଦୂରାନ୍ତରୁ ବି ଲୋକେ କଟକ ଆସିଲେ, ସେଠି ଖାଇବାକୁ ଭିଡ଼ ଜମାଉଥିଲେ। କିନ୍ତୁ, ବଡ଼ ତରତରରେ ସେ ଆଳୁଦମ୍-ଦହିବରା ବାଢୁଥିବା ଲୋକଟାକୁ ଆଉ ଦେଖିବାକୁ ମିଳିବନି। କଟକ ବିଡାନାସୀରେ ବେପାର କରି ଆସୁଥିବା ପ୍ରସିଦ୍ଧ ରଘୁ ଦହିବରା ଓ ଆଳୁଦମର ମାଲିକ ରଘୁନାଥ ସାସମଲଙ୍କ ପରଲୋକ ଘଟିଛି। ରଘୁ ମଉସା ନାମରେ ଖ୍ୟାତ ସ୍ୱର୍ଗତ ସାସମଲ ତାଙ୍କ ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୧ ବର୍ଷ ହୋଇଥିଲା। କଟକ ଦହିବରାକୁ ଦେଶବିଦେଶରେ ପରିଚିତ ଓ ପ୍ରସିଦ୍ଧ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି।

ରଘୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ନିଶାମଣି, ପୁଅ ଲିଙ୍ଗରାଜ, ବନମାଳୀ ଓ ପୁତୁରା କେଦାରନାଥଙ୍କ ସମେତ ଝିଅ ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏପରିକି, ସାମାଜିକ ଗଣମାଧ୍ୟମରେ ରଘୁଙ୍କ ପରଲୋକ ଜନିତ ଖବର ଓ ଶୋକବାର୍ତ୍ତା ସମ୍ପୂର୍ଣ୍ଣ ଛାଇ ହୋଇଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ପାକିସ୍ତାନରେ...

ପାଣିରେ ବୁଡ଼ି ରହିଥିବାରୁ ସେହି ଅଞ୍ଚଳକୁ ଯିବା ସମ୍ଭବ ହୋଇପାରୁ ନାହିଁ। ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ପାକିସ୍ତାନର ବିଭିନ୍ନ ଜିଲ୍ଲାରେ ଅଚାନକ ବନ୍ୟା ଆସିଥିଲା। ଏଥିରେ ୯ଟି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଜିଲ୍ଲାରେ ଦୁଇ ହଜାର ଉଦ୍ଧାରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ଏବେ ବି ବହୁ ଇଲାକାରେ କର୍ମଚାରୀମାନେ ପହଞ୍ଚି ପାରି ନାହାନ୍ତି। ଖାଇବର ପଖତୁନଖୱାରେ ବର୍ଷା କାରଣରୁ ଭୂସ୍ଖଳନ ମଧ୍ୟ ହୋଇଥିବାର ଖବର ମିଳିଛି। ଜଣେ ସେନା ଅଧିକାରୀ କହିଛନ୍ତି ଯେ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। କାରଣ ଅନେକ ଧ୍ୱସ୍ତବିଧ୍ୱସ୍ତ ଅଞ୍ଚଳକୁ ଉଦ୍ଧାରକାରୀ ଦଳ ଯାଇ ପାରି ନାହାନ୍ତି। ଏବେ ବି ଶତାଧିକ ଗାଁ ପାଣି ଘେରରେ ରହିଛନ୍ତି। ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରୁ ନାହିଁ।

### ୬୫ ମୃତ...

ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଥିଲା। ବର୍ତ୍ତମାନ ସୁଦ୍ଧା ୫୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏବେବି ୨୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି ବୋଲି କୁହାଯାଇଛି। ସେହିପରି ଏଥିରେ ୧୮୦ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତ ବ୍ୟକ୍ତିଙ୍କୁ କିସ୍ତୱାର-ଜମ୍ମୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ୍ ୩ଟି ଟିମ୍, ସେନାର ୩୦୦ରୁ ଊର୍ଦ୍ଧ୍ୱ ଯବାନ, ହ୍ୱାଇଟ୍ ନାଇଟ୍ କୋର ମେଡିକାଲ ଟିମ୍, ପୁଲିସ, ଏସ୍‌ଡିଆରଏଫ୍ ଓ ଅନ୍ୟ ଏଜେନ୍ସିଗୁଡିକ ସାମିଲ ରହିଛନ୍ତି।

### ଆଶା ବଢ଼ାଇଲା...

ହୋଇ ନଥାନ୍ତା ବୋଲି ପୁଟିନ କହିଛନ୍ତି। ଏବେ ଯୁଦ୍ଧ ରୋକିବା ଜେଲେନ୍‌ସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି। ଖୁବଶୀଘ୍ର ପୁଟିନ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ ହେବ ବୋଲି ଟ୍ରମ୍ପ କହିଛନ୍ତି। ଏହାପରେ ଟ୍ରମ୍ପଙ୍କ ସମେତ ପୁଟିନ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହେବ ଏବଂ ଏହା ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି। ଟ୍ରମ୍ପ ଏହି ବୈଠକକୁ ୧୦ରୁ ୧୦ ନମ୍ବର ଦେଇଛନ୍ତି। ଅନ୍ୟପଟେ ରୁଷିଆର ସୁରକ୍ଷା ଆମପାଇଁ ସର୍ବୋପରି ବୋଲି ପୁଟିନ କହିଛନ୍ତି। ଆଗାମୀ ବୈଠକ ମସ୍କୋ।।ରେ ଆୟୋଜନ କରିବାକୁ ପୁଟିନ ପ୍ରସ୍ତାବ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଦୁହେଁ ନିଜ ବକ୍ତବ୍ୟ ରଖିବା ପରେ ଦୁଇ ନେତା ସେଠାରୁ ତୁରନ୍ତ ଚାଲିଯାଇଥିଲେ।

ଏହାପରେ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଫୋନ କରି ଏବଇୟରେ ଅବଗତ କରାଇଥିଲେ। ଦେଢଘଣ୍ଟା ଧରି କଥା ହୋଇଥିବା କଥା ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଜେଲେନ୍‌ସ୍କି ୧୮ ତାରିଖ ଅର୍ଥାତ ସୋମବାର ଆମେରିକା ଯାଇ ଟ୍ରମ୍ପଙ୍କୁ ଦେଖା କରିବେ। ଟ୍ରମ୍ପ-ପୁଟିନ ଆଲୋଚନାକୁ ସ୍ୱାଗତ କରିବା ସହିତ ସମ୍ପୂର୍ଣ୍ଣ ଭାବେ ଶାନ୍ତି ପ୍ରତିଷ୍ଠା କରିବାକୁ ୟୁକ୍ରେନ ପୂର୍ଣ୍ଣପ୍ରାଣରେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଭାରତ ସରକାର ମଧ୍ୟ ଆଲାସ୍କା ବୈଠକ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।

### ୨ ଭିସୁଟ୍ ପ୍ରଫେସର...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିବା ପରେ ଭିସୁଟ୍ ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏ ନେଇ ପଦକ୍ଷେପ ଗ୍ରହଣ କରି ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତଦନ୍ତ କରି କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦାଖଲ କରିଥିଲା। ସେହିପରି, ଆଉ ଏକ ବିଭାଗରେ ଜଣେ ମହିଳା ପ୍ରଫେସରଙ୍କୁ ଜଣେ ବିଭାଗୀୟ ପ୍ରଫେସର ଅସଦାଚରଣ କରିଥିଲେ। ଏହି ଘଟଣା ମଧ୍ୟ ଆଇସିସି ଦ୍ୱାରା ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏହାପରେ ଭିସୁଟ୍ କର୍ତ୍ତୃପକ୍ଷ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଉଭୟ ଘଟଣା ଗଣିତ ବିଭାଗ ଓ ପ୍ରଡକ୍ସନ ଇଞ୍ଜିନିୟରିଂ ବିଭାଗରେ ହୋଇଥିବା କୁହାଯାଉଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅସ୍ୱୀକାର ନକଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରୁନାହାନ୍ତି।

### ଗଠନ ହେବ...

ଦୃଷ୍ଟିରେ ରଖି ଶ୍ରୀ ପଟ୍ଟନାୟକ ଏଭଳି ଘୋଷଣା କରିଥିଲେ। ୨୦୨୪ ମସିହାରେ ୫୬ଟି ଏନ୍‌ଏସି ଘୋଷଣା କରାଯାଇଥିଲା ବେଳେ ଏହାର ଗୋଟିଏ ବର୍ଷ ପରେ ନୂତନ ସରକାର ଏନ୍‌ଏସି ଗଠନର ଡ୍ରାଫ୍ଟ ନୋଟିଫିକେସନ୍ ନେଇ ଆସିଛନ୍ତି। ଏହି ନୋଟିଫିକେସନ ଅନେକଙ୍କୁ ନିରାଶ କରିଛି। ଏଥିରେ ମାତ୍ର ୧୨ଟି ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି। ଅର୍ଥାତ୍ ନୂତନ ସରକାର ରାଜ୍ୟରେ ୪୪ଟି ଏନ୍‌ଏସି ଗଠନ ଉପରେ ନିରବ ରହିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି।

### ସମ୍ପତ୍ତି ପାଇଁ ପୁଅକୁ...

ଶୋଚନୀୟ ଅବସ୍ଥାରେ ରହୁଥିଲେ। ତେବେ ଏହା ଭିତରେ ଜ୍ୟୋତି ନିଜର ହକ୍ ପାଇଁ ଲଢ଼େଇ କରିଥିଲେ। ଜାଗାବାଡ଼ିକୁ ନେଇ ସେ ନିଜ ହକ୍ ମାଗି ଆସୁଥିଲେ। ଦିନକୁ ଦିନ ଏହି ବିବାଦ ଉଗ୍ର ହେବାରୁ ଜ୍ୟୋତିଙ୍କ ରାସ୍ତାରୁ ହଟାଇବା ପାଇଁ ବାପା, ସାବତ ମା' ଓ ସାବତ ଭାଇ ଷଡ଼ଯନ୍ତ୍ର ରଚିଥିଲେ। ଗତକାଲି ସେମାନେ ଜ୍ୟୋତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଜ୍ୟୋତିରଞ୍ଜନଙ୍କୁ ପ୍ରଥମେ ଅଠାନ୍ତର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ବେହେରା ଅଭିଯୋଗ କରିବାରୁ ପୁଲିସ୍ ହସ୍ପିଟାଲରେ ପହଞ୍ଚି ଜ୍ୟୋତିଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା। ସେଥିରେ ସେ କହିଥିଲେ ଯେ ତାଙ୍କ ବାପା, ସାବତ ମାଆ ଓ ସାବତ ଭାଇ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ତାଙ୍କ ଅବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା।

ଜ୍ୟୋତିଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ କହିଛନ୍ତି ଯେ ଜମିବାଡ଼ି ଓ ସମ୍ପତ୍ତି ପାଇଁ ବାପା, ସାବତ ମା' ଓ ଭାଇ ମାରିଛନ୍ତି। ପୂର୍ବରୁ ମାରପିଟ୍ ଘଟଣା ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରିକି, ବିଜୟଲକ୍ଷ୍ମୀଙ୍କ ମୁଣ୍ଡ ଫଟାଇ ଦେଇଥିଲେ ପ୍ରଭାତୀ। କିନ୍ତୁ ଅଭିଯୋଗ ପରେ ବି ହୋଇନଥିଲା କାର୍ଯ୍ୟାନୁଷ୍ଠାନ। ନିଜ ଘରେ ରହିବାକୁ ଭଡ଼ାଟିଆ ଭଳି ଭଡ଼ା ଦେଉଥିଲେ ମୃତ ଜ୍ୟୋତିରଞ୍ଜନ। ବାପା ଏବଂ ସାବତ ମା' ସାନ ପୁଅ ନାମରେ ସବୁ ସମ୍ପତ୍ତି କରିଦେଇଥିଲେ। ଏପରିକି, ସେମାନେ କୋଠା ଘରେ ରହୁଥିବା ବେଳେ ତାଙ୍କୁ ଏକ ଆଉଟ୍‌ହାଉସ୍ ଭଳି ଆଜବେଷ୍ଟସ୍ ଘର ରହିବାକୁ ଦେଇଥିଲେ। ତାହାର ମଧ୍ୟ ଭଡ଼ା ନେଉଥିଲେ ବୋଲି ପତ୍ନୀ ବିଜୟଲକ୍ଷ୍ମୀ କହିଛନ୍ତି। କେବଳ ସେତିକି ନୁହଁ ଭଡ଼ା ସାଙ୍ଗକୁ ଦେଉଥିଲେ ବାପାଙ୍କ ପ୍ରତିପୋଷଣର ଖର୍ଚ୍ଚ।

### ବିଷ ପିଆଇ...

ମାଣ୍ଡାଙ୍ଗି, ସିଂ ପୁଆଲା, ବୃନ୍ଦାବନ ମାଣ୍ଡାଙ୍ଗି, ବିଜୟ ଜିଲାକାରା, ଦିବା ଜିଲାକାରା, ରମେଶ ମାଣ୍ଡାଙ୍ଗି, ଜ୍ଞାନେୟ ଜିଲାକାରା, ପ୍ରକାଶ ମାଣ୍ଡାଙ୍ଗି, ପ୍ରତାପ ଜିଲାକାରା, ରାଜେଶ ମାଣ୍ଡାଙ୍ଗି, ସଶେୟମାଣ୍ଡାଙ୍ଗି, ବମ୍ବେୟମାଣ୍ଡାଙ୍ଗି। ଏନେଇ ଥାନାରେ ନଂ ୭୩/୨୦୨୫ରେ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଘଟଣାଟି ଗତ ୮ ତାରିଖରେ ଘଟିଥିବା ବେଳେ ଅଭିଯୁକ୍ତମାନଙ୍କ ଧମକ ଓ ଭୟ ଯୋଗୁଁ ବିଳମ୍ବରେ ମୃତକଙ୍କ ଭାଇ ଧର୍ମାରାଓ ଜିଲାକାରା ଶେଷଖାଲ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଉକ୍ତ ଗ୍ରାମରେ ପୂର୍ବରୁ ଗୁଣିଗାରେଡ଼ିକୁ ସନ୍ଦେହ କରି ମୃତ ରାମାରାଓଙ୍କ ପରିବାର ସହ ଗ୍ରାମବାସୀଙ୍କ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। କିନ୍ତୁ ଉକ୍ତ ପତ୍ରକୁ ଅଣଦେଖା କରି ଗିରଫ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ ଭିଆଇଥିବା ପୁଲିସ କହିଛି। ଧାରା ୧୮୯(୧)(ସି), ୧୯୧(୩), ୧୦୩(୨), ୨୯୬(୬)୨୩୮(ଏ)୩୫୧(୨) ଏବଂ ଭାରତୀୟ ନ୍ୟାୟ ସଂହିତା ୧୯୦ ଅଧାରରେ ଶେଷଖାଲ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ମୃତକଙ୍କ ପୋଡା ପାଉଁଶ ସଂଗ୍ରହ କରିଥିବା ଶେଷଖାଲ ଥାନା ଅଧିକାରୀ ମୁନି ଆଚାରୀ ପ୍ରକାଶ କରିଛନ୍ତି।

### ଘରୁ ଡାକିନେଇ...

ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଶେଷରେ ସ୍ମୃତିରଞ୍ଜନଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରି ଗତକାଲି ମଧ୍ୟାହ୍ନ ସମୟରେ ଅଭିଯୁକ୍ତ ନାବାଳକ ନିଜ ସ୍କୁଟିରେ ଗୋଡ଼ାଧର୍ମସାଗର ଯାଇ ସ୍ମୃତିରଞ୍ଜନଙ୍କୁ ଘରୁ ଡାକିଥିଲା। ଏହାପରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ଗାଡ଼ିରେ ବସାଇ ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲେ। କିଛି ସମୟ ଭିତରେ ସ୍ମୃତିରଞ୍ଜନ ଘଟଣାସ୍ଥଳରେ ପହଞ୍ଚି କଥାବାର୍ତ୍ତା ହେବାବେଳେ ସେମାନଙ୍କ ସହ ବଚସା ହୋଇଥିଲା। ଏତିକିରେ ନାବାଳକ ସାଙ୍ଗ ରାଗିଯାଇ ଖଣ୍ଡାରେ ତାକୁ ଆକ୍ରମଣ କରିବା ପରେ ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଥିଲେ।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସ୍ମୃତିକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳଙ୍କ ସହ ପୁଲିସର ଏକ ଟିମ୍ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା ପରେ ହତ୍ୟାକାରୀଙ୍କୁ ଚିହ୍ନଟ କରି ୩ଜଣଙ୍କୁ ଘରୁ ଉଠାଇ ଆଣିଥିଲା। ପଚରାଉଚରା ପରେ ସେମାନେ ସତ ସ୍ୱୀକାର କରିଥିଲେ। ଅନ୍ୟପଟେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ଗତକାଲି ରାତିରେ ଜଟଣୀ ମୁଖ୍ୟ ରାସ୍ତା ଅବରୋଧ କରିବା ସହ ଥାନା ଘେରଉ କରିଥିଲେ। ଫଳରେ ଘଣ୍ଟା ଘଣ୍ଟା ଧରି ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮ (ସମିସ): ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାସନ୍ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଛତୁଆର ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ୟାକେଜିଙ୍ଗ୍, ବଣ୍ଟନ ପର୍ଯ୍ୟନ୍ତ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ, ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଓମ୍ବାଡ୍‌ସି ଜିଲ୍ଲାଗୁଡିକରେ ଶତ ପ୍ରତିଶତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଏଆଇସିସି ନିଯୁକ୍ତ କଲା ୨୮ ଜଣିଆ ପର୍ଯ୍ୟବେକ୍ଷକ

ନିଯୁକ୍ତ ହେବେ ଜିଲ୍ଲା କଂଗ୍ରେସ ସଭାପତି

ଭୁବନେଶ୍ୱର,୧୬।୮ (ସମିସ): ଦେଶର ୪ଟି ରାଜ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ଏଆଇସିସି ପକ୍ଷରୁ ସୃଜନ ଅଭିଯାନ ଆରମ୍ଭ କରାଯାଇଛି। ପଞ୍ଜାବ, ଉତ୍ତରାଖଣ୍ଡ, ଝାଡଖଣ୍ଡ ଓ ଓଡ଼ିଶାରେ ଜିଲ୍ଲା ଏଥିରେ ଥିବାବେଳେ ଏଆଇସିସି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଓଡ଼ିଶା ପାଇଁ୨୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି ମିଳିଥିବା ବେଳେ ଏମାନେ ଜିଲ୍ଲା କଂଗ୍ରେସ ସଭାପତି ଚୟନ କରିବେ।

# ହୀରାକୁଦ ଜଳସ୍ତର ୬୧୩.୪୧ ଫୁଟ୍

ସମ୍ବଲପୁର, ୧୬।୮ (ସମିସ): ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୬,୬୩୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୯୮୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୮.୦୬ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୩୭ମିମି ବର୍ଷା ହୋଇଥିବା ସୂଚନା ମିଳିଛି।


OFFICE OF THE PRINCIPAL PANCHAYAT SAMITI DEGREE COLLEGE,
BANGOMUNDA, DIST.- BALANGIR (ODISHA) PIN-767040
Mob.: 9078208298

TENDER CALL NOTICE

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guidelines may be referd to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 26.08.2025 through Regd. Post/ Speed Post. The undersigned reserves the right to cancel part or whole of tender/ quotation without specifying any reason thereof.

Sd/- Principal



OFFICE OF THE PANCHAYAT SAMITI: RAYAGADA SADAR i-275
DIST- RAYAGADA, PIN CODE-765001, ODISHA
Tel No/ Fax No - 06856 - 223355, E-mail : ID: ori-brayagada@nic.in
INVITATION FOR BIDS (I.F.B)
e-Tender Notice
IDENTIFICATION No. PS- RGDA No. 03 OF 2025-26 Dt: 14/08/2025

1) The Block Development Officer, Rayagada Sadar, Rayagada invites Percentage Rate bid. in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) No. of works: 07(Seven) Nos.
3) Cost of Tender paper: Rs. 6000 /- (Rupees Six Thousand)only for each work
4) Class of Contractor: "D & C" Class
5) Date of Time of available in website receipt online: 11:00 Hrs of 19.08.2025 17.00 Hrs of 30.08.2025
6) Date of opening of Technical Bid : 11:00 Hrs of 01.09.2025
7) The Bidders have to participa te in ONLINE bidding only. Further details can be seen from the State Govt. Portal website https: tendersodisha.gov.in
8) Any Conigendum/ Addendum will be displayed in the website https://tendersodisha.gov.in only

OIPR-19322/11/0007/2526

Block Development Officer
Rayagada



GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
TENDER CALL NOTICE

Bid Identification No. SC (R&B)-GM-II-08/2025-26 No. 7310 Dated 11.08.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system (composite) to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 20.08.2025 10.00 AM to 02.09.2025 4.00 P.M.
7) Date of opening of Bid : 03.09.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34080/11/0027/2526 B-402



AFFIDAVIT (for Minor)

By virtue of an Affidavit No.477 dtd-13/08/2025 Sworn before the Executive Magistrate Bisoi, I, Bhima Charan Tudu, At-Saraspada ,PO - Sunajodia, Ps-Bisoi, Dist Mayurbhanj, declared that my son Aadhaar card bearing No.7203 9238 6660 my son name has been wrongly written as YOSET TUDU instead of JOSEF TUDU.That both name as YOSET TUDU and JOSEF TUDU are same and one person.And I use to written my son name as JOSEF TUDU for any relevant documents.

Bhima Charan Tudu

AFFIDAVIT

I, Mohan Prsad Raiguru, S/o- Late Gokuleswar Raiguru, resident of At/Po.: Jagruti Vihar, Ps.: Burla, Dist. - Sambalpur, Pin - 768020, Odisha, declare by this affidavit No. 5144 dtd. - 12/08/2025 that now onwards I shall be known as MOHAN PRASAD RAIGURU for all future purposes.

AFFIDAVIT

By virtue of an affidavit sworn before Executive Magistrate, Banpur, vide no-3172, dated 14/08/2025 I, Kabiraj Pradhan, S/o- Dhaneswar Pradhan, of At- Sanahantuad, Po-Sanahantuad, Ps- Banpur, Dist-Khordha, declare that in my Adhar card my name is wrongly mentioned as **Kabraj Pradhan instead** of **Kabiraj Pradhan**. Henceforth, I shall be known as **Kabiraj Pradhan** for all purposes.

AFFIDAVIT

By virtue of an affidavit sworn before Executive Magistrate, Ranpur, CF.NO-4/1, SL. NO. 902, dated 29-07-2025 I, **RUDRA MADHAB PRADHAN, S/o Pratap kishore Pradhan** permanent resident of Village At- Kandarasingh, PO-Basudia, PS- Ranpur, Dist- Nayagarh, State- Odisha, PIN- 752026, declare that I have changed my name from **RUDRA MADHAB PRADHAN** (Old name) to **SANTANU KUMAR PRADHAN** (New name), Henceforth, I shall be known as **SANTANU KUMAR PRADHAN** for all purposes.

Sd-( SANTANU KUMAR PRADHAN )

AFFIDAVIT

I, Manas Ranjan Sankhua, S/o-Chakradhar Sankhua, resident of At-Nuapatana, Po-Gujidarada, PS/Dist-Bhadrak, PIN- 756128, Odisha declared by this affidavit No. 1410, dtd-16/08/2025 that now onwards I shall be known as **Manas Ranjan Sankhua** for all future purposes.

AFFIDAVIT

By of an affidavit before Executive Magistrate, Khordha vide No.- 2188, Dt.14.08.2025 I, Fakirun Nisha, of Vill.- Mukundaprasad, Po- P.N. College, Ps-Industrial Estate, Dist-Khordha, Pin- 752057 complete declare that i have changed my name from **Fakrun Nisha** to **Fakirun Nisha**. Henceforth i shall be known as **Fakirun Nisha** for all purposes.

AFFIDAVIT

I, Manoj Kumar Singh S/o Madan Singh, presently residing at 1554, Sharma Chhak, 1st Floor, Talcher, Dist-Angul, PIN-759100, Odisha declare by this affidavit No.6569 dtd 14.08.2025 that now onwards I shall be known as **MANOJ SINGH** for all future purposes.

LOST

I, **Sekh Jakir**, C/o- Sekh Sabir, resident of At- Musalim Sahi, Balugaon Chilika, Dist- Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below:- **1) ROR Khata No- 321/566, and Plot No-7, 2) Sell Deed No. 2711, Doc No- 11101102712, 3) Deed No-1243.**
If anyone finds it kindly contact to my number: 9853277994 or Balugaon Police Station. If anyone will misutilize it, we will not be responsible for it.

Sd/- Sekh Jakir

AFFIDAVIT

By virtue of an affidavit (CF No. 06) sworn before The Executive Magistrate, Padampur, on dated-14/08/2025. I, **Naresh Kumar Saha,** S/o- Prahallad Saha, permanent & current resident of At-Putudera, Po- Khaliapali, Ps-Buden, Dist- Bargarh, PIN-768036, Odisha declare that I have changed my name from **Bhopal Saha** (old name) to **Naresh Kumar Saha** (new name). Henceforth, I shall be known as **Naresh Kumar Saha** (new name) for all future purposes.

Naresh Kumar Saha

AFFIDAVIT

By virtue of an affidavit sworn before The Notary Public, Bhubaneswar. I, **Tithi Das** declare that, after marriage I have changed my name from **Tithi Nayak** to **Tithi Das.** Henceforth, I shall be known as **Tithi Das,** W/o Guru Prasad Das for all future purposes.

Tithi Das

AFFIDAVIT

I, Pravallika Simhadri, W/o- Bhavani Raj Jami, resident of New Colony, 1st Lane, Ward No.13, Rayagada, PO/PS/Dist-Rayagada, Odisha declared by this affidavit No. 2335, dtd-12/08/2025 that now onwards I shall be known as **PRAVALLIKA JAMI** for all future purposes.

## ବିଜୁ ମେମୋରିଆଲ ହସ୍ପିଟାଲ
# ରୋଗୀଙ୍କୁ ମିଳୁନି ଆବଶ୍ୟକ ଚିକିତ୍ସା

ପାରାଦୀପ,୧୬।୮ (ସମିସ)

ବନ୍ଦର ସହରରେ ଅବସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ରୋଗୀଙ୍କୁ ସଠିକ୍ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରା ନ ଯାଇ ରେଫର କରାଯାଉଛି। ଯାହାକି ବନ୍ଦର ସହରବାସୀଙ୍କୁ ବ୍ୟଥିତ କରୁଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

ସ୍ଥାନୀୟ ବିଜୁ ମେମୋରିଆଲ୍ ହସ୍ପିଟାଲ ସ୍ୱାସ୍ଥ୍ୟ ସେବାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ସ୍ଥାନୀୟବାସିନ୍ଦା। ନୂଆ ସରକାର ଆସିବା ପରେ ଭାବିଥିଲେ ହସ୍ପିଟାଲର କିଛି ପରିବର୍ତ୍ତନ ହେବ, ନିହାତି ଆବଶ୍ୟକ ନୂଆ ବିଭାଗ ଖୋଲିବ। କୌଣସି ରୋଗୀଙ୍କୁ କଟକ କିମ୍ବା ଭୁବନେଶ୍ୱର ଯିବାକୁ ପଡିବନାହିଁ। ଖାଲିପଡ଼ିଥିବା ବିଭାଗରେ ଡାକ୍ତର ନିଯୁକ୍ତ ହେବେ। ଆବଶ୍ୟକ ମୁତାବକ ୧୦୮ ଆମ୍ବୁଲାନ୍ସ ସେବା ମିଳିବ। ଯେଉଁଠି ବର୍ତ୍ତମାନ ଗୋଟିଏ ରହିଛି। ଟ୍ରମାକେୟାର ସୁବିଧା ମିଳିବ। ସର୍ଜରୀ ବିଭାଗ ଆଦୌ ନାହିଁ। ଯେହେତୁ ବନ୍ଦର ସହରରେ ଦୁର୍ଘଟଣା ପ୍ରତି ମୁହୂର୍ତ୍ତରେ ଘଟୁଛି, ସ୍ୱତନ୍ତ୍ର ଭାବେ ସର୍ଜରୀ ବିଭାଗର ଆବଶ୍ୟକତା ରହିଛି। ବିଧାୟକ ନିର୍ବାଚିତ ହୋଇଥିବା ସମ୍ପଦ ସ୍ୱାଇଁ ମନ୍ତ୍ରୀ ପଦ ପାଇଥିଲେ ହେଁ ବିଜୁ ମେମୋରିଆଲ ହସ୍ପିଟାଲରେ ଚିକିତ୍ସା କ୍ଷେତ୍ରରେ କୌଣସି ସୁଧାର ଆସିପାରିନାହିଁ। ମନ୍ତ୍ରୀ ଦୁଇଥର ହସ୍ପିଟାଲକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିବାବେଳେ କାହିଁକି ଚିକିତ୍ସା କ୍ଷେତ୍ରରେ ସୁଧାର ଆସୁନି, ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କଳ କାରଖାନାରେ କାମ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କିଛି ଚିନ୍ତା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଠାରେ ଉନ୍ନତ ଚିକିତ୍ସା ସ୍ୱପ୍ନ ହୋଇପଡ଼ିଥିବା ବେଳେ ଆବଶ୍ୟକ ୨୧ ଡାକ୍ତର ବଦଳରେ ୬ ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଯେଉଁଠି ଚିକିତ୍ସା କ୍ଷେତ୍ରରେ ହାହାକାର ପରିସ୍ଥିତି ଉପୁଜିଛି। ସାମାନ୍ୟ ଦୁର୍ଘଟଣାରେ ଯଦି କିଏ ଆହତ ହେଉଛନ୍ତି, ତାଙ୍କୁ ସ୍ଥାନାନ୍ତରିତ କରାଯାଉଛି। ବନ୍ଦର ସହର ଓ ଏହାର ଆଖପାଖ ଅଞ୍ଚଳର ଲୋକେ ଭରସାରେ ଆସି ନିରାଶ ହୋଇଫେରୁଛନ୍ତି। ସବୁଠୁ ବଡ଼ କଥା ହେଲା ରୋଗୀଙ୍କୁ ସ୍ଥାନାନ୍ତରିତ କଲାବେଳେ ଆବଶ୍ୟକୀୟ ଅକ୍ସିଜେନ ବ୍ୟବହାରର ସୁବିଧା ସବୁବେଳେ ଉପଲବ୍ଧ ହେଉନାହିଁ। ଫଳରେ ବାଟରେ ରୋଗୀଙ୍କ ଜୀବନ ଯାଉଛି। ଏସବୁ ସମସ୍ୟା ଉପରେ ନଜର ଦିଆଯିବାକୁ ସାଧାରଣରେ ଦାବି ହେଉଛି।



## ୨ ବର୍ଷ ଶିଶୁକନ୍ୟାର ସନ୍ଦେହଜନକ ମୃତ୍ୟୁ

ତିର୍ତ୍ତୋଲ,୧୬।୮ (ସମିସ): କନକପୁର ଗ୍ରାମରେ ଘଟିଯାଇଛି ଏକ ଦୁଃଖଦ ଘଟଣା। ଗ୍ରାମର ଧନେଶ୍ୱର ବେହେରାଙ୍କ ୨ ବର୍ଷର ଶିଶୁକନ୍ୟା ସୌମ୍ୟାଶ୍ରୀର ମୃତଦେହ ନିକଟସ୍ଥ ଏକ ପୋଖରୀରୁ ଶୁକ୍ରବାର ଅପରାହ୍ନ ୫ଟାରେ ଉଦ୍ଧାର କରାଯାଇଥିଲା। ଶରତ ଭଞ୍ଜଙ୍କ ବାଙ୍ଗି ପାଟିଆ ଧନେଶ୍ୱରଙ୍କ ୨ ବର୍ଷର ଝିଅକୁ ନିଜ ଘରକୁ ବୁଲାଇବାକୁ ନେଇଥିଲେ। କିଛି ସମୟ ପରେ ଝିଅ ମିଳି ନ ଥିଲା। ଖୋଜାଖୋଜି କରିବା ପରେ ନିକଟସ୍ଥ ଏକ ପୋଖରୀରୁ ଶିଶୁ କନ୍ୟାକୁ ଉଦ୍ଧାର କରିବା ପରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘରୁ ଝିଅକୁ ନେଇଥିବା ପାଟିଆ କାହିଁକି ପୋଖରୀ ଝିଅକୁ ଜଗାଇଲାନି ଓ ସେଥିପାଇଁ ଝିଅକୁ ସବୁ ଦିନ ପାଇଁ ହରାଇ ବସିଲୁ ବୋଲି ଅଭିଯୋଗ କରିବା ସହ କେହି ଝିଅକୁ ମାରି ଦେଇଥିବା ସନ୍ଦେହ କରି ଘଟଣାର ତଦନ୍ତ କରିବାକୁ ଶିଶୁକନ୍ୟାର ବାପା ଧନେଶ୍ୱର କନକପୁର ପୁଲିସ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ପୁଲିସ ପାଟିଆଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ଆଜି ଜଗତସିଂହପୁରରେ ମୃତ ଶିଶୁ କନ୍ୟାର ଶବ ବ୍ୟବଚ୍ଛେଦ କରି ପରେ ପରିବାରକୁ ହସ୍ତାନ୍ତର କରିଛି।

## ମହିଳା ପୁଲିସ କର୍ମଚାରୀଙ୍କୁ ମାଡ଼, ଅଭିଯୁକ୍ତ ଗିରଫ

ରାଜନଗର, ୧୬।୮ (ସମିସ): ରାଜନଗର ଥାନାର ମହିଳା କର୍ମଚାରୀଙ୍କୁ ଅଭିଯୁକ୍ତ ମାଡ଼ ମାରିଛନ୍ତି। ମହିଳା ନିର୍ଯାତନା ମାମଲାରେ ତଦନ୍ତ ପାଇଁ ଯାଇଥିବାବେଳେ ଅଭିଯୁକ୍ତ ମହିଳା ଏଏସଆଇଙ୍କୁ ମାଡ଼ ମାରିଛନ୍ତି। ମହିଳା ଏଏସଆଇଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ ୨୭୦/୨୦୨୫ରେ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ନରେଶ ସାହୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ରାଜନଗର ଥାନା ଅନ୍ତର୍ଗତ ସାତଭାୟା ପଞ୍ଚାୟତ ବଗପାଟିଆର ନିତ୍ୟାନନ୍ଦ ମଣ୍ଡଳ ଓ ତାଙ୍କ ପତ୍ନୀ କବିତା ମଣ୍ଡଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିତ୍ୟାନନ୍ଦ କବିତାଙ୍କୁ ମାଡ଼ ମାରିବା ଯୋଗୁଁ କବିତା ବାପଘରକୁ ଚାଲିଆସିଛନ୍ତି। ତେବେ ନିତ୍ୟାନନ୍ଦ ତାଙ୍କର ୩ ବର୍ଷ ଓ ୮ ବର୍ଷର ଦୁଇ ଝିଅଙ୍କୁ ଛାଡି ନ ଥିଲେ। ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରିବା ପାଇଁ କବିତା ରାଜନଗର ଥାନାରେ ଅଭିଯୋଗ କରିଥିଲେ। ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରି ମାଆ ପାଖକୁ ଫେରାଇ ଆଣିବା ପାଇଁ ରାଜନଗର ଥାନା ଏଏସଆଇ ସୁଜାତା ନାୟକ ଆଜି ନିତ୍ୟାନନ୍ଦଙ୍କ ଘରେ ପହଞ୍ଚି ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରିବା ସମୟରେ ନିତ୍ୟାନନ୍ଦ ମହିଳା ଏଏସଆଇଙ୍କୁ ଧକ୍କା ମାରିଥିଲେ। ମହିଳା ଏଏସଆଇ ପଡିଯାଇଥିଲେ। ତାଙ୍କର ହାତ ଓ ଗୋଡରେ କ୍ଷତ ସୃଷ୍ଟି ହୋଇଛି। ସାଥୀରେ ଥିବା ପୁଲିସ ସଙ୍ଗେ ସଙ୍ଗେ ନିତ୍ୟାନନ୍ଦଙ୍କୁ କାବୁ କରି ନେଇଥିଲେ। ପୁଲିସ ନିତ୍ୟାନନ୍ଦଙ୍କୁ ଧରି ସାଙ୍ଗରେ ଥାନାକୁ ଆସିଥିଲା। ଦୁଇ ଝିଅଙ୍କୁ ମଧ୍ୟ ପୁଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ଥାନାରେ ଦୁଇ ଝିଅଙ୍କୁ ତାଙ୍କ ମାଆଙ୍କୁ ଜିମା ଦିଆଯାଇଛି। ପୋଲିସ ଏଏସଆଇଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ଗିରଫ କରାଯାଇ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦ୍ରାପଡ଼ା,୧୬।୮ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆ ବସଷ୍ଟାଣ୍ଡଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ପରେ ଦେଶାତ୍ମବୋଧକ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପରିଷଦ ଅଧକ୍ଷା ସରିତା ସାହୁ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, କର୍ମଚାରୀ ଓ ସମସ୍ତ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ।

## ଭୋଟ ଚୋରି ଅଭିଯୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା



କେନ୍ଦ୍ରାପଡ଼ା,୧୬।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଭୋଟ ଚୋର ଅଭିଯୋଗରେ ମଶାଲ ଶୋଭାଯାତ୍ରା କଜଳା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ତିନିମୁହାଣି ଛକଠାରେ ଶେଷ ହୋଇଥିଲା। ନିର୍ବାଚନ ଆୟୋଗ ପରି ଏକ ସମ୍ବିଧାନିକ ଅନୁଷ୍ଠାନକୁ ହାତବାରିଶି କରି ଏ ଦେଶର ଗଣତନ୍ତ୍ରକୁ ହତ୍ୟା କରାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ ଅଭିଯୋଗ କରିଥିଲେ। ବିଜେପି ସରକାର ଦିବାଲୋକରେ ଗଣତନ୍ତ୍ରର ଅପହରଣ କରିଛି ବୋଲି ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ମହାକାଳପଡା ନେତା ବିଜ୍ଞାଂଶୁ ଲେଙ୍କା, ପାଟକୁରା ନେତା ରତିକାନ୍ତ କାନୁନଗୋ, ରାଜନଗର ଯୁବ ନେତା ପ୍ରଶାନ୍ତ ରାଉତ, ହଳଧର ସେଠୀ, ପୂର୍ବତନ ଚେୟାରମ୍ୟାନ ଆକବର ଅଲ୍ଲୀ, ଫକୀର ଚରଣ ଖଟୁଆ, ଦଳିତ ନେତା ସର୍ବେଶ୍ୱର୍ ସେଠୀ, ନିରଞ୍ଜନ ରାଉତ, ଉମେଶ ତ୍ରିପାଠୀ, ସସ୍ମିତା ପଣ୍ଡା, ସ୍ମୃତିରଞ୍ଜନ ପାଢ଼ୀ, କିଶୋର ସାହୁ, ରବିନାରାୟଣ ବେହେରା, ଦର୍ପ ସାହୁ, ରଞ୍ଜିତ ସାହୁ, ଯୁବ ନେତା ଉମେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃଷ୍ଣବେଶ



ବାଲିକୁଦା,୧୬।୮ (ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃଷ୍ଣ ବେଶ ପ୍ରତିଯୋଗିତା ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସଭାପତି ରମେଶ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ, ମୁଖ୍ୟବକ୍ତା ଭାବେ ଉପସଭାପତି ଶ୍ରୀମତୀ ପ୍ରମିଳା ମୁଦୁଲି, ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ଶରତ ଲେଙ୍କା, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ବୈରାଗୀ ରାଉତ, ଭୁବନାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଭାରତୀୟ ହିନ୍ଦୁ ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କରେ କହିଥିଲେ। ସେ ଧର୍ମାନ୍ତରୀକରଣକୁ ଘୋର ନିନ୍ଦା କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସଙ୍କୁଳ ପ୍ରମୁଖ ଶିଶିର କାନୁନଗୋ ସ୍ୱାଗତ ଭାଷଣ, ପ୍ରଧାନଆଚାର୍ଯ୍ୟ ସସ୍ମିନ ସାହୁ ଅତିଥି ପରିଚୟ ପ୍ରଦାନ କରିଥଲେ। ଧନେଶ୍ୱର ଦାସ ସ୍ମୃତି କମିଟି ପକ୍ଷରୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ପୁଣ୍ୟ ପୁଷ୍ପିତାଙ୍କୁ ତହସିଲଦାର ସମ୍ବର୍ଦ୍ଧିତ କରିବା ସହ ଜ୍ଞାନ ବିଜ୍ଞାନ ମେଳା, ଭାଷଣ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ନିକୁଞ୍ଜ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ପ୍ରଚାର ପ୍ରସାର ପ୍ରମୁଖ ସୁଦାମ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୁରୁଜୀ ବିଜୟ ବେହେରା, ସୁବାସ ବିଶ୍ୱାଳ, ବିଜୟ ମୁଦୁଲି, ସଞ୍ଜୟ ମହାନ୍ତି, ଗୁରୁମା ମମତାରାଣୀ ପରିଜା ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ଡେରାବିଶ,୧୬।୮ (ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦରବୋଲ ଗ୍ରାମର ରତ୍ନାକର ସାମଲ (୬୬)ଙ୍କ ୨ ତାରିଖ ଦିନ ନରସିଂହପୁର ପଞ୍ଚାୟତର ତିଲଙ୍ଗ ନିକଟରେ ଦୁର୍ଘଟଣାରେ ମୃତ୍ୟୁଘଟିଥିଲା। ତାଙ୍କ ପରିବାରରେ ଥିବା ଛୋଟ ଛୋଟ ୫ ଝିଅ ଓ ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ରତ୍ନାକରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଶୁଦ୍ଧିକ୍ରିୟା କରିବା ନିମନ୍ତେ ଅକ୍ଷମ ହୋଇପଡ଼ିଥିଲେ। ବାପାଙ୍କ ମୃତ୍ୟୁ ପରେ ଅର୍ଥାଭାବରୁ ଝିଅମାନଙ୍କ ପାଠପଢ଼ାରେ ଡୋରି ବାନ୍ଧିବା ଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ଏ ଖବର ପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିର୍ଦ୍ଦେଶରେ ବାଲିଆ ସରପଞ୍ଚ ପ୍ରବୀର ସିଂ ଏହି ପରିବାର ନିକଟରେ ପହଞ୍ଚ ଶବ ବ୍ୟବଚ୍ଛେଦ ଓ ଶୁଦ୍ଧିକ୍ରିୟା ନିମନ୍ତେ ବ୍ୟବସ୍ଥା କରିଥିଲେ। ଗତକାଲି ବିଧାୟକ ଶ୍ରୀ ମହାପାତ୍ର ମୃତକ ରତ୍ନାକରଙ୍କ ଘରକୁ ଯାଇ ତାଙ୍କ ୫ ଝିଅ ଓ ବିଧବା ପତ୍ନୀଙ୍କୁ ସମବେଦନା ପ୍ରଦାନ କରିବା ସହ ସରକାରୀ ସ୍ତରରେ ସମସ୍ତ ସହାୟ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ବିଧାୟକ ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାଯାଇଛି। ବିଧାୟକଙ୍କ ସହିତ ବାଲିଆ ସରପଞ୍ଚ ଶ୍ରୀ ସିଂ, ମନୋରଞ୍ଜନ ଉପାଧ୍ୟାୟ, ବାଲିଆ ସମିତିସଭ୍ୟାଙ୍କ ପ୍ରତିନିଧି ସୁଜିତ ବଳ ପ୍ରମୁଖ ଉପସ୍ଥିତ ଥିଲେ।



## ହାଟପାଟଣାରେ ହରଗୌରୀ ପୂଜା ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୧୬।୮ (ସମିସ): ସ୍ଥାନୀୟ ହାଟପାଟଣା ଅଞ୍ଚଳରେ ଚଳିତ ବର୍ଷ ହରଗୌରୀ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ ୪୪ତମ ହରଗୌରୀ ପୂଜା ପାଇଁ ପ୍ରସ୍ତୁତି ଚାଲିଛି। ଜନ୍ମାଷ୍ଟମୀ ଅବସରରେ ହରଗୌରୀ ପୂଜା ପାଇଁ ନଦୀରୁ ମାଟି ଅଣାଯାଇ ପୂଜା କରାଯାଇଥିଲା। ଏହି ମୃତ୍ତିକା ପୂଜନ ଉତ୍ସବରେ ହାଟପାଟଣା ପୂଜା କମିଟି ସଭାପତି ଭୀମସେନ ଦାସ, ସମ୍ପାଦକ ବିଜୟ କବି, କୋଷାଧକ୍ଷ ବ୍ରହ୍ମାନନ୍ଦ ରାଉତ, ବିଜୟ ଦାସ, ବିଜୟ ରାଉତ, ପୁରୁଷୋତ୍ତମ ଦାସ ପ୍ରମୁଖ ପୂଜା କମିଟି ସଦସ୍ୟ ଯୋଗ ଦେଇଥିଲେ।

## ତେରଗାଁ ଲୁଣାନଦୀ ଫେରିଘାଟ ଘାଟିଆକୁ କାରଣଦର୍ଶାଅ ନୋଟିସ

ମହାକାଳପଡ଼ା, ୧୬।୮ (ସମିସ) ମହାକାଳପଡ଼ା ବ୍ଲକ ତେରଗାଁ ଲୁଣାନଦୀ ଫେରିଘାଟର ଘାଟିଆଙ୍କୁ ତେରଗାଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦୁଇଦିନ ପୂର୍ବେ ଘାଟିଆ ଜଣକ ଡଙ୍ଗାରେ ଯାତ୍ରୀଙ୍କୁ ନଦୀ ପାର କରୁଥିବା ସମୟରେ ମାତାଲ ଅବସ୍ଥାରେ ରହିଥିଲା। ସ୍ରୋତ ଭରା ଏହି ନଦୀ ମଝିରେ ଡଙ୍ଗା ଚାଲୁଥିବାବେଳେ ଘାଟିଆ ଜଣକ ଏପଟ ସେପଟ ଝୁଲି ପଡ଼ି ଯାତ୍ରୀଙ୍କ ଉପରେ ପଡିଥିଲେ। ନଦୀ ମଝିରେ ଡଙ୍ଗା ଥିବାରୁ ଯାତ୍ରୀ ଭୟଭୀତ ହୋଇଥିଲେ। କୂଳରେ ଡଙ୍ଗା ଲାଗିବା ପରେ ଯାତ୍ରୀ ଘାଟିଆଙ୍କ ଏତାଦୃଶ ଆଚରଣରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିଥିବାରୁ ସେମାନଙ୍କ ବାଇକ୍ ଓ ଯାତ୍ରୀଙ୍କୁ ଅଧଘଣ୍ଟା ପର୍ଯ୍ୟନ୍ତ ଡଙ୍ଗାରୁ ଓହ୍ଲାଇବାକୁ ସୁଯୋଗ ଦେଇ ନ ଥିଲେ। କିଛି ଯାତ୍ରୀ ଏ ନେଇ ତେରଗାଁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ଘାଟିଆ କାହା କଥା ଶୁଣି ନ ଥିଲା। ପ୍ରାୟ ଘଣ୍ଟାଏ ପରେ ଯାତ୍ରୀ ହୀନସ୍ତା ହୋଇ ଡଙ୍ଗାରୁ ଓହ୍ଲାଇଥିଲେ। ଏ ନେଇ ତେରଗାଁ ପଞ୍ଚାୟତ ପକ୍ଷରୁ ସମ୍ପୃକ୍ତ ଘଟିଆକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳ କହିଛନ୍ତି।

## ଅପରେସନ ସିନ୍ଦୁର ଆର୍ଟ ପ୍ରତିଯୋଗିତାରେ ଛାତ୍ରୀ ପୁରସ୍କୃତ



ରାଜନଗର,୧୬।୮ (ସମିସ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପବିତ୍ର ୭୯ତମ ସ୍ୱାଧୀନତା ଦିବସ ଅବସରରେ ଅପରେସନ ସିନ୍ଦୁରକୁ ନେଇ ଜିଲ୍ଲାସ୍ତରୀୟ ଆର୍ଟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଆର୍ଟ ପ୍ରତିଯୋଗିତାରେ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ଜ୍ୟୋତିମୟୀ ଲେଙ୍କାଙ୍କ ଦ୍ୱାରା କାନଭାସରେ ଆଙ୍କିଥିବା ପ୍ରତିଛବି ଶ୍ରେଷ୍ଠତ୍ୱ ଲାଭ କରିଥିଲା। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର ଆୟର ଜ୍ୟୋତିର୍ମୟୀଙ୍କ ଚିତ୍ରକୁ ପ୍ରଶଂସା କରିବା ସହ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ।

## ୧୭ ନଂ ଜୋନ୍‌ରେ ତ୍ରିରଙ୍ଗା ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୧୬।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୭ନଂ ଜିଲ୍ଲା ପରିଷଦ ଜୋନ ତଥା କଣ୍ଟାବଣ ମଣ୍ଡଳ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସ୍ୱାଗତ ଦାସଙ୍କ ନେତୃତ୍ୱରେ ଖଡିଅଣ୍ଟା ଶିବ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି କଖାରୁଣୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ବିଜେପି ନେତା ଆଡଭୋକେଟ ଭାରତ ଦାସ, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ସଭାପତି ଅନ୍ତର୍ଯାମୀ ମଲ୍ଲିକ, ଜିଲ୍ଲା ପ୍ରତିନିଧି ସଞ୍ଜୟ ସ୍ୱାଇଁ, ବରିଷ୍ଠ ନେତା ସୁଶାନ୍ତ ଦାସ, ପ୍ରିୟଙ୍କା ଶତପଥୀ, ପ୍ରାକ୍ତନ ସୈନିକ ପ୍ରଦୀପ ସାହୁ, ରାକେଶ ନାୟକ, ବିପିନ ନାୟକ, ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ସହ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ରତାଦିଆ ଖଣ୍ଡସାହି ରାଜସ୍ୱ ଅଫିସରେ ଉଡ଼ିଲାନି ଜାତୀୟ ପତାକା

ଡେରାବିଶ,୧୬।୮ (ସମିସ): ଡେରାବିଶ ତହସିଲ ଅଧୀନ ରତାଦିଆ ଖଣ୍ଡସାହି ରାଜସ୍ୱ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉଡ଼ାଯାଇ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ଅଞ୍ଚଳବାସୀଙ୍କ ପକ୍ଷରୁ ଡେରାବିଶ ତହସିଲଦାର, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି। ସାରାଦେଶରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଏପରିକି ବ୍ୟକ୍ତିବିଶେଷଙ୍କ ଘରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିବାବେଳେ ଏହି କାର୍ଯ୍ୟାଳୟର ଅଧିକାରୀ ପାଳନ ନ କରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ତୁଳସୀ କ୍ଷେତ୍ରରେ ଜନ୍ମାଷ୍ଟମୀ

କେନ୍ଦ୍ରାପଡ଼ା,୧୬।୮ (ସମିସ): ତୁଳସୀ କ୍ଷେତ୍ରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ତୁଳସୀ କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ରାତ୍ରଧୂପ ସମ୍ପନ୍ନ ପରେ ରତ୍ନ ସିଂହାସନରୁ ପୂଜାପଣ୍ଡାଙ୍କ ଦ୍ୱାରା ଆଜ୍ଞାମାଳ ଭୋଗ ମଣ୍ଡପକୁ ଅଣାଯାଇ ପୁରାଣ ପଣ୍ଡାଙ୍କୁ ଦିଆଯାଇ ପୁରାଣ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଜନ୍ମ ଇତିବୃତ୍ତି ଉପରେ ପାଠ କରାଯାଇଥିଲା। ବାଳଗୋପାଳଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ଜନ୍ମ ନୀତି, ଲାଭିଷ୍ଟର୍ଶ ସ୍ନାନ, ମଙ୍ଗଳାର୍ପଣ କରାଯିବା ପରେ ମାଖନ କ୍ଷୀର ମିଶ୍ରି ଲଡୁ ଭୋଗ ଅର୍ପଣ କରାଯାଇଥିଲା। ଭୋଗ ସମ୍ପନ୍ନ ପରେ ଆଳତି କରାଯାଇ ଅସ୍ଥାୟୀ ଝୁଲଣ କରାଯାଇ ବିଜେ କରାଯାଇଥିଲା। ପରେ ଗୋପାଳଙ୍କୁ ଯମୁନା ସ୍ନାନ କରାଯାଇ ରତ୍ନ ସିଂହାସନକୁ ବିଜେ କରାଯାଇଥିଲା।

## ବସନ୍ତପୁର ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଗରଦପୁର,୧୬।୮ (ସମିସ): ବସନ୍ତପୁର ଶ୍ରୀଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟ ପରିସରରେ ସମ୍ପାଦକ ସୁନୀଲ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ବସନ୍ତପୁର ଗ୍ରାମର କୁନି କୁନି ପିଲାଙ୍କ ସହିତ ଟ୍ରଷ୍ଟି ଡଃ ରୁଦ୍ର ମହାନ୍ତି, ଚଣ୍ଡୀପ୍ରସାଦ ମହାନ୍ତି, ସତ୍ୟଶେଖର ପରିଡ଼ା, ଅମିତାଭ ସାହୁ, ସ୍ୱରୂପ ମହାନ୍ତି, ସଂଯୁକ୍ତା ବିଶ୍ୱାଳ, ରାଜଦୀପ ମହାନ୍ତି, ରଣଜିତ ମହାନ୍ତି, କମଳଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଅଷ୍ଟଶମ୍ଭୁ ସଂସ୍କୃତ କଲେଜରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ

ରାଜନଗର,୧୬।୮ (ସମିସ): କୁରୁଣ୍ଡି ପଞ୍ଚାୟତସ୍ଥ ଚନ୍ଦ୍ରଶିଖରଠାରେ ଥିବା ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ତ୍ରିରଙ୍ଗା ଯାତ୍ରା ଓ ପତାକା ଉତ୍ତୋଳନ ମହାବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ ପାଲ, ସତୀଶ ମହାପାତ୍ର, ବୈକୁଣ୍ଠ ବଳ, ପ୍ରଫୁଲ୍ଲ ପ୍ରଧାନ, ରାଜକିଶୋର ପାଣି, ବିଶ୍ୱମ୍ଭର ତ୍ରିପାଠୀ ଓ ଅଧ୍ୟାପିକା ଭଗବତୀ ରାଉତ ଯୋଗଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ହର ଘର ତିରଙ୍ଗା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମ୍ୟାଜିକ୍ ଶୋ' ମାଧ୍ୟମରେ ଫସଲ ବୀମା ସଚେତନତା



ଜଗତସିଂହପୁର,୧୬।୮ (ସମିସ): ମ୍ୟାଜିକ ଶୋ' ମାଧ୍ୟମରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା କର୍ମଶାଳା ଜଗତସିଂହପୁର ଜିଲ୍ଲା ନାଉଗାଁ ବସ୍‌ଷ୍ଟାଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ରିଲିଆନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଯାଦୁକର ଶିବନାଥ ଯାଦୁକରୀ କଳା କୌଶଳ ମାଧ୍ୟମରେ ଫସଲ ବୀମାର ସୁବିଧା ସୁଯୋଗ ବିଷୟରେ ଚାଷୀଙ୍କୁ ସଚେତନ କରିଥିଲେ। ନାଉଗାଁ ବ୍ଲକ କୃଷି ଅଧିକାରିଣୀ ଯୁଗସ୍ମିତା ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥଲେ। ରିଲିଆନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀର କ୍ଲଷ୍ଟର ମୁଖ୍ୟ ମୃତ୍ୟୁଞ୍ଜୟ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀମାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଗତବର୍ଷ ଡିସେମ୍ବର ମାସର ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଜଗତସିଂହପୁର ଜିଲ୍ଲାରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୂଚନା ଦେଇଥିବା ୨୪ ହଜାର ଚାଷୀଙ୍କୁ ୪ କୋଟି ୧୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ନେଇ ସୂଚନା ଦେଇଥିଲେ। ଫସଲ ବୀମା ପଞ୍ଜୀକରଣର ଶେଷ ତାରିଖ ପୂର୍ବରୁ ଅଧିକ ସଂଖ୍ୟକ ଚାଷୀ ନିକଟସ୍ଥ ଜନସେବା କେନ୍ଦ୍ରରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ସଂଯୋଜକ ମୁର୍ଦ୍ଦୁଗୁଲ ଗଜବର୍ଯ୍ୟ, ରିସ୍କ ଟିମ ଜିଲ୍ଲା ସଂଯୋଜକ ନାଜିମ, କୃଷି କର୍ମଚାରୀ ବିଶ୍ୱଜିତ ପରିଡା, ମାମିନା ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ସଂଯୋଜକ ପ୍ରମୋଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍ ସଂଯୋଜକ ସୌମ୍ୟରଞ୍ଜନ ନିହାଣ, କବିପ୍ରସାଦ ନାୟକ, ଚନ୍ଦନ ମହାରଣା, ପ୍ରସନ୍ନ ବାରିକ, କନ୍ହେଇ ବେହେରା, ଅକ୍ଷୟ ଭୋଳ ପ୍ରମୁଖ ସହଯୋଗ କରିଥିଲେ।

## ଗୋଟିଏ ଦିନରେ ସଦର ଥାନା ଅଞ୍ଚଳରେ ୩ ଅପମୃତ୍ୟୁ ମାମଲା

ଜଗତସିଂହପୁର,୧୬।୮ (ସମିସ): ଜଗତସିଂହପୁର ସଦର ଥାନା ଅଞ୍ଚଳରେ ଆଜି ଗୋଟିଏ ଦିନରେ ୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସଦର ଥାନା ଅନ୍ତର୍ଗତ ପଳାଶୋଳ ଗ୍ରାମର ସଂଯୁକ୍ତା ସାହୁ ନାମକ ଜଣେ ମହିଳା କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇ ଦେଇଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଂଯୁକ୍ତାଙ୍କ ପୁତ୍ର ଚନ୍ଦନ ସାହୁ ଏତଲା ଦେବାପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ବାଲିକୁଦା ଥାନା ଅନ୍ତର୍ଗତ ନନ୍ଦରା ଗ୍ରାମର କୃଷ୍ଣଚନ୍ଦ୍ର ଗିରିଙ୍କ ପୁଅ ଝାଡ଼େଶ୍ୱର ଗିରି ସଦର ଥାନା ଅନ୍ତର୍ଗତ ପଟସରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଘର କରି ରହୁଥିଲେ। କୌଣସି କାରଣରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପିତା କୃଷ୍ଣଚନ୍ଦ୍ର ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ସଦର ଥାନା ଅନ୍ତର୍ଗତ ଏକବେରୁଆଁ ଗ୍ରାମର ସୁରେନ୍ଦ୍ର ସ୍ୱାଇଁଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ବଡ଼ଭାଇ ନିରଞ୍ଜନ ସ୍ୱାଇଁ ଥାନାରେ ଏତଲା ଦେବାପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ଡେରାବିଶ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
# ଡେରାବିଶକୁ ହରାଇ କ୍ରିଷ୍ଣାନନ୍ଦପୁର ଚାମ୍ପିଅନ୍

ଡେରାବିଶ,୧୬।୮ (ସମିସ)



ଡେରାବିଶ ବ୍ଲକ୍ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ମିନି ଷ୍ଟାଡ଼ିୟମରେ ଚାଲିଥିବା ଡେରାବିଶ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍ ଡେରାବିଶ ଫୁଟବଲ୍ ଟିମ୍ ଓ କ୍ରିଷ୍ଣାନନ୍ଦପୁରର ଥ୍ରିଷ୍ଟାର ଆଥଲେଟିକ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏହି ଚିତ୍ତାକର୍ଷକ ମ୍ୟାଚ୍‌ର ଶେଷାର୍ଦ୍ଧରେ କ୍ରିଷ୍ଣାନନ୍ଦପୁର ଟିମ୍ ଡେରାବିଶ ଟିମକୁ ୨-୧ ଗୋଲରେ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି।

ସତ୍ୟଜିତ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଅତିଥି ଭାବେ ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ବଜାର କମିଟି ସଭାପତି ସଞ୍ଜୟ ସାହୁ ଓ ସମାଜସେବୀ ଅନୁପ ରାଉତ ଯୋଗଦେଇ ଚାମ୍ପିଅନ୍ କ୍ରିଷ୍ଣାନନ୍ଦପୁର ଟିମ୍‌କୁ ଚାମ୍ପିଅନ୍ ଟ୍ରଫି ଓ ରନର୍ସଅପ୍ ଡେରାବିଶ ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ପ୍ରଶାନ୍ତ ପାଲ ଖେଳ ପରିଚାଳନା କରିଥିବାବେଳେ ଦିଲ୍ଲୀପ ସେନାପତି, ଜାନୀଲୟମ ଖାଁ ଲାଇନ୍‌ରେ ସହାୟତା କରିଥିଲେ। ଆୟୋଜକ କମିଟିର ଆଶିଷ ଦାସ, ଭବାନୀପ୍ରସାଦ ସିଂ, ପ୍ରକାଶ ଦୁବେ, ଦିଲ୍ଲୀପ ସେନାପତି, ବିଶ୍ୱଜିତ ନାୟକ, ଭାଗ୍ୟଧର ବାରିକ, ସତୀଶ ବେଦାନ୍ତ, ବିକାଶ କାଣ୍ଡି, କୃଷ୍ଣପ୍ରସାଦ ମଲିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଗାଁରୁ ସହର ସବୁଠି ଉଡ଼ିଲା ତ୍ରିରଙ୍ଗା
















**ଜଗତସିଂହପୁର, ୧୬।୮(ସମିସ):** ଜଗତସିଂହପୁର ଜିଲ୍ଲା ସଦର ମହକୁମାସ୍ଥ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବାଣୀକ୍ଷେତ୍ର ଜଗତସିଂହପୁର ମାଟିର ସୁଯୋଗ୍ୟ ସନ୍ତାନ ଭାଗୀରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ପ୍ରାଣକୃଷ୍ଣ ପଡ଼ିଆରୀ, ମା' ରମାଦେବୀ, ସରଳା ଦେବୀ, ନବକୃଷ୍ଣ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କୁ ନିଜର ଶ୍ରଦ୍ଧା ଅର୍ଘ୍ୟ ଅର୍ପଣ କରିଥିଲେ। ଅନୁସନ୍ଧିତ୍ସୁ ହୋଇ ତଥ୍ୟକୁ ବିଶ୍ଳେଷଣ କରିବା ସହ ପରମ୍ପରାଗତ ରୁଢ଼ୀବାଦୀ ଚିନ୍ତାଧାରାକୁ ନିଜର ଉନ୍ନତ, ସୃଜନଶୀଳ ପ୍ରଶ୍ନବାଚୀ ଦ୍ୱାରା ଏକ ପରିବର୍ତ୍ତନର ସ୍ୱର ଆଣିବାପାଇଁ ସେ ଯୁବଶକ୍ତିକୁ ପରାମର୍ଶ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀଶଙ୍କର ଉଦ୍‌ଗାତା ମୁଖ୍ୟଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ଆଣିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଧ୍ରୁତି ସୁନ୍ଦର ସ୍ୱାଇଁଙ୍କୁ ମୁଖ୍ୟଅତିଥି ପାଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ, ପୂର୍ଣ୍ଣଚନ୍ଦ୍ର ସ୍ମାରକ ମେଧାବୃତ୍ତି, ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ପୁରସ୍କାର ସ୍ୱରୂପ ନଗଦ ଅର୍ଥ, ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଜଣାଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପୂର୍ବାହ୍ନ ୮ଘ.୩୦ ମିନିଟ ସମୟରେ ମୁଖ୍ୟଅତିଥି ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେଡ୍ ପରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ଜିଲ୍ଲା କାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଏସଡିପିଓ ଅଜିଙ୍କା ମାଣେ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲାସ୍ତରୀୟ ଅଧିକାରୀ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା ପରେଡ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପରିଚାଳନା କରିଥିବାବେଳେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ସଂଯୋଜନା କରିଥିଲେ।

ଅନ୍ୟପକ୍ଷରେ ସହରର ସିପି ନିକଟରେ ଥିବା ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଡକ୍ଟର ସରୋଜ ଷଡ଼ଙ୍ଗୀ ଓ ଅନ୍ୟ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

ସେହିପରି ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଟାଉନ ହଲସ୍ଥ ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜବାହରଲାଲ ନେହେରୁ, ଲାଲବାହାଦୂର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଉତ୍କଳମଣି ଗୋପବନ୍ଧୁ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ସରଳା ଦେବୀ, ଭାଗୀରଥି ମହାପାତ୍ର, ପ୍ରାଣକୃଷ୍ଣ ପଢ଼ିହାରୀ, ମାଳତୀ ଦେବୀ, ରମା ଦେବୀ, ଜାତୀୟ କବି ବୀରକିଶୋର ଦାସ, ଲୋକନାଥ ରାୟ, ବ୍ରହ୍ମାନନ୍ଦ ଚୌଧୁରୀ, ଗୌରାଙ୍ଗ ଚରଣ ଦାସ, ଶଶୀଭୂଷଣ ଦାସ ଓ ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, କଂଗ୍ରେସ କର୍ମୀ ମାନସ ରଥ, ସତ୍ୟବ୍ରତ ଦାସ, ପ୍ରମୋଦ ସାହୁ, ବିଶ୍ୱଜିତ ପୋଥାଳ, ଆଶୀର୍ବାଦ ତ୍ରିପାଠୀ, ଡଃ ଜଗଦାନନ୍ଦ ବେହେରା, ଶରତ ମଲ୍ଲିକ, ହିଫଜୁଲ୍ ରହେମାନ, ଇମତିୟାଜ ଅହମ୍ମଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

ଜଗତସିଂହପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଉପସଭାପତି ସୌଭାଗ୍ୟ ମହାନ୍ତି, ପୌରା ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ, ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, କାଳୀକିଙ୍କର ମହାନ୍ତି, ତ୍ରୈଲୋକ୍ୟ ପଣ୍ଡା, ସୈନିକ ବିନୋଦ ବିହାରୀ ମହାନ୍ତି, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ରାଜନାରାୟଣ ସାହୁ, ସମୀର ନାୟକ, ଶ୍ରୀକାନ୍ତ ପଟ୍ଟନାୟକ, ଲିଙ୍ଗରାଜ ଲେଙ୍କା, ସମ୍ବିତ ଷଡ଼ଙ୍ଗୀ, ସବିତା ସ୍ୱାଇଁ ଯୋଗ ଦେଇଥିଲେ।

ବଡ଼ବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆଙ୍କ ପୌରୋହିତ୍ୟ ଓ ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱାଧୀନତା ଦିବସ ସଭାରେ ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଡଃ ଜ୍ୟୋତିର୍ମୟୀ ମହାନ୍ତି ଓ କୋଷାଧ୍ୟକ୍ଷ ସୋମନାଥ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଜନ୍ମାଷ୍ଟମୀ ଅବସରରେ ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶ ଧାରଣ କରି ନଗର ପରିକ୍ରମା କରିଥିଲେ।

**ବାଲିକୁଦା:** ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବାଲିକୁଦା ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ବାଲିକୁଦା ଥାନାରେ ଅଧିକାରୀ ସୁଶାନ୍ତ ସାହୁ, ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ହିମାଂଶୁ ସାହୁ, ବାଲିକୁଦା ତହସିଲ କାର୍ଯ୍ୟାଳୟ ଓ ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତହସିଲଦାର ବିକାଶ ରଞ୍ଜନ, ବାଲିକୁଦା ପଞ୍ଚାୟତ କାର୍ଯ୍ୟାଳୟ, ଜାଭିୟର ସ୍କୁଲ, ବାଲିକୁଦା ସରକାରୀ ବିଦ୍ୟାଳୟରେ ସରପଞ୍ଚ ରାଜକିଶୋର ସାହୁ, ଜଳସମ୍ପଦ କାର୍ଯ୍ୟାଳୟରେ ଯନ୍ତ୍ରୀ ସୁଚିସ୍ମିତା ଷଡ଼ଙ୍ଗୀ, ବଡଙ୍ଗା ପଞ୍ଚାୟତରେ ସରପଞ୍ଚ ଟୁନିଲତା ବେହେରା, ଅଗ୍ନିଶମ କାର୍ଯ୍ୟଳୟରେ ଅଧିକାରୀ ଅଲେଖ ସେଠୀ, ଜଗନ୍ନାଥ ଫିଲିଂ ଷ୍ଟେସନରେ ଅଧ୍ୟକ୍ଷ ଭାଗୀରଥି ସାହୁ, ଭାରତ ଫାଇନାନ୍ସ କମ୍ପାନୀରେ ମ୍ୟାନେଜର ପ୍ରଭାତ ନାୟକ ପତାକା ଉତ୍ତୋଳନ କରିଥିଲେ। କୋଷାଧ୍ୟକ୍ଷ ରାକେଶ ଦାସ, ମିଞ୍ଜନ ମଲ୍ଲିକ, ଅଶ୍ୱିନୀ ଜେନା, ଜ୍ଞାନରଞ୍ଜନ ମଲ୍ଲିକ, ଶ୍ରାବଣୀ ମହାପାତ୍ର, ଶୁଭମ୍ ମହାନ୍ତି, ସୌମ୍ୟରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ନାଗରିକ ସଙ୍ଘ କାର୍ଯ୍ୟାଳୟରେ ସଭାପତି ଶରତ କିଶୋର କାନୁନଗୋ, ବାଲିକୁଦା ପ୍ରେସ କ୍ଲବ୍‌ରେ ସଭପତି ମନୋଜ ଦାଶ, ବାଲିକୁଦା ମହାବିଦ୍ୟାଳୟରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାନ୍ତି, ବାଳିକା ମହାବିଦ୍ୟାଳୟରେ ଅଧ୍ୟକ୍ଷା ତନୁଜାବାଳା କାନୁନଗୋ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ରଘୁନାଥପୁର:** ରଘୁନାଥପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରଘୁନାଥପୁର ପଞ୍ଚାୟତ ସମିତିରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଜାତୀୟ ପତକା ଉତ୍ତୋଳନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ସହ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତହସିଲରେ ତହସିଲଦାର ରାଜଲକ୍ଷ୍ମୀ ନାୟକ, ମେଡିକାଲରେ ଡା ସୁକାନ୍ତ ଦଳାଇ, ପିଏନବିରେ ଅଧିକାରୀ ଧୈର୍ଯ୍ୟଧର ବେହେରା ପତକା ଉତ୍ତୋଳନ କରିଥିଲେ। ସେହିପରି ତାରପୁର ପଞ୍ଚାୟତରେ ସରପଞ୍ଚ ସୁଷମା ମଲ୍ଲିକ, ବରାଗୋଲରେ ଜୟନ୍ତୀ ଦାସ, ରେଢୁଆରେ କିଶୋର ବେହେରା, ଡଂଆରାରେ ବଟକୃଷ୍ଣ ନାୟକ, ଧରାଧରପୁରରେ ନଳିନୀପ୍ରଭା ମୁଦୁଲି, ଚିକଣିଆରେ ବିଷ୍ଣୁଚରଣ ସେଠୀ, ବିଦ୍ୟାଧରପୁରରେ ସରପଞ୍ଚ ସାହେଦା ତବସୁମ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତାରପୁର ସୋସାଇଟି ଓ ମା' ନାରାୟଣୀ ସୋସାଇଟ, ରେଢୁଆ ବିସି କଲେଜ, କୁର୍ତ୍ତାଙ୍ଗ ସ୍ୱାମୀ ଆରୂପାନନ୍ଦ କଲେଜ, ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ, କ୍ଲବ, ବଜାର କମିଟି ଓ ମହିଳା ସଂଗଠନ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା।

**ପାରାଦୀପ:** ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡ଼ିୟମରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବନ୍ଦରର ଅଗ୍ରଣୀ ସ୍ଥିତି ବଜାଇ ରଖିବାକୁ ସମସ୍ତଙ୍କୁ ନୂତନ ଶକ୍ତି ସହିତ ଏକାଠି କାମ କରିବାକୁ ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ପରେଡ ବିଜେତାଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଅପରାହ୍ନରେ ପାରାଦୀପ ବନ୍ଦର ଓ ଜଗତସିଂହପୁର ଫୁଟବଲ ଏକାଡେମୀ ମଧ୍ୟରେ ଏକ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଜୁ କନଭେନସନ ସେଣ୍ଟରରେ ସ୍କୁଲ ପିଲାଙ୍କ ମଧ୍ୟରେ ଆନ୍ତଃସ୍କୁଲ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଅନ୍ୟପକ୍ଷରେ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ନୂଆବଜାରସ୍ଥ ସଙ୍ଘ କାର୍ଯ୍ୟାଳୟ ରେ ୭୯ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଏଥିରେ ସଂଘର ସାଧାରଣ ସମ୍ପାଦକ ସମୀର କୁମାର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମ ରେ ବିଜେଡି ନେତା କୁମର ବର ନାୟକ, ଅନୁପ ସହାଣୀ, ଲପନ ପରିଡ଼ା, ଦୀପକ କୁମାର ସ୍ୱାଇଁ, ଅଶୋକ ସାହୁ, ରମାକାନ୍ତ ସ୍ୱାଇଁ ଙ୍କ ସମେତ କର୍ମଚାରୀ ତପନ ଦାସ, ନିର୍ମଳ ମହାପାତ୍ର, ଶିବ ବଳିଆରସିଂ, ବଟ କିଶୋର ସ୍ୱାଇଁ ଓ ସୁବ୍ରତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ମୁଖ୍ୟ ପ୍ରଦୀପ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏ ଅବସରରେ ଇଫକୋ ଡିଏଭି ସ୍କୁଲ ଓ ଜ୍ୟୋତି ଲେଡିଜ୍ କ୍ଲବ୍‌ର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଫ୍‌କୋ ପି ଆଣ୍ଡ ଏର ମହାପ୍ରବନ୍ଧକ ବିଜୟ ପରିଡ଼ା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ପାରାଦୀପ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ବରିଷ୍ଠ ଅଧିକାରୀ ପ୍ରବୋଧ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କମ୍ପାନୀର ସୁରକ୍ଷା ତଥା ଅନ୍ୟାନ୍ୟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

ପାରାଦୀପ ରିଫାଇନରୀରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକାରୀ ନିର୍ଦ୍ଦେଶକ କୌଶିକ ବସୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମସ୍ତ ପାରାଦୀପ ରିଫାଇନରୀ ପରିବାର ମିଳିତ ଭାବରେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଡିପିଏସ୍ ପାରାଦୀପ ରିଫାଇନାରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏ ଅବସରରେ ପାରାଦୀପ ରିଫାଇନାରୀ ନିକଟସ୍ଥ ଅନାଥାଶ୍ରମରେ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା।

ପିପିଏଲ ଡିଏଭି ସ୍କୁଲ୍‌ରେ ପିପିଏଲର ସିଜିଏମ (ଏଚଆର, ଆଇଆର) ସୁମିତ୍ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୀ ଓ ଓଡ଼ିଆରେ ଛାତ୍ରୀ କଳ୍ପନା ବାରିକ ଓ ଲକ୍ଷ୍ମୀପ୍ରିୟା ଜେନା ସ୍ୱାଧୀନତାର ତାତ୍ପର୍ଯ୍ୟ, ଲକ୍ଷ୍ୟ ଓ ଗୁରୁତ୍ୱ ବିଷୟରେ କହିଥିଲେ। ବରିଷ୍ଠ ଶିକ୍ଷକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଶାଶ୍ୱତ ଭାରତୀୟ, ଦିବ୍ୟେନ୍ଦୁ ଦାସ, ସତ୍ୟବ୍ରତ କାଠ, ଜୟଦେବ ଚକ୍ରବର୍ତ୍ତୀ, ପ୍ରେରଣା ଦାସ, ସୁଭାଷ ଦାସ, ତତ୍ତ୍ୱଦର୍ଶିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପାରାଦୀପଗଡ଼ ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବିଡିଓ ଦୀପକ ସ୍ୱାଇଁ ଯୋଗଦେଇ ରାଜ୍ୟ କରାଟେ ଚାମ୍ପିଅନସିପରେ ୩୫ଟି ସ୍ୱର୍ଣ୍ଣପଦକ ଜିତିଥିବା ପାରାଦୀପ କରାଟେ ଆସୋସିଏସନ୍‌ର ୩୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପଞ୍ଚାୟତ ମହିଳା ମହାସଂଘର ୧୩ ଜଣ ସିଆରପି, ଏମବିକେ ଓ ବ୍ୟାଙ୍କ୍ ମିତ୍ର ଓ ମାଟ୍ରିକ ପରୀକ୍ଷାରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୪ଟି ହାଇସ୍କୁଲର ୨୪ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଆଇନଜୀବୀ ସଞ୍ଜୟ ବେହେରା, ସମ୍ମାନିତ ଅତିଥି ଭାବେ ଏମବିକେ କଳ୍ପନା ମହାପାତ୍ର, ବିଷ୍ଣୁଚରଣ ସ୍ୱାଇଁ, ଗଗନ ବିହାରୀ ସ୍ୱାଇଁ ଯୋଗ ଦେଇଥିଲେ।

**ମଣିଜଙ୍ଗା:** ତିର୍ତ୍ତୋଲ ବ୍ଲକର ବିଭିନ୍ନ ସ୍କୁଲ, କଲେଜ ଓ ଅଫିସରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ମଣିଜଙ୍ଗା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଇଂ ପ୍ରତ୍ୟୁଷ ତରାଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ସବ୍‌ରେଜିଷ୍ଟ୍ରାର ଅଫିସରେ ଅମରେନ୍ଦ୍ର କୁମାର ପୃଷ୍ଟି ପତାକା ଉତ୍ତୋଳନ କରିଥିଲେ। ଜଡ଼ତିରା ପଞ୍ଚାୟତରେ ସରପଞ୍ଚ ଶିବପ୍ରସାଦ ସାହୁ, ତିର୍ତ୍ତୋଲ ସେବା ସମବାୟ ସମିତି କାର୍ଯ୍ୟାଳୟରେ ସଭାପତି ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସୁଶାନ୍ତ ସାହୁ, ମଣିଜଙ୍ଗା ପଞ୍ଚାୟତର ସରପଞ୍ଚ ଶଶୀଧର ମଲ୍ଲିକ, ତିର୍ତ୍ତୋଲ ଡିପାର୍ଟମେଣ୍ଟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯନ୍ତ୍ରୀ ଜିତେନ୍ଦ୍ର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ।

**ଏରସମା:** ସ୍ଥାନୀୟ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବିଚାରପତି ରୋଶନୀବାଳା ସେନାପତି ପତାକା ଉତ୍ତୋଳନ କରିଥିଲେ। ଏଥିରେ ଏରସମା ବାର୍ ଆସୋସିଏସନର ଭାରପ୍ରାପ୍ତ ସଭାପତି ପ୍ରଭାତ ବହିରା, ସମ୍ପାଦକ ମୁରଲୀଧର ମଲ୍ଲିକ, ପୂର୍ବତନ ସଭାପତି ପ୍ରତାପ ରାଉତ, ଶରତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାମୀ ବିବେକାନନ୍ଦ କ୍ଲବରେ ସଭାପତି ରଞ୍ଜନ ଜେନା ପତାକା ଉତ୍ତୋଳନ କରିଥିଲେ। ସୁଶାନ୍ତ ସ୍ୱାଇଁ, ନରେନ୍ଦ୍ର ନାୟକ, ଆଶିଷ ସ୍ୱାଇଁ, ପ୍ରଦୀପ ମହାନ୍ତି, ମୁନା ନାୟକ, କୁନାଲ ସ୍ୱାଇଁ ଉପସ୍ଥିତ ଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟରେ ଧିରେନ୍ଦ୍ର ଚୌଧୁରୀ ଓ ସାରଳା ଆଇଟିଆଇ ପରିସରରେ ଏରସମା ଓକିଲ ସଂଘର ପୂର୍ବତନ ସଭାପତି ଅକ୍ଷୟ ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ।

**ତିର୍ତ୍ତୋଲ:** ତିର୍ତ୍ତୋଲର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ବିରିତୋଳ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ପରିଚାଳନା ପରିଷଦ ସଭାପତି ଅଶ୍ୱିନୀ ଦାସ, ଅନନ୍ତ ଗାଦି ଗ୍ରାମ୍ୟ କମିଟି ପକ୍ଷରୁ ବାଇଁଗୋଲଠାରେ ଭ୍ରମରବର ମନ୍ତ୍ରୀ ପତାକା ଉତ୍ତୋଳନ କରିଥିଲେ। ଏ ଅବସରରେ ପୂର୍ବତନ ସଭାପତି ଶିବଚରଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରଳା ଦାସ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ମହାନ୍ତି, ବିରଜା ପ୍ରସନ୍ନ ପରିଜା, ଚିତ୍ତରଞ୍ଜନ ପରିଜା, ପ୍ରଭାତ ପରିଜା ପ୍ରମୁଖ ଯୋଗ ଦେଇଥିଲେ। କଡ଼ତିରା ପଞ୍ଚାୟତରେ ସରପଞ୍ଚ ଶିବପ୍ରସାଦ ସାହୁ, ବିରିତୋଳ ପଞ୍ଚାୟତରେ ସରପଞ୍ଚ ରମାମଣୀ ଦାସ, ତେନ୍ତୁଳିପଦା ପଞ୍ଚାୟତରେ ସରପଞ୍ଚ ସରୋଜିନୀ ପରିଜା ପତାକା ଉତ୍ତୋଳନ କରିଥିଲେ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ, ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

## ଭାରତୀୟ ତଟରକ୍ଷକ ପକ୍ଷରୁ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ

**ପାରାଦୀପ, ୧୬।୮ (ସମିସ):** ଭାରତୀୟ ତଟରକ୍ଷକ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ମତ୍ସ୍ୟଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ ସଂଗଠନ ସାମିଲ ହୋଇଥିଲେ। ସମୁଦ୍ର ତଟ, ପ୍ରମୁଖ ସ୍ଥାନ, ନିବାସୀୟ ଭବନରେ ଜାତୀୟ ପତାକା ପ୍ରଦର୍ଶନ, କାର୍ଯ୍ୟାଳୟ ଓ ନିବାସୀୟ ଭବନର ଆଲୋକସଜ୍ଜା, ତ୍ରିରଙ୍ଗା ଯାତ୍ରା, ପଦଯାତ୍ରା, ସାଇକଲ ରାଲି, ବାଇକ୍ ରାଲି ଓ ମତ୍ସ୍ୟଜୀବୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା। ପାରାଦୀପର ୨୫୦ ତଟ ରକ୍ଷକ କର୍ମଚାରୀ ଓ ସେମାନଙ୍କ ପରିବାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



## ପାରାଦୀପ ନଗର ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

**ପାରାଦୀପ, ୧୬।୮ (ସମିସ):** ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ଦୁଇଟି ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ୧୬ ନମ୍ବର ୱାର୍ଡ ନୂଆବଜାର ବିଜୁ ଜନତା ଦଳ କାର୍ଯ୍ୟାଳୟ ସମ୍ମୁଖରେ ବରିଷ୍ଠ ବିଜେଡି ନେତା କୁମରବର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀଙ୍କୁ ପ୍ରଣାମ ଜଣାଇଥିଲେ। ଏଥିରେ ପୌର ଉପାଧ୍ୟକ୍ଷା ଛବିଳତା ରାଉତ, ୧୬ ନମ୍ବର ୱାର୍ଡ କାଉନସିଲର ମନୋଜ ନାୟକ, ବିଜେଡି ନେତା ସୁଶୀଲ ମହାପାତ୍ର, ସମୀର ବିଶ୍ୱାଳ, ରଶ୍ମିରଞ୍ଜନ ପରିଡ଼ା, ମାନସ ବିଶ୍ୱାଳ, ଅନୁପ ସହାଣୀ, ଆଇନଜୀବୀ କୈଳାସ ସାହୁ, ପ୍ରଦୀପ ସାମଲ, ପ୍ରକାଶ ଲେଙ୍କା, ଅଶୋକ ସାହୁ, ରମାକାନ୍ତ ସ୍ୱାଇଁ, ଲପନ ପରିଡ଼ା, ନିର୍ମଳ ମହାପାତ୍ର, ଶିବ ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅଠରବାଙ୍କୀ ବିଜୁ ପଟ୍ଟନାୟକ ପାର୍କ ପରିସରରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଥମେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଦଳୀୟ କର୍ମୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଯୁବ ବିଜେଡି ନେତା ଆଲୋକ ମହାପାତ୍ର, ଶଙ୍କର ରାଉତ, ଅଜୟ ନାୟକ, ପାରିଷଦ ଅଜିତ ଷଡ଼ଙ୍ଗୀ, ପାରିଷଦ ସୁଶାନ୍ତ ଦାସ, ପାରିଷଦ ନବକିଶୋର ବେହେରା, ନାରୀନେତ୍ରୀ ଚପଳା ସ୍ୱାଇଁ, ନଳିନୀପ୍ରଭା ସାହୁ, ଭାରତୀ ସାମନ୍ତରାୟ, ରେଖା ପରିଜା, କବିତା ସାହୁ, ବନୀତା ରାଉତ, କମଳ ଦାସ, ସମୀର ସାହୁ, ପ୍ରତାପ ନାଥ, ବାଦଲ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୬୭.୬୫ ● ପାଉଣ୍ଡ ୧୧୮.୬୪
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୭,୯୬୩ (ନୂଆଦିଲ୍ଲୀ)
- ରୁପା : ୧,୧୬,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୫୯୭.୦୦
- ନିଫ୍ଟି ୨୪,୬୩୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଗ୍ରାହକଙ୍କୁ ଝଟ୍‌କା ଦେଲା ଦେଶର ବଡ଼ ବ୍ୟାଙ୍କ

# ଗୃହ ଋଣ ମହଙ୍ଗା କଲା ଏସ୍‌ବିଆଇ

**ସୁଧହାର ବଢ଼ାଇଲା ୨୫ ବେସିସ୍ ପଏଣ୍ଟ**

ମୁମ୍ବାଇ, ୧୬।୮ (ଏଜେନ୍ସି)

ଭାରତର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ ଏସ୍‌ବିଆଇ ଗ୍ରାହକଙ୍କୁ ବଡ଼ ଝଟ୍‌କା ଦେଇଛି। ଏହି ବ୍ୟାଙ୍କ ଗୃହ ଋଣର ସୁଧ ହାର ବଢ଼ାଇ ଦେଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୁଧ ହାର ୨୫ ବେସିସ ପଏଣ୍ଟ ବୃଦ୍ଧି କରିଛି। ପୂର୍ବରୁ ଯେଉଁ ସୁଧ ହାର ୭.୫ରୁ ୮.୪୫ ପ୍ରତିଶତ ଥିଲା ଏବେ ତାହା ୭.୫ରୁ ୮.୭୦ ପ୍ରତିଶତ ହୋଇଯାଇଛି। ଏହି ବ୍ୟାଙ୍କ ଉପର ବ୍ୟାଣ୍ଡରେ ସୁଧ ହାର ବୃଦ୍ଧି କରିବାକୁ ଘୋଷଣା କରିଛି। ଏହା ଦ୍ୱାରା ସାଧାରଣ ନାଗରିକଙ୍କ ପାଇଁ ଗୃହ ଋଣ ମହଙ୍ଗା ହୋଇଯିବ। ଘର କରିବା ମଧ୍ୟ ଅଧିକ କଠିନ ହେବ। ଏହି ନିଷ୍ପତ୍ତି ଦ୍ୱାରା କ୍ରେଡିଟ ସ୍କୋର କମ୍ ଥିବା ଲୋକେ ବେଶୀ ପ୍ରଭାବିତ ହେବେ। କାରଣ ବ୍ୟାଙ୍କଗୁଡ଼ିକ ଋଣ ହାରର ସର୍ବାଧିକ ସୀମାକୁ ବୃଦ୍ଧି କରିଦେଇଛନ୍ତି। ଆଗାମୀ ଦିନରେ ଅନ୍ୟ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟ ଏପରି ନିଷ୍ପତ୍ତି ନେଇପାରନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଥର ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିଥିବାବେଳେ ବ୍ୟାଙ୍କଗୁଡ଼ିକ ସୁଧ ହାର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବୈଠକକୁ ଛାଡ଼ି ଦେଲେ ତା ପୂର୍ବରୁ ଆର୍‌ବିଆଇ କ୍ରମାଗତ ଭାବେ ରେପୋ ରେଟ୍ ହ୍ରାସ କରିଛି।

ଜୁଲାଇ ଶେଷରେ ଏସ୍‌ବିଆଇର ଗୃହ ଋଣ ଉପରେ ସୁଧ ହାର ୭.୫ ରୁ ୮.୪୫ ପ୍ରତିଶତ ଥିଲା। ସେହିପରି ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ଜୁଲାଇ ଶେଷରେ ନିଜ ସୁଧ ହାର ବଢ଼ାଇ ୭.୩୫ରୁ ବଢ଼ାଇ ୭.୪୫ ପ୍ରତିଶତ କରି ଦେଇଥିଲା। ଅନ୍ୟପଟେ ଏଚ୍‌ଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କର ସୁଧ ହାର ଯଥାକ୍ରମେ ୭.୯୦ ପ୍ରତିଶତ, ୮ ପ୍ରତିଶତ ଏବଂ ୮. ୩୫ ପ୍ରତିଶତ ରହିଛି। ରିପୋର୍ଟ ଅନୁଯାୟୀ ଏସ୍‌ବିଆଇ ସିବିଲ ସ୍କୋର ଏବଂ ଏକ୍ସଟରନା ବେଞ୍ଚମାର୍କ ଲେଣ୍ଡିଂ ରେଟ (ଇବିଏଲଆର) ଆଧାରରେ ସୁଧ ହାରରେ ପରିବର୍ତ୍ତନ କରିଛି।

## ଆରମ୍ଭ ହେଲା ବର୍ଷିକିଆ ଫାସଟାଗ୍

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅଗଷ୍ଟ ୧୫ରୁ ସାରା ଦେଶରେ 'ବର୍ଷିକିଆ ଫାସ୍‌ଟାଗ୍ ପାସ୍'ସେବା ଆରମ୍ଭ ହୋଇଛି। ଏହି ପାସ୍‌ର ମୂଲ୍ୟ ୩ ହଜାର ଟଙ୍କା ରଖାଯାଇଛି। ଏହା ବର୍ଷେ ପର୍ଯ୍ୟନ୍ତ ବୈଧ ରହିବ। ବ୍ୟବହାରକାରୀ ଏହାକୁ ଦେଖାଇ ୨୦୦ ଥର ଟୋଲ୍ ଦେଇ ଯାତାୟତ କରିପାରିବେ। ଏହା ଦ୍ୱାରା ବ୍ୟବହାରକାରୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। କାରଣ ଏହି ପାସ୍ ମାଧ୍ୟମରେ ଗୋଟିଏ ଟୋଲ୍ ଅତିକ୍ରମ କରିବା ପାଇଁ ୧୫ ଟଙ୍କା ଲାଗିବ। ସାରା ଦେଶରେ ଏନ୍‌ଏଚ୍ ଗୁଡ଼ିକରେ ଭିଡ଼ କମ୍ ହେବ। ବାରମ୍ବାର ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବ ନାହିଁ। ରିଚାର୍ଜ ସମସ୍ୟାରୁ ମଧ୍ୟ ଆଶ୍ୱସ୍ତି ମିଳିବ। ବାରମ୍ବାର ଏନ୍‌ଏଚ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହି ପାସ୍ ବ୍ୟବସ୍ଥା ଉପଯୋଗୀ ହେବ। ଗତ ଜୁନ୍ ୧୮ ରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏହି ପାସ୍ ବ୍ୟବସ୍ଥାର ଘୋଷଣା କରିଥିଲେ। ଟୋଲ୍ କ୍ରସ କରିବାରେ ପ୍ରାୟ ୧୦ ହଜାର ଟଙ୍କା ବ୍ୟୟ ହେଉଥିବାବେଳେ ଏବେ ୩ ହଜାରରେ କାମ ହୋଇଯିବ ବୋଲି ସେ କହିଥିଲେ। ବର୍ଷିକିଆ ପାସ୍ ଦ୍ୱାରା ପ୍ରତି ଟୋଲ୍‌ରେ ପ୍ରାୟ ୩୫ ଟଙ୍କା ସଞ୍ଚୟ ହେବ। ବ୍ଲାକଲିଷ୍ଟ ହେବାର ଚିନ୍ତା ଦୂର ହେବ। ଲୋକେ ଡିଜିଟାଲ ପେମେଣ୍ଟକୁ ଅଧିକ ବ୍ୟବହାର କରିବେ। ଟୋଲ୍ କର୍ମଚାରୀ ଏବଂ ଡ୍ରାଇଭରଙ୍କ ମଧ୍ୟରେ ଝଗଡ଼ା ଶେଷ ହେବ। ୬୦ କିମି ମଧ୍ୟରେ ରହୁଥିବା ଲୋକଙ୍କ ସମସ୍ୟା ଦୂର ହେବ। ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ ପାଇବ।




### ଟାଫେର ମାସି ଡାଇନାଷ୍ଟାର ପ୍ରତିଯୋଗିତା

## ତୃଣମୂଳସ୍ତରର କୃଷି ଉଦ୍ଭାବନକୁ ସ୍ୱୀକୃତି

ହାଇଦରାବାଦ, ୧୬।୮ (ସମିସ): ଟାଫେ - ଟ୍ରାକ୍ଟର ଓ ଫାର୍ମ ଇକ୍ୟୁପମେଣ୍ଟ ଲିମିଟେଡ୍ ଏବଂ ମାସି ଫର୍ଗୁସନ ଟ୍ରାକ୍ଟରର ନିର୍ମାତା ଏହାର ମାସି ଡାଇନାଷ୍ଟାର ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣକୁ ସଫଳତାର ସହ ଶେଷ କରିଛନ୍ତି। ଏହି ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ମୌଳିକ, ଦକ୍ଷତାଏବଂ ସାମାଜିକ ଭାବରେ ପ୍ରଭାବଶାଳୀ ଚିନ୍ତାଧାରା ଆବିଷ୍କାରକୁ ପୁରସ୍କୃତ କରିବା ଲକ୍ଷ୍ୟ ରଖିଛି। ଏହି ସଂସ୍କରଣରେ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳରୁ ୧୬ ହଜାରରୁ ଅଧିକ ପ୍ରବେଶ ମିଳିଛି। ଏହି ଗୋଷ୍ଠୀରୁ ଆସାମ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ - ୭ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷି-ଛାତ୍ର ସାମିଲ ଥିଲେ।

କର୍ଣ୍ଣାଟକର ବେଲଗାମର ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ମହାନ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ ପ୍ରାୟ ୮.୨ ଲକ୍ଷ ମୂଲ୍ୟର ଏକ ସମ୍ପୂର୍ଣ୍ଣ ନୂତନ ଏମଏଫ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲା। ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏବଂ ପଟିଆଲାର ଅମ୍ରିତ ଜୋତ ସିଂହଙ୍କୁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ପାଇଁ ୮ ଗ୍ରାମ ସୁନା ମୁଦ୍ରା ପ୍ରଦାନ କରାଯାଇଥିଲା। ଆସାମ କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡକ୍ଟର ଜୟକୁମାର କାରୁପ୍ପୁସାମି ଜୁରି'ସ ଚଏସ୍ ପୁରସ୍କାରରେ ୫୦ ଗ୍ରାମ ରୂପା ମୁଦ୍ରା ଜିତିଥିଲେ।

## ସ୍ୱିଗିରେ ଖାଇବା ମଗାଇବା ମହଙ୍ଗା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅନ୍‌ଲାଇନ ଫୁଡ୍ ଡେଲିଭରି ପ୍ଲାଟଫର୍ମ ସ୍ୱିଗି ଖାଦ୍ୟ ମଗାଇବାକୁ ଅଧିକ ମହଙ୍ଗା କରିଦେଇଛି। କମ୍ପାନୀ ନିଜ ପ୍ଲାଟଫର୍ମ ଦେୟ ୧୭ ପ୍ରତିଶତ ଅର୍ଥାତ୍ ୨ ଟଙ୍କା ବୃଦ୍ଧି କରିଛି। ଏବେ ଖାଦ୍ୟ ମଗାଇଲେ ଥରକୁ ପ୍ଲାଟଫର୍ମ ଦେୟ ବାବଦକୁ ୧୪ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହି ଦର ୧୨ ଟଙ୍କା ଥିଲା। ପାର୍ବଣ ଋତୁରେ ଚାହିଦା ବୃଦ୍ଧି ପାଉଥିବାବେଳେ ଲାଭ ଏବଂ ଆର୍ଥିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ କମ୍ପାନୀ ଏହି ପଦକ୍ଷେପ ନେଇଛି। ସ୍ୱିଗି ପ୍ରଥମ ଥର ପାଇଁ ୨୦୨୩ ଏପ୍ରିଲରେ ପ୍ଲାଟଫର୍ମ ଦେୟ ଆରମ୍ଭ କରିଥିଲା। ନିଜର ଆର୍ଥିକ ସ୍ଥିତିକୁ ଅଧିକ ଭଲ କରିବା ପାଇଁ ଏପରି କରାଯାଇଥିଲା। ସେହି ଦିନଠାରୁ କମ୍ପାନୀ ଧିରେ ଧିରେ ଅନେକ ଥର ପ୍ଲାଟଫର୍ମ ଦେୟ ବଢ଼ାଇଲାଣି। କାରଣ ଏହା ଦ୍ୱାରା ଖାଦ୍ୟ ମଗାଇବା ଉପରେ କୌଣସି ପ୍ରଭାବ ପଡୁନାହିଁ। ଗ୍ରାହକଙ୍କ ଏହି ଧାରାରେ ପଡ଼ି ଯାଉଛନ୍ତି। ଦୁଇ ଚାରି ଟଙ୍କା ବୃଦ୍ଧି ଦ୍ୱାରା ଗ୍ରାହକଙ୍କୁ ମଧ୍ୟ କୌଣସି ପ୍ରଭାବ ପଡୁନି। ପ୍ରାରମ୍ଭରେ ଏହି ଦେୟ ମାତ୍ର ୨ ଟଙ୍କା ଥିଲା। ସେହିପରି ଗତ ବର୍ଷ ନୂଆ ବର୍ଷରେ ଏହି ଦେୟ ୧୨ ଟଙ୍କା କରିଦିଆଯାଇଥିଲା।

### ଜିଏସ୍‌ଟି ହାର ବଦଳିବ

# କ୍ଷୀର, ଦହି, ପେନ୍‌ସିଲ ଆଦି ହେବ ଶସ୍ତା!

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି)

ସାରା ଦେଶରୁ ଟିକସ ବୋଝ କମ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ 'ନେକ୍ସଟ ଜେନେରେସନ ଜିଏସ୍‌ଟି ରିଫର୍ମ' ଘୋଷଣା କରିଛନ୍ତି। ଏହି ଜିଏସ୍‌ଟି ସଂସ୍କାର ଆସନ୍ତା ଦିପାବଳୀରୁ ଲାଗୁ ହେବ ବୋଲି ସେ ସଙ୍କେତ ଦେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ଟିକସ ହ୍ରାସ କରାଯିବ। ଦୈନନ୍ଦିନ ସାମଗ୍ରୀ ଶସ୍ତା ହୋଇପାରେ ବୋଲି କହିଥିଲେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବରେ ଆସୁଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତ କରାଯାଇପାରେ। ୨୮ ପ୍ରତିଶତ ବର୍ଗରେ ଥିବା ସାମଗ୍ରୀ ୧୮ ପ୍ରତିଶତକୁ ହ୍ରାସ ପାଇପାରେ। ପୂର୍ବରୁ ଟୁଥପେଷ୍ଟ, ବାସନକୁସନ, ପୋଷାକ, ଜୋତା ଭଳି ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ ବୋଲି କୁହାଯାଉଥିଲା। କାରଣ ସରକାର ମଧ୍ୟବର୍ତ୍ତି, ନିମ୍ନ ଆୟକାରୀ ପରିବାରକୁ ଜିଏସ୍‌ଟିରେ ଆଶ୍ୱସ୍ତି ଦେବାକୁ ପ୍ରସ୍ତୁତି କରୁଛନ୍ତି।

ରିପୋର୍ଟ ଅନୁଯାୟୀ ସରକାର ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବ ସମ୍ପୂର୍ଣ୍ଣ ଉଚ୍ଛେଦ କରିବେ କିମ୍ବା ବର୍ତ୍ତମାନର ୧୨ ପ୍ରତିଶତ ଟିକସ ଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତକୁ ଆଣିପାରନ୍ତି। ଏହି ପରିବର୍ତ୍ତନରେ ମଧ୍ୟବିତ୍ତ, ଆର୍ଥିକ ଦୁର୍ବଳ ଶ୍ରେଣୀରେ ଲୋକ ବ୍ୟବହାର କରୁଥିବା ସାମଗ୍ରୀ ସାମିଲ ହେବ। ଏବେ ଜିଏସ୍‌ଟି ଚାରୋଟି ସ୍ଲାବ୍‌ରେ ରହିଛି। ଏଥିରେ ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ ଏବଂ ୨୮ ପ୍ରତିଶତ ସାମିଲ ରହିଛି। ତେବେ ତମାଖୁ, ସିଗାରେଟ ଏବଂ ବିୟର ଭଳି ତମାଖୁ ଉତ୍ପାଦ ପାଇଁ




ଅତିରିକ୍ତ ୪୦ ପ୍ରତିଶତ ଜିଏସ୍‌ଟି ସ୍ଲାବ ରହିବ। ବିଶେଷଜ୍ଞଙ୍କ ଅନୁଯାୟୀ ଜିଏସ୍‌ଟିରେ ସଂସ୍କାର ଦ୍ୱାରା ଦୈନନ୍ଦିନର ସାମଗ୍ରୀଠାରୁ ନେଇ ଔଷଧ, ଟିଭି ଏବଂ ୱାସିଂ ମେସିନ ଆଦି ଶସ୍ତା ହେବ। କୃଷି ଉପକରଣ, ସାଇକେଲ, ବୀମା, ଶିକ୍ଷା, କ୍ଷୀର, ଦହି, ପେନ୍‌ସିଲ ଆଦି ଶସ୍ତା ହେବ। ଏହା ଦ୍ୱାରା ପରିବାର ଏବଂ ଚାଷୀଙ୍କୁ ସିଧା ଲାଭ ମିଳିବ। ଅର୍ଥ ବ୍ୟବସ୍ଥା ବଢ଼ିବ। ଜିଏସ୍‌ଟି ସ୍ଲାବ୍‌କୁ ହ୍ରାସ କରି ୫, ୧୮ ଏବଂ ୪୦ ପ୍ରତିଶତ କରାଯାଇପାରେ। ୧୨ ପ୍ରତିଶତରେ ଥିବା ପ୍ରାୟ ୯୯ ପ୍ରତିଶତ ସାମଗ୍ରୀକୁ ୫ ପ୍ରତିଶତ ସ୍ଲାବକୁ ଅଣାଯିବ। ଏହି ସାମଗ୍ରୀ ମଧ୍ୟରେ କ୍ଷୀର, ଦହି, ଖଟାମିଠା, ପାସ୍ତା, ଭୁଜିଆ, ଜାମ, ଟୁଥ୍ ପାଉଡର, କ୍ଷୀର ବୋତଲ, ଛତା, ସାଇକେଲ, ଆସବାବପତ୍ର, ପେନ୍‌ସିଲ, କପା, ହ୍ୟାଣ୍ଡବ୍ୟାଗ ଏବଂ ହଜାରେ ଟଙ୍କାରୁ କମ୍ ଦାମର ଜୋତା ସାମିଲ ରହିଛି। ଏ ସବୁର ଜିଏସ୍‌ଟି ହାର ହ୍ରାସ ପାଇ ୫ ପ୍ରତିଶତ କରାଯାଇପାରେ।

## ଟ୍ରମ୍ପ-ପୁତିନଙ୍କ ବୈଠକ ପରେ ୧୦୦ ଦେଶକୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆଲାସ୍କାରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ କୌଣସି ଚୁକ୍ତି ହୋଇପାରି ନାହିଁ। କିନ୍ତୁ ଏହି ବୈଠକ ବିଶ୍ୱର ଶହେ ଦେଶକୁ ଆଶ୍ୱସ୍ତି ଦେଇଛି। ଏହି ଦୁଇ ନେତାଙ୍କ ଆଲୋଚନା ପରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ଦୁଇ ପ୍ରତିଶତ ହ୍ରାସ ପାଇଛି। ସୂଚନା ଅନୁଯାୟୀ ବିଶ୍ୱର ପ୍ରାୟ ୯୮ଟି ଦେଶ ଅଶୋଧିତ ତୈଳ ଉତ୍ପାଦନ କରୁଛନ୍ତି। ଏହି ତୈଳ ଅନ୍ୟ ଶହେ ରାଷ୍ଟ୍ରଙ୍କୁ ରପ୍ତାନୀ କରନ୍ତି। ଅଶୋଧିତ ତୈଳ ଦର ହ୍ରାସ ପାଇବା ଯୋଗୁଁ ତୈଳ ଆମଦାନୀକାରୀ ଦେଶମାନଙ୍କ ଉପରେ ଚାପ କମ୍ ରହିଛି। ଅଗଷ୍ଟ ମାସରେ ଉପସାଗରୀୟ ଏବଂ ଆମେରିକୀୟ ତୈଳ ୯ ପ୍ରତିଶତରୁ ଅଧିକ ଶସ୍ତା ହୋଇଛି।

ଟ୍ରମ୍ପ ଏବଂ ପୁତିନଙ୍କ ବୈଠକ ଦ୍ୱାରା ପରବର୍ତ୍ତୀ ବାର୍ତ୍ତାର ଦ୍ୱାର ଖୋଲି ଯାଇଛି। ମସ୍କୋରେ ଏହି ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରଭାବ ଅଶୋଧିତ ତୈଳ ଦର ଉପରେ ପଡିଛି। ଅନ୍ତର୍ଜାତୀୟ ବଜାରରେ ଏହି ଦର ହ୍ରାସ ପାଇଛି। ଆମେରିକା କ୍ରୁଡ ଅଏଲ ତଥା ଡବ୍ଲୁଟିଆଇ ମୂଲ୍ୟ ପ୍ରାୟ ୨ ପ୍ରତିଶତ ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ ଏହା ୧.୮୦ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପିଛା ୬୨.୮୦ ପ୍ରତିଶତ ରହିଛି। ଚଳିତ ମାସରେ ଆମେରିକା ଅଶୋଧିତ ତୈଳ ପ୍ରାୟ ୯.୩୨ ପ୍ରତିଶତ ଅର୍ଥାତ ୬.୪୬ ଡଲାର କମିଲାଣି। ଏହା ଦ୍ୱାରା ଅନେକ ଦେଶକୁ ଲାଭ ମିଳିଛି। ସେହିପରି ଉପସାଗରୀୟ ଦେଶଗୁଡ଼ିକର ତୈଳ ମୂଲ୍ୟ ମଧ୍ୟ ଦେଢ଼ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଲାଣି। ଶୁକ୍ରବାର ବ୍ରେଣ୍ଟ କ୍ରୁଡ ଅଏଲ ବ୍ୟାରେଲ ପିଛା ୧.୪୮ ପ୍ରତିଶତ ହ୍ରାସ ପାଇ ୬୫.୮୫ ଡଲାର ରହିଛି। ଚଳିତ ମାସରେ ଏହା ୬.୬୮ ଡଲାର ତଥା ୯.୨୧ ପ୍ରତିଶତ ହ୍ରାସ ପାଇଲାଣି।

## ରାଜ୍ୟ ଖବର




ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଲିସ ପଦକ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ

## ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ

**ଖବର ଶୁଣି ବିଷ ପିଇଦେଲେ ସ୍ତ୍ରୀ**

ନିଆଳି, ୧୬।୮ (ସମିସ): ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ଖବର ପାଇ ସ୍ତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ନିଆଳି ବ୍ଲକ୍ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ଏକବେରୁଆଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ସୁରେନ୍ଦ୍ର ସ୍ୱାଇଁ (୭୦)। ଗୁରୁତର ସ୍ତ୍ରୀ ଲତିକା ଏବେ ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଶନିବାର ଭୋର୍‌ରେ ସୁରେନ୍ଦ୍ର ଘର ପାଖ ପରିବା କିଆରିରେ ବାଇଗଣ ତୋଳୁଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ





ତାଙ୍କୁ ଜଗତସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣିବା ପରେ ସ୍ତ୍ରୀ ଲତିକା ମାନସିକ ଭାରସାମ୍ୟ ହରାଇ ବସିଥିଲେ। ନିଜକୁ ଏକ ଘର ଭିତରେ ବନ୍ଦ କରି କୀଟନାଶକ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଛି।

ସୁରେନ୍ଦ୍ରଙ୍କ ତିନିଝିଅ ବିବାହିତ। ଏକମାତ୍ର ୨୫ ବର୍ଷର ପୁଅ ଦିବ୍ୟାଙ୍ଗ। ଏପରି ଖବର ପାଇ ୩ଝିଅ ପହଞ୍ଚିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

ପୁରୀ, ୧୬।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଚଢୁଥିଲେ ଜଣେ ଭକ୍ତ। ବେହେରଣ ଦ୍ୱାର ଦେଇ ଉପରକୁ ଉଠୁଥିବାବେଳେ ଜେଟିପି ତାଙ୍କୁ ଦେଖିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ ତଳକୁ ଅଣାଯାଇଥିଲା। ପରେ ତାଙ୍କୁ ସିଂହଦ୍ୱାର ଥାନା ନିଆଯାଇଥିଲା। ସେଠାରେ ପଚରାଉଚରା କରିଥିଲା ପୁଲିସ। ସମ୍ପୃକ୍ତ ବ୍ୟକ୍ତି ଝାଡ଼ଖଣ୍ଡ ରାଞ୍ଚିର ପଞ୍ଚମ ମହାତୋ ବୋଲି ଜଣାପଡ଼ିଛି। ତେବେ ସେ କାହିଁକି ଚଢୁଥିଲେ, ସେମିତି କିଛି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ପୁଲିସ ପଚରାଉଚରା କରିବା ପରେ ତାଙ୍କୁ ଛାଡ଼ିଦେଇଛି।



**ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ**

ଶନିବାର ଥିଲା ନନ୍ଦୋତ୍ସବ। ଏଥିପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତି ବେହେରଣ ଦ୍ୱାର ପଟରୁ ପ୍ରାୟ ୫ରୁ ୭ ଫୁଟ୍ ଚଢ଼ିଯାଇଥିବା ବେଳେ ଜେଟିପି (ଜଗନ୍ନାଥ ଟେମ୍ପୁଲ ପୁଲିସ) ହାତରେ ଧରାପଡ଼ିଲେ। ଏହାପରେ ତାଙ୍କୁ ସିଂହଦ୍ୱାର ଥାନାରେ ପଚରାଉଚରା କରିଥିଲା। କେଉଁ ପରିସ୍ଥିତିରେ ଏବଂ କାହିଁକି ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ତାଙ୍କୁ ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ତେବେ ସେ ଏକୁଟିଆ ଦର୍ଶନ ପାଇଁ ଆସିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ମନ୍ଦିର ଉପରକୁ ଚଢୁଥିବା ବେଳେ ତାଙ୍କୁ ସୁରକ୍ଷା କର୍ମୀ ଦେଖି ତଳକୁ ଆଣିଥିଲେ। ସେମିତି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ତାଙ୍କର ନ ଥିଲା। ଜେରା ପରେ ତାଙ୍କୁ ଛାଡ଼ି ଦିଆଯାଇଛି ବୋଲି ସିଟି ଡିଏସ୍‌ପି ସୂଚନା ଦେଇଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା ପାଇଁ ମାଳମାଳ ସୁରକ୍ଷାକର୍ମୀଙ୍କ ସହ ସିସିଟିଭି ମଧ୍ୟ ଲାଗିଛି। ଏହା ସତ୍ତ୍ୱେ ଜଣେ ବ୍ୟକ୍ତି କେମିତି ଓ କେଉଁ ପରିସ୍ଥିତିରେ ମନ୍ଦିର ଉପରକୁ ଚଢ଼ିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି। ଯଦି ଉକ୍ତ ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥାନ୍ତା, କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ ଉଠୁଛି। ଏହା ଅତି ଅଭାବନୀୟ ଘଟଣା। ପୁଲିସ ଓ ପ୍ରଶାସନ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆହୁରି ସମ୍ବେଦନଶୀଳ ହେବା ଉଚିତ ବୋଲି କହିଛନ୍ତି ଶ୍ରଦ୍ଧାଳୁ।

ସୂଚନାଥାଉ କି, ପୂର୍ବରୁ ମଧ୍ୟ ଏମିତି ଏକାଧିକ ଘଟଣା ନଜିର ରହିଛି। ଗତବର୍ଷ ସେପ୍ଟେମ୍ବର ୧୧ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ବଳରାମ ମହାରଣା ନାମକ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଦଧିନଉତିକୁ ଚଢ଼ିଯାଇଥିଲେ। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୁଲିସ କହିଥିଲା। ସେହିପରି ୨୦୨୨ ଏପ୍ରିଲ ୧ ତାରିଖରେ ଶ୍ରୀମନ୍ଦିରରେ ଘଟିଥିଲା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ସିଂହଦ୍ୱାର ଗୁମୁଟ ଉପରୁ ତଳକୁ ଡେଇଁ ଜୀବନ ହାରିଥିଲେ ନିମାପଡ଼ା ଗଡ଼ଇଟାପୋଖରୀର ବଳରାମ ରାଉତ ନାମକ ଜଣେ କିନ୍ନର। ୨୦୧୯ ଏପ୍ରିଲ ୨୦ତାରିଖରେ ନୀଳଚକ୍ରରେ ଚଢ଼ି ଗାମୁଛା ବାନ୍ଧିଥିଲେ ଜଣେ ବାଳକ। ଏପରିକି ସେ ମହାପ୍ରଭୁଙ୍କ ବାନା ମଧ୍ୟ ଖୋଲି ନେଇ ଆସିଥିଲେ। ଏମିତି କିଛି ଘଟଣା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଥିବା ବେଳେ ଶନିବାର ପୁଣି ଏହାର ପୁନରାବୃତ୍ତି ହୋଇଛି।



# ମହିଳା ଟ୍ରାଭେଲ୍ ଭ୍ଲଗର

ଆଜିର ମହିଳା ସବୁ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ, କଳା ଓ ଖେଳ ଆଦିରେ ସେମାନେ ନିଜକୁ ସମୃଦ୍ଧ କରିଛନ୍ତି । ସେହିପରି କିଛି ମହିଳା ଟ୍ରାଭେଲ ଭ୍ଲଗ୍ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି । ଭ୍ରମଣ କରିବା କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣ କରିଛନ୍ତି । ଅଦମ୍ୟ ସାହସ, ଦୃଢ଼ ମନୋବଳ ପାଇଁ ସେମାନେ ବିଶ୍ୱର ବିଭିନ୍ନ ସ୍ଥାନକୁ ଭ୍ରମଣ କରିବାରେ ସଫଳ ହୋଇଛନ୍ତି । ଯେଉଁଠି ମହିଳାଙ୍କ ଏକାକୀ ଯାତ୍ରାକୁ ଅସୁରକ୍ଷିତ ମନାଯାଏ, ସେହି ରଢ଼ିବାଦୀ ଚିନ୍ତାଧାରାରୁ ବାହାରି ସେମାନେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ସେହିପରି ପ୍ରସିଦ୍ଧି ଲାଭ କରିଥିବା କେତେକ ଭାରତୀୟ ମହିଳା ଟ୍ରାଭେଲ୍ ଭ୍ଲଗରଙ୍କୁ ନେଇ ଏହି ଉପସ୍ଥାପନା ।



### ତାନ୍ୟା ଖନିଜୋ

ତାନ୍ୟା ଖନିଜୋ ଜଣେ ପ୍ରସିଦ୍ଧ ଭାରତୀୟ ଟ୍ରାଭେଲ ଭ୍ଲଗର, ୟୁଟ୍ୟୁବର୍ ତଥା ଇନ୍‌ଫ୍ଲୁଏନ୍ସର ଭାବେ ପରିଚିତ । ସେ ଦେଶ, ବିଦେଶ ବିଭିନ୍ନ ସ୍ଥାନକୁ ଭ୍ରମଣ କରି ତାହାର ଅନୁଭୂତି ସାଉଁଟିବା ସହ ତାକୁ ନେଇ ବୃତ୍ତଚିତ୍ର ପ୍ରସ୍ତୁତ କରନ୍ତି । ହରିୟାଣାରେ ରହୁଥିବା ଏହି ଯୁବତୀଙ୍କର ଅଜଣା ଜିନିଷ, ସ୍ଥାନ ଓ ଲୋକଙ୍କ ବିଷୟରେ ଜାଣିବାରେ ବେଶ୍ ରୁଚି ରହିଛି । ଏଥିପାଇଁ ସେ କର୍ପୋରେଟ୍ ଚାକିରି ଛାଡ଼ି ଭ୍ରମଣ ଦିଗରେ ଆଗେଇଥିଲେ । ସେ ୨୦୧୨ ମସିହାରେ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥଲେ । ସେ ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରାକୁ ୟୁଟ୍ୟୁବରେ ଭିଡିଓ କରି ଲୋକମାନଙ୍କୁ ଦେଖାଇଥାନ୍ତି । ଏଥିସହ ଲୋକମାନଙ୍କୁ ବିଦେଶ ଯାତ୍ରା କରିବାର ସମ୍ପୂର୍ଣ୍ଣ ବିବରଣୀ ଦେଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ଲକ୍ଷ ଲକ୍ଷ ସବ୍‌ସ୍କ୍ରାଇବର ରହିଛନ୍ତି । ସେ ଏକାକୀ ମହିଳା ଭାବେ ଆଫ୍ରିକା, ଆମେରିକା, ମାଳଦ୍ୱୀପ, ଆଣ୍ଡମାନ, କେରଳ, ହିମାଚଳ ପ୍ରଦେଶ, ନେପାଳ ଏଭେରେଷ୍ଟ ବେସ୍ କ୍ୟାମ୍ପ ଆଦି ସ୍ଥାନକୁ ଭ୍ରମଣ କରିଛନ୍ତି । ସେ ନିଜ ଟ୍ରାଭେଲ ଭ୍ଲଗ୍ ମାଧ୍ୟମରେ, ବିଭିନ୍ନ ସ୍ଥାନର ବିଶେଷତା ଯଥା- ଖାଦ୍ୟପେୟ, ଜଳବାୟୁ ବାବଦରେ ଜଣାଇଥାନ୍ତି ।



### କ୍ରୀତିକା ଗୋଏଲ୍

ସେହିପରି ଆଉ ଜଣେ ସଫଳ ଟ୍ରାଭେଲ୍ ଭ୍ଲଗର ହେଲେ କ୍ରୀତିକା ଗୋଏଲ । ସେ କର୍ପୋରେଟ୍ କର୍ମଚାରୀ ହେବା ସହ ଜଣେ ଟ୍ରାଭେଲ୍ ଭ୍ଲଗର ଭାବେ ପରିଚିତ । ସେ ବିଭିନ୍ନ ସ୍ଥାନ ବୁଲି ତାହା ବିଷୟରେ ଜାଣିବାକୁ ରୁଚି ରଖନ୍ତି । ୨୦୧୭ ରେ ସେ ନିଜର ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । ସେ ୟୁଟ୍ୟୁବ୍ ଭ୍ଲଗ୍ ମାଧ୍ୟମରେ ବିଭିନ୍ନ ପର୍ଯଟନ ସ୍ଥଳୀର ବିବରଣୀ ସମେତ ଲୋକଙ୍କ ଜୀବନ ଶୈଳୀ, ଫେଶନ ବିଷୟରେ ମଧ୍ୟ ବାର୍ତ୍ତା ଦେଇଥାନ୍ତି । ପାଞ୍ଚ ବର୍ଷରେ ଚାରି ଲକ୍ଷ ସବ୍‌ସ୍କ୍ରାଇବର ହାସଲ କରିଥିବା କ୍ରୀତିକା ସ୍ୱିଜରଲ୍ୟାଣ୍ଡ, ଆମେରିକା, ଆଦି ସ୍ଥାନକୁ ଯାତ୍ରା କରିଛନ୍ତି । ସେ ବିଭିନ୍ନ ସ୍ଥାନ ଯାତ୍ରା କରି ଖୁବ୍ ରୋମାଞ୍ଚକର ଅନୁଭୂତି ନେଇଛନ୍ତି, ଯାହା ତାଙ୍କୁ ଏକ ନୂଆ ଜୀବନ ବଞ୍ଚିବାର ମାର୍ଗ ଦର୍ଶାଇଛି ବୋଲି ସେ କୁହନ୍ତି ।



### ପ୍ରିୟଙ୍କା ଚନ୍ଦୋଲା

ପ୍ରିୟଙ୍କା ଚନ୍ଦୋଲା ଜଣେ, ଦେଶୀ ଗର୍ଲ ଟ୍ରାଭେଲର ଭାବେ ପରିଚିତ । ସେ ୨୦୧୮ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । କମ୍ ଟଙ୍କାରେ ପର୍ଯ୍ୟଟକମାନେ କିପରି ବିଭିନ୍ନ ସ୍ଥାନ ବୁଲିପାରିବେ, ସେ ବିଷୟରେ ୟୁଟ୍ୟୁବ୍ ଭିଡିଓ କରି ଦେଖାଇଥାନ୍ତି । ସେହିପରି ସେ ଜଣେ ବଜେଟ୍ ଫ୍ରେଣ୍ଡଲୀ ଟ୍ରାଭେଲ୍ ଭ୍ଲଗର ଭାବେ ଜଣାଯାଆନ୍ତି । ସେ ଭାରତର ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରା ସମେତ କିଛି ଜଣା ଅଜଣା କଥା ଜଣାଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି । ସେହିପରି ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଂଶସକ ରହିଛନ୍ତି ।

# ପାରମ୍ପରିକ ଶାଢ଼ିରେ ଆଧୁନିକ ସ୍ପର୍ଶ



ସାଧାରଣତଃ ଶାଢ଼ି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ମହିଳାଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ତେବେ ଏହା କେବଳ ଏକ ପାରମ୍ପରିକ ପରିଧାନ ନୁହେଁ, ଏହା ଏବେ ଏକ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ପୂର୍ବରୁ ମହିଳାମାନେ ଏହାକୁ ସିମ୍ପଲ୍ ଷ୍ଟାଇଲ୍‌ରେ ପିନ୍ଧୁଥିବାବେଳେ ଏବେ ଏହାକୁ ବେଲ୍ଟ, ଜ୍ୟାକେଟ୍, ଧୋତି, ତଥା ଟପ୍‌ସ ସହ ପିନ୍ଧି ନିଜକୁ ଆଧୁନିକ ଲୁକ୍ ଦେଉଛନ୍ତି ।

### ବେଲ୍‌ଟ

ଏବେ ମହିଳାମାନେ ଅଣ୍ଟାରେ ବେଲ୍‌ଟ ବାନ୍ଧି ଶାଢ଼ୀ ପିନ୍ଧୁଛନ୍ତି । ଏହାଦ୍ୱାରା ଶାଢ଼ି ଭଲରେ ସେଟ୍ ହୋଇ ରହିଥାଏ । ପଣତକାନି ବାରମ୍ବାର ତଳକୁ ଖସେ ନାହିଁ । ଏଥିରୁ ଷ୍ଟାଇଲିଶ୍ ସାଙ୍ଗକୁ ଏକ ଆଧୁନିକ ଲୁକ୍ ମିଳିଥାଏ । ବେଲ୍‌ଟ ଉଭୟ ଆଧୁନିକ ଓ ପାରମ୍ପରିକ ରହିଛି । ସେହିପରି ଏହାକୁ ପିନ୍ଧି ପାର୍ଟି, ଫଙ୍କ୍‌ସନ୍‌କୁ ଯାଇପାରିବେ ।

### ଧୋତି ଷ୍ଟାଇଲ୍

ଶାଢ଼ି ପିନ୍ଧିବାର ଏହି ପ୍ରକ୍ରିୟା ଟିକେ ଭିନ୍ନ । ଏଥିରେ ଶାଢ଼ି କୁଞ୍ଚ କରି ଧୋତି ଷ୍ଟାଇଲ୍‌ରେ ଡ୍ରେପିଂ କରି ପିନ୍ଧା ଯାଇଥାଏ । ଏଥିରେ ଶାଢ଼ିର ପ୍ଲିଟ୍‌ଗୁଡ଼ିକ ଦୁଇଗୋଡ଼ ମଧ୍ୟ ଦେଇ ନିଆଯାଇ ଅଣ୍ଟା ପାଖରେ ବନ୍ଧା ଯାଇଥାଏ । ଏହା ବିଶେଷ କରି ନୃତ୍ୟ ପ୍ରତିଯୋଗୀତା କିମ୍ବା କୌଣସି ବିଶେଷ ଦିନମାନଙ୍କରେ ପିନ୍ଧା ଯାଇଥାଏ । ଏହା ଖୁବ୍ ଆର୍ଷଣୀୟ ଦେଖାଯାଏ ।

### ଜ୍ୟାକେଟ୍ ସହ ଶାଢ଼ି

ମହିଳାମାନେ ନିଜକୁ ଏକ ରୟାଲ୍ ଲୁକ୍ ଦେବାକୁ ଚାହୁଁଥିଲେ, ଶାଢ଼ି ଉପରେ ଜ୍ୟାକେଟ୍ ପରିଧାନ କରିପାରିବେ । ଏହି ଜ୍ୟାକେଟ୍ ଛୋଟ, ବଡ଼ ବିଭିନ୍ନ ଷ୍ଟାଇଲ୍‌ର ରହିଛି । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ଫ୍ୟାନ୍‌ସି ବ୍ଲାଉଜ୍

ସେହିପରି ଶାଢ଼ିରେ ପାରମ୍ପରିକ ବ୍ଲାଉଜ୍ ବଦଳରେ ଅଫ୍‌ସୋଲଡର୍, ହଲ୍‌ଟର୍ ନେକ୍, ବ୍ୟାକ୍‌ଲେସ୍ ବ୍ଲାଉଜ୍ ଆଦି ପିନ୍ଧିପାରିବେ । ଏଥିରେ ଶାଢ଼ିର ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

### ସାର୍ଟ ସହ ଶାଢ଼ି

ସାର୍ଟ ସହ ଶାଢ଼ି ପିନ୍ଧିଲେ ଏଥିରୁ ଏକ ମଡର୍ଣ୍ଣ ତଥା ଫ୍ୟୁଜନ୍ ଲୁକ୍ ମିଳିଥାଏ । ଏହାଦ୍ୱାରା ପାରମ୍ପରିକ ଶାଢ଼ିକୁ ଆଧୁନିକ୍ ଲୁକ୍ ଦିଆଯାଇଥାଏ । ଏଥିରେ ବ୍ଲାଉଜ୍ ବଦଳରେ ଫୁଲ୍ ସ୍ଲିଭ୍ ସାର୍ଟ, ଡେନିମ୍ କିମ୍ବା କ୍ରପ୍ ସାର୍ଟ ପିନ୍ଧା ଯାଇଥାଏ । ଏହାକୁ ଶାଢ଼ି ଉପରେ କିମ୍ବା ଭିତର ପାର୍ଶ୍ୱରେ ଟକ୍ କରି ଷ୍ଟାଇଲ କରିପାରିବେ ।

# ଘନ କେଶ ପାଇଁ ମେହେନ୍ଦୀ ତେଲ

ମେହେନ୍ଦୀ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିପାଇଁ ଅନେକ ସପ୍ତାହକୁ ଥରେ ଏହା କେଶରେ ଲଗାଇଥାନ୍ତି । ଏହାଦ୍ୱାରା କେଶରେ ପ୍ରାକୃତିକ ଚମକ ଆସିଥାଏ । ସେହିପରି ଚାହିଁଲେ ମେହେନ୍ଦୀ ତେଲ ଲଗାଇ କେଶକୁ ଘନକଳା କରିପାରିବେ ।



### ଆବଶ୍ୟକ ସାମଗ୍ରୀ

ଏହାକୁ ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ମେହେନ୍ଦୀ ପାଉଡର, ଏକ କପ୍ ନଡ଼ିଆ ତେଲ, ଜଡ଼ା ତେଲ, ମେଥି ଦାନା ଓ ଏକ ଚାମଚ ଭୃସଙ୍ଗପତ୍ର ଗୁଣ୍ଡ ଭିଟାମିନ୍ – ଇ କ୍ୟାପ୍‌ସୁଲ୍ ଆବଶ୍ୟକ ।

### ପ୍ରସ୍ତୁତି

ଗୋଟେ ଲୁହା କଡ଼େଇରେ ତେଲ ଢାଳି ତାକୁ ଧିମା ଆଞ୍ଚରେ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ଏଥିରେ ମେହେନ୍ଦୀ ଓ ଭୃସଙ୍ଗପତ୍ରଗୁଣ୍ଡ ପକାଇ ଏପଟସେପଟ କରନ୍ତୁ । ଏହାପରେ ମେଥିଦାନା ଦିଅନ୍ତୁ । ଏହାକୁ ଧିମା ଆଞ୍ଚରେ ୧୫ ମିନିଟ୍ ବସାନ୍ତୁ । ଧ୍ୟାନ ରଖିବେ ତେଲ ଯେମିତି ନ ଜଳେ । ତେଲର ରଙ୍ଗ ପରିବର୍ତ୍ତନ ହେଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏହା ଥଣ୍ଡା ହୋଇଗଲେ ଗୋଟିଏ ସୂତା କପଡ଼ାରେ ଛାଣି ଏହାକୁ ରଖନ୍ତୁ ।

### ତେଲ ଲଗାଇବାର ବିଧି

କେଶ ଧୋଇବାର କିଛି ଘଣ୍ଟା ପୂର୍ବରୁ ଏହାକୁ ଲଗାନ୍ତୁ । ପ୍ରଥମେ ଏହାକୁ ହାଲୁକା ହାତରେ ସ୍କାଲ୍‌ପରେ ମସାଜ୍ କରନ୍ତୁ । ଏହାପରେ କେଶର ଲଗାନ୍ତୁ । ଚାହିଁଲେ ଏହାକୁ ରାତିରେ ଲଗାଇ ସକାଳେ ଧୋଇପାରିବେ । ସପ୍ତାହରେ ଥରେ ଦୁଇଥର ଲଗାଇବା ପରେ କେଶରେ ନାନା ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହା କେଶକୁ ମୂଳରୁ ମଜଭୂତ କରି କେଶଝଡ଼ା ରୋକିଥାଏ । ଏଥିସହ କେଶରେ ଚମକ ଆଣି କେଶକୁ କଳା, ଚିକ୍କଣ କରିଥାଏ ।

### ମୋ ହାଣ୍ଡିଶାଳରୁ...

# ରାଇସ୍ ଆମ୍‌ଲେଟ୍



### ଆବଶ୍ୟକ ସାମଗ୍ରୀ

ବଏଲ୍ ରାଇସ୍ - ୨୦୦ ଗ୍ରାମ୍, ଅଣ୍ଡା- ଦୁଇଟି, ହଳଦୀଗୁଣ୍ଡ - ଅଧା ଚାମଚ ଲଙ୍କାଗୁଣ୍ଡ - ଅଧା ଚାମଚ, କଟା ପିଆଜ ଶଣ୍ଢା - ଏକ ଚାମଚ, ଚିଜ୍ - ଖଣ୍ଡେ, ଲୁଣ - ସ୍ୱାଦ ଅନୁସାରେ, ଚିଲି ଅଏଲ୍- ଦୁଇ ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଚିଲି ଅଏଲ୍ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସିଝା ଭାତକୁ ଦେଇ ପିଠା ଖଡ଼ିକାରେ ଭଲରେ ଖେଳାଇ ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ସେଥିରେ ଅଣ୍ଡା ଭାଙ୍ଗି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଲୁଣ ପକାଇ ଗୋଳେଇ ଦିଅନ୍ତୁ । ଏହି ଅଣ୍ଡାକୁ ଭାତ ଉପରେ ଦେଇ ଦିଅନ୍ତୁ । ଏହା ଉପରେ ପିଆଜ ଶଣ୍ଢା, ଚିଜ୍ ପକାଇ ପାଞ୍ଚ ମିନିଟ୍ ଧିମା ଆଞ୍ଚରେ ଘୋଡାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି, ଆମ୍‌ଲେଟକୁ ଏକ ପାଖ କରି ଲେଉଟାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ରାଇସ୍ ଅମ୍‌ଲେଟ୍' ।

# ଥ୍ରେଡର୍ ଇୟରିଂ



ମେକ୍‌ଅପ୍ ଭଳି ସମୟାନୁସାରେ କାନଫୁଲକୁ ନେଇ ମଧ ବିଭିନ୍ନ ଡିଜାଇନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଯୁବତୀଙ୍କ ମଧ୍ୟରେ ଥ୍ରେଡର୍ ଇୟରିଂର ଚାହିଦା ରହିଛି । ଏହା ସାଧା ଓ ସରୁ ଚେନ୍ କାନଫୁଲ । ଏଥିରେ ହୁପ୍ କିମ୍ବା ତାଲି ନ ଥିବାରୁ ଏହା ପିନ୍ଧିବା ସୁବିଧାଜନକ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ଏହା ସବୁ ପ୍ରକାର ମୁଖଗଠନ ଶୈଳୀକୁ ମାନିଥାଏ । ତେବେ ଏହା କେଉଁ ଆଉଟ୍ ଫିଟ୍‌କୁ ଭଲ ମାନିବ ଜାଣିବା ସେ ବିଷୟରେ ।

ପାର୍ଟି, ଫଙ୍କ୍‌ସନ୍‌ରେ ଟିକେ ହେଭି ଦିଶିବାକୁ ଚାହୁଁଥିଲେ, ଝୁମ୍‌କା କିମ୍ବା ଷ୍ଟୋନ୍ ଲାଗିଥିବା କାନଫୁଲ ପିନ୍ଧିପାରିବେ । ଖୋଲା କେଶ ଅପେକ୍ଷା ଏହା ବନ୍ଧା କେଶରେ ଭଲ ମାନିଥାଏ । ସେହିପରି ଏହି କାନଫୁଲ ତଳୁ ଚେନ୍ ଭଳି ଝୁଲି ରହୁଥିବାରୁ ଏହା ଯୁବତୀଙ୍କର ଅତି ପ୍ରିୟ ହୋଇଥାଏ । ଏହା ଜିନ୍ସ, ଟପ୍‌ସ, ସାଲୱର ସୁଟ୍ ଆଦି ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ଗୋଲକାର ଏବଂ ଡାଇମଣ୍ଡ ଫେସ୍ ଥିବା ଯୁବତୀମାନେ ପତଳା, ଲେୟାର୍ଡ ଚେନ୍ ଡିଜାଇନର



କାନଫୁଲ ପିନ୍ଧିପାରିବେ । ସେହିପରି ଲମ୍ବା, ସେପ୍ ଥିବା ମହିଳାଙ୍କୁ ଓଜନିଆ ଥ୍ରେଡର୍ ଇୟରିଂ ଡିଜାଇନ୍ ଭଲ ମାନିଥାଏ । ଏହି ଡିଜାଇନର ବିଶେଷ କରି ବଟର ଫ୍ଲାଏ, ଷ୍ଟୋନ୍, ଫ୍ଲାୱାର, ମୁନ୍ ସେପ୍, ହାର୍ଟସେପ୍ ଆଦି କାନଫୁଲ ଡିଜାଇନ୍ ଟ୍ରେଣ୍ଡରେ ରହିଛି । ପର୍ଲ ଏବଂ ହାପ୍‌ମୁନ୍ ଡିଜାଇନର କାନଫୁଲ ବିଶେଷ କରି କଲେଜ ଏବଂ କର୍ମଜୀବୀ ମହିଳାଙ୍କ ପ୍ରଥମ ପସନ୍ଦ ପାଲଟିଛି ।

# ଆଲମଣ୍ଡରେ ତ୍ୱଚା ହେବ ଉଜ୍ଜ୍ୱଳ

ପୋଷକ ତତ୍ତ୍ୱରେ ଭରପୂର ଆଲମଣ୍ଡ ତ୍ୱଚା ପାଇଁ ହିତକର । ଏହାର ବ୍ୟବହାରରେ ବ୍ରଣ, ଚର୍ମ କୁଞ୍ଚନ ଦୂର ହେବା ସହ ତ୍ୱଚା ଉଜ୍ଜ୍ୱଳ ଦିଶେ । ସୁସ୍ଥ, ସୁନ୍ଦର ତ୍ୱଚା ପାଇଁ ଏହାକୁ କିଭଳି ବ୍ୟବହାର କରିବେ, ଜାଣିବା ସେ ସମ୍ପର୍କରେ... ।



- ଆଲମଣ୍ଡକୁ ବାଟି ରଖନ୍ତୁ । ଏଥିରେ ଦହି ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ୧୦ ମିନିଟ୍ ପରେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ସପ୍ତାହକୁ ଦୁଇ ଥର ଏହାକୁ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ଦିଶିବ ।
- ଆଲମଣ୍ଡ ପେଷ୍ଟରେ ପାଚିଲା ଅମୃତଭଣ୍ଡାକୁ ଚକଟି ଦିଅନ୍ତୁ । ଏହାକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଥରେ କିମ୍ବା ଦୁଇଥର ବ୍ୟବହାର କରିବା ଦ୍ୱାରା ବ୍ଲାକ୍‌ହେଡ୍ସ ଦୂର ହୋଇଥାଏ ।
- ଆଲମଣ୍ଡ ପେଷ୍ଟରେ ନଡ଼ିଆ ରସ ମିଶାଇ ଲଗାନ୍ତୁ । ୫-୬ ଦିନରେ ଥରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ରହେ ।
- ଆଲମଣ୍ଡ ପେଷ୍ଟରେ ମହୁ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ଦଶ ମିନିଟ୍ ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ତୁରନ୍ତ ଉଜ୍ଜ୍ୱଳ ଦିଶେ ।



## ବିସିସିଆଇର ବଡ଼ ନିଷ୍ପତ୍ତି

# ବଦଳିପାରିବେ ଗୁରୁତର ଆହତ ଖେଳାଳି



ମୁମ୍ବଇ,୧୬।୮ (ଏଜେନ୍ସି): ଘରୋଇ କ୍ରିକେଟର ପ୍ଲେଇଂ କଣ୍ଡିସନ ବା ଖେଳ ସର୍ତ୍ତାବଳୀରେ ବିସିସିଆଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଚଳିତ ସିଜନର ସମସ୍ତ ଘରୋଇ ମଲ୍ଟି ଡେ (ଏକାଧିକ ଦିନ ଧରି ହେଉଥିବା କ୍ରିକେଟ୍) କ୍ରିକେଟ ପ୍ରତିଯୋଗିତାରେ ଗୁରୁତର ଆହତ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବ। ଚଳିତ ସିଜନ ଲାଗି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ପ୍ଲେଇଂ କଣ୍ଡିସନ୍‌ରେ ବିସିସିଆଇ 'ସିରିୟସ ଇଞ୍ଜୁରୀ ରିପ୍ଲେସ୍‌ମେଣ୍ଟ' କ୍ଲଜ୍ ଯୋଡିଛି। ଏହା କେବଳ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି ଭଳି ଏକାଧିକ ଦିନ ଧରି ଖେଳାଯାଉଥିବା ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଲାଗୁ ହେବ। ୧୯ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଏହି ନିୟମ ମଧ ଲାଗୁ ହେବ। କିନ୍ତୁ ଏହା ସୟଦ ମୁସ୍ତାକ ଅଲି ଟି-୨୦ କିମ୍ବା ବିଜୟ ହଜାରେ ଟ୍ରଫି ୫୦ ଓଭର ବିଶିଷ୍ଟ କ୍ରିକେଟରେ ଲାଗୁ ହେବ ନାହିଁ। ନିକଟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଋଷଭ ପନ୍ତ୍ ଓ କ୍ରିସ୍ ଓକ୍ସଙ୍କ ଆହତ ହେବା ପରେ ବିସିସିଆଇ ଏଭଳି ନିଷ୍ପତ୍ତି ନେଇଛି। ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଚତୁର୍ଥ ଟେଷ୍ଟରେ ଭାରତର ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ଗୋଡରେ ଆଘାତ ଲାଗିବା ଫଳରେ ଓ ପଞ୍ଚମ ଟେଷ୍ଟରେ କ୍ରିସ୍ ଓକ୍ସଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିବା ଫଳରେ ଉଭୟ ଖେଳାଳି ମ୍ୟାଚ୍‌ରେ ଅବଶିଷ୍ଟ ସମୟ ଖେଳି ପାରି ନ ଥିଲେ। ଏପରିକି ମ୍ୟାଚ୍ ବଞ୍ଚାଇବା ଲାଗି ଓକ୍ସ ଗୋଟିଏ ହାତରେ ଯନ୍ତ୍ରଣାର ସହ ବ୍ୟାଟିଂ କରିଥିଲେ।

ଗୁରୁତର ଆହତ ହୋଇଥିଲେ ମଧ ଆଇସିସି ନିୟମ ଅନୁଯାୟୀ ସେମାନଙ୍କ ସ୍ଥାନରେ ଅନ୍ୟ କୌଣସି ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା। ଯାହା ଫଳରେ ଉଭୟ ଦଳ ସମ୍ପୃକ୍ତ ମ୍ୟାଚ୍‌ରେ ଜଣେ ଲେଖାଏଁ ଖେଳାଳିଙ୍କ ଅନୁପସ୍ଥିତିରେ ଖେଳିଥିଲେ। ଟେଷ୍ଟ ମ୍ୟାଚ୍‌ରେ କେବଳ କନକସସ ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାର ଏବେ ନିୟମ ରହିଛି। କିନ୍ତୁ ପନ୍ତ ଓ ଓକ୍ସଙ୍କ ଗୁରୁତର ଆଘାତ ପରେ ଏହି ନିୟମରେ ପରିବର୍ତ୍ତନ ଆଣିବାକୁ ଦାବି ଜୋର ହୋଇଥିଲା। ଏପରିକି ଯେଉଁ ଖେଳାଳି ଆହତ ହୋଇଛନ୍ତି, ଠିକ୍ ତାଙ୍କ ପରି ଜଣେ ସମାନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦେବାକୁ ଦାବି କରାଯାଇଥିଲା। କିନ୍ତୁ ଏ ସମ୍ପର୍କରେ ଆଇସିସି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା କିମ୍ବା ନିୟମ ପରିବର୍ତ୍ତନ ଲାଗି କିଛି ପଦକ୍ଷେପ ନିଆଯାଇ ନ ଥିଲା।

ବିସିସିଆଇ ଏବେ ପାଦେ ଆଗେଇଯାଇ ଏପରି ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନେଇଛି। ଏହା ଫଳରେ ଯଦି ଦଳରେ ଜଣେ ଖେଳାଳି ଗୁରୁତର ଆହତ ହୁଅନ୍ତି, ତେବେ ତାଙ୍କ ସମକକ୍ଷ ଜଣେ ଖେଳାଳିଙ୍କୁ ଅବଶିଷ୍ଟ ସମୟରେ ଖେଳିବାକୁ ସୁଯୋଗ ଦିଆଯିବ ବୋଲି ବିସିସିଆଇ ପ୍ଲେଇଂ କଣ୍ଡିସନରେ ଯୋଡିଛି। ଏହା ନିଶ୍ଚିତଭାବେ ଆହତ ସମସ୍ୟା ଲାଗି ଗୋଟିଏ ଦଳ ଅସୁବିଧାରେ ପଡ଼ିବ ନାହିଁ। କିନ୍ତୁ ବିସିସିଆଇ ସର୍ତ୍ତ ରଖିଛି ଯେ, ଆଘାତ ସମସ୍ୟାଟି ଖେଳ ପଡ଼ିଆ ମଧ୍ୟରେ ହୋଇଥିବ। ଖେଳାଳିଙ୍କ ବାହାର ଅଂଶରେ ଆଘାତ ଲାଗିଥିବା ଜରୁରୀ। ଯେପରି ଜଣେ ଖେଳାଳିଙ୍କ ହାତଗୋଡ କିମ୍ବା ଅନ୍ୟ କିଛି ଭାଙ୍ଗିଯିବା, ଗଭୀର କ୍ଷତ ସୃଷ୍ଟି ହେବ କିମ୍ବା କାନ୍ଧରୁ ହାଡ ଖସିଯିବା। ଏପରି ଆଘାତ ହୋଇଥିଲେ ଖେଳାଳି ପରିବର୍ତ୍ତନ ଲାଗି ମ୍ୟାଚ୍ ରେଫରି ଉଭୟ ଡାକ୍ତର ଓ ଅମ୍ପାୟାର ନିଷ୍ପତ୍ତି ନେଇ ସମଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବା ଲାଗି ଅନୁମତି ଦେଇ ପାରିବେ। ଉଭୟ ଆହତ ଓ ବଦଳ ଖେଳାଳି ଏହି ମ୍ୟାଚ୍ ଖେଳିବାର ରେକର୍ଡ ରହିବ।

### ଫିଟ୍ ହେଲେ ସୂର୍ଯ୍ୟକୁମାର

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ପାଇଁ ଏକ ଖୁସି ଖବର ଆସିଛି। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ଜୁନ ମାସରେ ଜର୍ମାନୀରେ ସୂର୍ଯ୍ୟକୁମାରଙ୍କ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅପରେସନ ହୋଇଥିଲା। ଅପରେସନ ପରେ ସୁସ୍ଥ ହୋଇଥିବା ସୂର୍ଯ୍ୟଙ୍କର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ରେ ଫିଟନେସ ପରୀକ୍ଷା ହୋଇଥିଲା। ଏଥିରେ ସେ ପାସ୍ କରିଥିବା ବିସିସିଆଇ ପକ୍ଷରୁ ଜଣାପଡ଼ିଛି। ଫଳରେ ଏସିଆ କପ୍‌ରେ ସେ ଦଳରେ ନେତୃତ୍ୱ ନେବା ନିଶ୍ଚିତ ହୋଇଛି। ଏସିଆ କପ୍ ଲାଗି ମଙ୍ଗଳବାର ୧୫ ଜଣିଆ ଦଳ ଚୟନ ହେବ। ଏଥିରେ ମୁଖ୍ୟ ଚୟନକର୍ତ୍ତାଙ୍କ ସହ ୩୪ ବର୍ଷୀୟ ସୂର୍ଯ୍ୟକୁମାର ଉପସ୍ଥିତ ରହିବେ। ସେପ୍ଟେମ୍ବର ୯ରୁ ୟୁଏଇରେ ଏସିଆ କପ୍ କ୍ରିକେଟ୍ ଖେଳାଯିବ। ଆୟୋଜକ ୟୁଏଇ, ପାକିସ୍ତାନ ଓ ଓମାନ ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ୟୁଏଇ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ସେପ୍ଟେମ୍ବର ୧୪ରେ ପାକିସ୍ତାନ ଓ ୧୯ ରେ ଓମାନ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର୍-୪କୁ ଯୋଗ୍ୟତା ଅର୍ଜନ କରିବେ।

# ସିରିଜ୍ ସୁଇପ୍ ଲକ୍ଷ୍ୟରେ ଭାରତ-ଏ

ବ୍ରିସବେନ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତ-ଏ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜକୁ ଆଗୁଆ କବଜା କରିନେଇଛି। ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ-ଏ ମହିଳା କ୍ରିକେଟ୍ ଦଳକୁ ଭାରତ-ଏ ୩ ୱିକେଟ୍‌ରେ ହରାଇଥିଲା। ଏହାପରେ ସ୍ୱାଧୀନତା ଦିବସରେ ଖେଳାଯାଇଥିବା ୨ୟ ଦିନିକିଆକୁ ଭାରତ-ଏ ୨ ୱିକେଟ୍‌ରେ ଜିତିନେଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ଆଲିସା ହେଲୀଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟରେ ୨୬୫ ରନ କରିଥିଲା। ହେଲୀ ସର୍ବାଧିକ ୯୧ ରନ କରିଥିଲେ। ଭାରତ-ଏ ପକ୍ଷରୁ ମିନୁ ମାନି ୩ ଓ ସଇମା ଠାକୁର ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ-ଏ ନିମ୍ନକ୍ରମର ବ୍ୟାଟରଙ୍କ ଉପଯୋଗୀ ପାଳି ବଳରେ ଗୋଟିଏ ବଲ୍ ଓ ୨ ୱିକେଟ ବଳକା ଥାଇ ବିଜୟୀ ହୋଇଥିଲା। ଓପନର ୟସ୍ତିକା ଭାଟିଆ ସର୍ବାଧିକ ୬୬ ରନ କରିଥିଲେ। ସେହିଭଳି ଅଧିନାୟିକା ରାଧା ଯାଦବ ୬୦ ଓ ୮ମ ସ୍ଥାନରେ ଆସିଥିବା ତନୁଜା କନୱର ୫୦ ରନ କରି ଦଳକୁ ଆଗୁଆ ସିରିଜ କବଜା କରିବାରେ ସହାୟତା କରିଥିଲେ। ରବିବାର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଭ୍ରମଣକାରୀ ଭାରତ-ଏ ସିରିଜ କ୍ଲିନ ସୁଇପ୍ କରିବାକୁ ଲକ୍ଷ୍ୟ ରଖିଛି।

## ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍

# ଭାରତୀୟ ଦଳରେ ବିଶାଖା

ଭୁବନେଶ୍ୱର, ୧୬।୮ (ସମିସ): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ସୁନ୍ଦରଗଡ଼ର ବିଶାଖା ଟପ୍ପୋ ସ୍ଥାନ ପାଇଛନ୍ତି। ସେ ଉଭୟ ଦଳଗତ ଓ ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ବିଶାଖା ଭୁବନେଶ୍ୱରସ୍ଥିତ ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୯ରେ



ବିଶାଖା ୧୩ ବର୍ଷରୁ କମ୍ ସିଙ୍ଗଲ୍ସରେ ରାଜ୍ୟ ଚାମ୍ପିଅନ ହୋଇଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଏହି ଅବସରରେ ରାଜ୍ୟ କ୍ରୀଡ଼ା ଜଗତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୬ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଗୌହାଟୀରେ ଖେଳାଯିବ। ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ୩୭ଟି ଦଳ ଭାଗନେବେ। ଦଳଗତ ଇଭେଣ୍ଟରେ ଭାରତ ୨ୟ ସିଡ୍ ମାନ୍ୟତା ପାଇଛି। ଆୟୋଜକ ଭାରତ ଗ୍ରୁପ୍-ଏଚ୍'ରେ ହଂକଂ, ନେପାଳ ଓ ଘାନା ସହ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ଶୀର୍ଷ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ। ୨୦୦୮ ପରେ ପ୍ରଥମଥର ଲାଗି ଭାରତ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ଅଧିକାର ହାସଲ କରିଛି।

## ମ୍ୟାଚ୍‌ରେ ମ୍ୟାକ୍ସୱେଲ, ସିରିଜ୍‌ରେ ଡେଭିଡ୍ ଶ୍ରେଷ୍ଠ

# ଅଷ୍ଟ୍ରେଲିଆର ଟି-୨୦ ସିରିଜ୍ କବ୍‌ଜା


କେର୍ନସ,୧୬।୮ (ଏଜେନ୍ସି): ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ (୩୬ ବଲରେ ୬୨*ରନ୍)ଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ରୋମାଞ୍ଚକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ନଂ-୬ରେ ବ୍ୟାଟିଂ କରିବାକୁ ଆସି ୩୬ ବଲ୍‌ରୁ ୮ ଚୌକା ଓ ୨ ଛକା ସହ ୬୨ ରନ୍ କରି ଅପରାଜିତ ଥିବା ମ୍ୟାକ୍ସୱେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୩ଟି ମ୍ୟାଚ୍‌ରେ ୧୫୦ ରନ୍ କରିଥିବା ଅଷ୍ଟ୍ରେଲିଆର ଟିମ୍ ଡେଭିଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଟି-୨୦ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଏଠାରେ ଅଗଷ୍ଟ ୧୯ରୁ ଆରମ୍ଭ ହେବ। ଏହା ପରେ ମ୍ୟାକୟରେ ଅଗଷ୍ଟ ୨୨ ଓ ୨୩ରେ ଶେଷ ଦୁଇଟି ଦିନିକିଆ ମ୍ୟାଚ୍ ଖେଳାଯିବ।

ଏହି ମ୍ୟାଚ୍‌ରେ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କ ୫୩ ଓ ରାସି ଭାନ ଡର ଡୁସେନଙ୍କ ଅପରାଜିତ ୩୮ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୧୭୨ ରନ୍ କରିଥିଲା। ନାଥାନ ଏଲିସ୍ ୩ଟି, ଜୋଶ ହାଜ୍‌ଲେଉଡ୍ ଓ ଆଦାମ ଜାମ୍ପା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ଅଷ୍ଟ୍ରେଲିଆ ଆଗରେ ୧୭୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରି ୮ ଓଭରରୁ ୬୬ ରନ୍ ଉଠାଇଥିଲା। କିନ୍ତୁ ଓପନର ଟ୍ରାଭିସ ହେଡ୍‌ଙ୍କୁ ଆଇଡେନ ମାର୍କରାମ ଆଉଟ କରି



ବ୍ରେକ୍ ଥ୍ରୁ ଦେବା ପରେ ଅଷ୍ଟ୍ରେଲିଆ ୨୦ ରନ୍‌ରେ ୪ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଡେଭିଡ୍ ଓ ମ୍ୟାକ୍ସୱେଲ ପାଳି ସଜାଡିଆସୁଥିଲାବେଳେ ଦଳ ୨ ରନ୍‌ରେ ୨ଟି ୱିକେଟ ହରାଇ ପୁଣି ବିପଦରେ ପଡ଼ିଥିଲା। ଏହି ସମୟରେ ଦଳ ୧୩.୫ ଓଭରରେ ୧୨୨ ରନ୍‌ରେ ୬ ୱିକେଟ ହରାଇଥିଲା। ଏହି ସମୟରେ ୮ ବଲ୍‌ରେ ୭ ରନ୍ କରିଥିବା ମ୍ୟାକ୍ସୱେଲ ଏକାକୀ ଲଢ଼ୁଆ ଖେଳି ଦକ୍ଷିଣ ଆଫ୍ରିକା ନିକଟରୁ ମ୍ୟାଚ୍ ଛଡ଼ାଇଆଣିଥିଲେ। ଏହି ସ୍କୋର ପରେ ୨ଜଣ ଖେଳାଳି ଆଉଟ ହୋଇଥିଲାବେଳେ ଗୋଟିଏ ରନ୍ ହୋଇଥିଲା। ମ୍ୟାକ୍ସୱେଲ ଏକାକୀ ଅବଶିଷ୍ଟ ରନ୍ ସଂଗ୍ରହ କରି ଗୋଟିଏ ବଲ ବାକିଥାଇ ଦଳକୁ ମ୍ୟାଚ୍ ଜିତାଇଥିଲେ। ପରାଜିତ ଦଳର କର୍ବିନ ବୋଶ ୩ଟି, କାଗିସୋ ରାବାଡ଼ା ଓ କ୍ୱେନା ମାପାକା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ମଧ ତାହା ଦଳକୁ ଜିତାଇ ପାରି ନ ଥିଲା।

# ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ସିମ୍ପ୍‌ସନ୍‌ଙ୍କ ପରଲୋକ



ସିଡନୀ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବବ୍ ସିମ୍ପସନଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଜଣେ ଓପନିଂ ବ୍ୟାଟର୍ ସହ ସିମ୍ପସନ ଲେଗ୍-ସ୍ପିନ ବୋଲିଂ ମଧ କରିଥାନ୍ତି। ସେହିଭଳି ସ୍ଲିପ ଅଞ୍ଚଳରେ ସେ ଜଣେ ଶ୍ରେଷ୍ଠ ଫିଲ୍ଡର ଥିଲେ। ସିମ୍ପସନଙ୍କୁ ୧୬ ବର୍ଷ ହୋଇଥିବାବେଳେ ସେ ନ୍ୟୁ ସାଉଥୱେଲ୍ସ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ୧୯୫୭ରୁ ୧୯୭୮ ମସିହା ମଧରେ ସେ ଅଷ୍ଟ୍ରେଲିଆ ପାଇଁ ୬୨ ଟେଷ୍ଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ଯେଉଁଥିରେ ସେ ୪୬.୮୧ ହାରରେ ୪୮୬୯ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ୧୦ ଶତକ ଓ ୨୭ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ୭୧ଟି ୱିକେଟ୍ ମଧ ଅକ୍ତିଆର କରିଛନ୍ତି। ଏହାବାଦ୍ ପ୍ରଥମଶ୍ରେଣୀ ଫର୍ମାଟ୍‌ରେ ସେ ୨୫୭ ମ୍ୟାଚ୍ ଖେଳି ୬୦ ଶତକ ଓ ୧୦୦ ଅର୍ଦ୍ଧଶତକ ସହ ୨୧,୦୨୯ ରନ ସଂଗ୍ରହ କରିଥିଲେ। ଅବସର ପରେ ସିମ୍ପସନ ୧୯୮୬ରୁ ୧୯୯୬ ପର୍ଯ୍ୟନ୍ତ ୧୦ ବର୍ଷ ଧରି ଅଷ୍ଟ୍ରେଲିଆ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଅଷ୍ଟ୍ରେଲିଆ ୧୯୮୭ ବିଶ୍ୱକପ ଓ ୧୯୮୯ରେ ଆସେସ୍ ସିରିଜ ବିଜୟୀ ହୋଇଥିଲା।

# ଜାତୀୟସ୍ତରର ଫୁଟ୍‌ବଲ ଖେଳାଳି ଉତ୍ତମଙ୍କ ବିୟୋଗ

ଭୁବନେଶ୍ୱର, ୧୬।୮ (ସମିସ): ଓଡ଼ିଶାର ପୂର୍ବତନ ଜାତୀୟସ୍ତରର ଫୁଟବଲ୍ ଖେଳାଳି ଉତ୍ତମ କୁମାର ବେହେରାଙ୍କ ୫୫ ବର୍ଷ ବୟସରେ



ବିୟୋଗ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ପତ୍ନୀ, ପୁତ୍ର ଓ କନ୍ୟା ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ଉତ୍ତମ ଜଣେ ଗୋଲ୍‌କିପର ଭାବେ ରାଜ୍ୟ ପକ୍ଷରୁ ଖେଳୁଥିଲେ। ସେ ଜାତୀୟ ଜୁନିଅର ଓ ସବ୍‌ଜୁନିଅର ବର୍ଗରେ ବହୁ ଜାତୀୟସ୍ତରର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

# ଜମିଲ୍‌ଙ୍କ ଦଳରେ ସ୍ଥାନ ପାଇଲେନି ଛେତ୍ରୀ

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆଗାମୀ କାଫା ନେସନ୍ସ କପ୍ ଲାଗି ୩୫ ଜଣିଆ ସମ୍ଭାବ୍ୟ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି।



ନବନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ ଖଲିଦ ଜମିଲଙ୍କ ଦ୍ୱାରା ଘୋଷିତ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କ ନାମ ନାହିଁ। ତେବେ ୪୧ ବର୍ଷୀୟ ଛେତ୍ରୀଙ୍କୁ ଦଳରୁ ବାଦ୍ ଦିଆଯାଇଛି କି ସେ ନିଜ ଆଡୁ ବିଶ୍ରାମ ନେଇଛନ୍ତି ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ଅବସର ପରେ ପୁଣିଥରେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ପ୍ରତ୍ୟାବର୍ତ୍ତନ କରି ଛେତ୍ରୀ ୪ଟି ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ସେ ମାତ୍ର ଗୋଟିଏ ଗୋଲ୍ ଦେଇଛନ୍ତି। ତେଣୁ ନୂଆ ପ୍ରଶିକ୍ଷକ ଜମିଲ ପ୍ରଦର୍ଶନକୁ ନେଇ ତାଙ୍କୁ ବାଦ୍ ଦେଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ କିନ୍ତୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। କାଫା ନେସନ୍ସ କପ୍‌ରେ ଭାରତ ଅଗଷ୍ଟ ୨୯ରେ ତାଜିକିସ୍ତାନ, ସେପ୍ଟେମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍-୨୦୨୬

# ଜର୍ମାନୀର ଯୋଗ୍ୟତା ଅର୍ଜନ




ବର୍ଲିନ୍,୧୬।୮ (ଏଜେନ୍ସି): ୩ ଥରର ଚାମ୍ପିଅନ ଜର୍ମାନୀ ୨୦୨୬ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସ୍ପେନ୍‌କୁ ୪-୧ ଗୋଲରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ଏଠାରେ ଚାଲିଥିବା ୟୁରୋ କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିବା ପରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଏକ ସେମିଫାଇନାଲରେ ଫ୍ରାନ୍ସକୁ ହରାଇ ନେଦରଲାଣ୍ଡସ ମଧ ଫାଇନାଲରେ ପ୍ରବେଶ କରିଛି। ନିୟମ ଅନୁଯାୟୀ ୟୁରୋକପ୍ ଚାମ୍ପିଅନ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା କଥା। କିନ୍ତୁ ୨୦୨୬ ବିଶ୍ୱକପ୍ ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବ। ଏଣୁ ଆୟୋଜକ ଭାବେ ଉଭୟ ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଅନ୍ୟ କୌଣସି ପ୍ରକାର ଯୋଗ୍ୟତା ଅର୍ଜନରେ ଏହି ଦୁଇ ଦେଶ ସାମିଲ ହେବେ ନାହିଁ। ଏଣୁ ୟୁରୋକପ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ହେଲେ ମଧ ପୂର୍ବରୁ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ୟୁରୋପର ଦ୍ୱିତୀୟ ଦଳ ଭାବେ ଜର୍ମାନୀ ଯୋଗ୍ୟତା ଅର୍ଜନ କରିବ। ଏଣୁ ୟୁରୋ କପ୍ ଫାଇନାଲର ଫଳାଫଳ ଯାହା ହେଉ ପଛେ ଜର୍ମାନୀ ଟାଇଟଲ ରକ୍ଷା ଲାଗି ସୁଯୋଗ ପାଇଛି। ସେହିପରି ୨୦୨୩-୨୪ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବା ଦଳ ମଧ ଯୋଗ୍ୟତା ଅର୍ଜନ କରିବା କଥା। ପ୍ରୋ-ଲିଗ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ଓ ବେଲଜିୟମ ରନର୍ସ ଅପ୍ ହୋଇଥିବାରୁ ଏମାନେ ବାଦ୍ ପଡ଼ିଛନ୍ତି। ଏହା ଫଳରେ ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନରେ ଥିବା ସ୍ପେନ୍ ପ୍ରୋ-ଲିଗ୍ କୋଟାରୁ ଯୋଗ୍ୟତା ଅର୍ଜନ କରିଛି। ସେହିପରି ୨୦୨୪-୨୫ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବାରୁ ୬ଟି ଦଳକୁ ଯୋଗ୍ୟତା, ୧୦ ସ୍ଥାନ ପୂରଣ ହେବ: ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏଯାଏ ବିଭିନ୍ନ କୋଟାରେ ୬ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ତାହା ମଧ୍ୟରେ ୟୁରୋପର ୪ଟି ଦଳ ରହିଛି। ସେଗୁଡିକ ହେଲା ନେଦରଲାଣ୍ଡସ, ବେଲଜିୟମ, ସ୍ପେନ୍ ଓ ଜର୍ମାନୀ। ଅନ୍ୟ ଦୁଇ ଦଳ ହେଲା ପାନ୍‌ଆମେରିକାନ ଚାମ୍ପିଅନ ଆର୍ଜେଣ୍ଟିନା ଓ ୨୦୨୪-୨୫ ପ୍ରୋ-ଲିଗ୍ ଚାମ୍ପିଅନ ଅଷ୍ଟ୍ରେଲିଆ। ଏଣୁ ବିଶ୍ୱକପ୍‌ରେ ଆହୁରି ୧୦ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ତାହା ମଧ୍ୟରୁ ଏସିଆ, ଆଫ୍ରିକା ଓ ଓସେନିଆ ଚାମ୍ପିଅନ ଟିମ୍ ୩ଟି ସ୍ଥାନରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟ ୭ଟି ଦେଶ ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରୁ ଯୋଗ୍ୟ ବିବେଚିତ ହେବେ। ଭାରତ ଏହି ୧୦ଟି ମଧ୍ୟରେ ରହିଛି। ଏସିଆ କପ ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୮ ଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହେଲେ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଯଦି ଚାମ୍ପିଅନ ହୋଇ ନ ପାରେ, ତେବେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାଗନେଇ ଭାଗ୍ୟ ପରୀକ୍ଷା କରିବ।

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

# ଶେଷଦଳ ଭାବେ ଆମେରିକାକୁ ଟିକଟ

ଦୁବାଇ,୧୬।୮ (ଏଜେନ୍ସି): ଯୁକ୍ତରାଷ୍ଟ୍ର ଆମେରିକା ୧୬ତମ ତଥା ଶେଷଦଳ ଭାବେ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ସବୁ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଅର୍ଜୁନ ମହେଶଙ୍କ ନେତୃତ୍ୱରେ ଡବଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଉଥିବା କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଆମେରିକା ଚାମ୍ପିଅନ ହେବା ସହ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ମେଗା ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡିକର ନାମ ହେଲେ ଆୟୋଜକ ଦେଶ ଭାବେ ଜିମ୍ବାୱେ। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ରେ ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ଯଥା ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆୟର୍ଲାଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍। ଆଫ୍ରିକୀୟ କ୍ୱାଲିଫାୟର ଭାବେ ତାଞ୍ଜାନିଆ, ଏସୀୟ କ୍ୱାଲିଫାୟର ଭାବେ ଆଫଗାନିସ୍ତାନ, ଆମେରିକା କ୍ୱାଲିଫାୟର ଭାବେ ଆମେରିକା, ପୂର୍ବ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟର ଭାବେ ଜାପାନ ଏବଂ ୟୁରୋପିଆନ୍ କ୍ୱାଲିଫାୟର ଭାବେ ସ୍କଟଲାଣ୍ଡ ଏଥର ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ

EXECUTIVE EDITOR: SAMARENDU DAS